# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ମେ ୧୬/୨୦୨୧ (୧୨ ପୃଷ୍ଠା ) Sambalpur, Sunday, May 16/2021 ★★

୧୭ଶ ଭାଗ ୧୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



DSPL-34

ଓଡ଼ିଶା ସରକାର

# କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି

୪୨ ଲକ୍ଷ
କ୍ଷୁଦ୍ର ଓ ନାମମାତ୍ର ଚାଷୀ
ଏବଂ ଭୂମିହୀନ ଚାଷୀ
ପରିବାରଙ୍କୁ
ଖରିଫ ୨୦୨୧ ପାଇଁ
୯୨୦ କୋଟି ଟଙ୍କା
କାଳିଆ ସହାୟତା



ପବିତ୍ର ଅକ୍ଷୟ ତୃତୀୟା ଅବସରରେ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ରାଜ୍ୟର ଚାଷୀ ଭାଇଭଉଣୀମାନଙ୍କୁ
ଡିବିଟି ମାଧ୍ୟମରେ
ହସ୍ତାନ୍ତର

କୃଷି ଓ କୃଷକ ସଶକ୍ତିକରଣ ବିଭାଗ

OIPR-01034/13/0003/2122

## ସତ୍କାର ପୂର୍ବରୁ ଉଠିଗଲେ ବୃଦ୍ଧା

କୋଭିଡ୍‌ରେ ସଂକ୍ରମିତ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଯାଇଥିବା ଭାବି ତାଙ୍କୁ ସତ୍କାର ପାଇଁ ନିଆଯିବାବେଳେ ସେ ହଠାତ୍ ଉଠିଯିବା ଘଟଣା ମହାରାଷ୍ଟ୍ରରେ ଚର୍ଚ୍ଚାର ବିଷୟ ପାଲଟିଛି। ମୁଧାଲେ ଗ୍ରାମର ଶକୁନ୍ତଳା ଗାଏକୱାଡ(୭୬) କରୋନାରେ ସଂକ୍ରମିତ ହୋଇଥିଲେ। ମେ ୧୦ରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ହସ୍ପିଟାଲରେ ବେଡ୍ ନ ଥିବାରୁ କାର୍‌ରେ ଅପେକ୍ଷା କରିଥିବାବେଳେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ମୃତ ଭାବି ଶେଷକୃତ୍ୟ ପାଇଁ ପରିବାର ଲୋକେ ଶକୁନ୍ତଳାଙ୍କୁ ଘରକୁ ନେଇଯାଇଥିଲେ। ହେଲେ ସତ୍କାର ପୂର୍ବରୁ ହଠାତ୍ ସେ କାନ୍ଦି ଉଠିଥିଲେ।

## ସଂକ୍ଷେପରେ

### କେନାଲରେ ଭ୍ୟାନ୍ ଖସି ପରିବାରର ୧୧ ମୃତ

**ଲାହୋର, ୧୫।୫:** ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ କେନାଲ ମଧ୍ୟକୁ ଏକ ଯାତ୍ରୀବାହୀ ଭ୍ୟାନ୍ ଖସିପଡ଼ିବାରୁ ଗୋଟିଏ ପରିବାରର ୧୧ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୭ ଶିଶୁ, ୩ ମହିଳା ଓ ଜଣେ ପୁରୁଷ ଅଛନ୍ତି। ଶେଖୁପୁରା ଜିଲାର ଖନ୍‌କା ଡୋଗ୍ରାନ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ପୋଲିସ ଓ ଉଦ୍ଧାରକାରୀ ଟିମ୍ ମିଆଁୱାଲି କେନାଲରୁ ମୃତଦେହଗୁଡ଼ିକୁ ବାହାର କରିଛନ୍ତି।

### ତଉକ୍‌ତାଏ ପ୍ରଭାବ: କେରଳରେ ପ୍ରବଳ ବର୍ଷା

**ଥିରୁଭାନନ୍ତପୁରମ୍, ୧୫।୫:** ଆରବ ସାଗରରେ ସୃଷ୍ଟ ବାତ୍ୟା 'ତଉକ୍‌ତାଏ' ପ୍ରଭାବରେ କେରଳରେ ପ୍ରବଳ ମାତ୍ରାରେ ବର୍ଷା ହୋଇଛି। ଏହା ଦ୍ୱାରା ଉପକୂଳ ଅଞ୍ଚଳ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେଠାରେ ସରକାରଙ୍କ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ଗୁରୁବାର ରାତିରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। କନ୍ନୁରଠାରୁ ପ୍ରାୟ ୨୯୦ କି.ମି. ଦୂରରେ ଅବପାତ ଥିବାବେଳେ ଏହାର ପ୍ରଭାବରେ ବର୍ଷା ଆରମ୍ଭ ହୋଇଯାଇଛି। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସରକାରଙ୍କ ପକ୍ଷରୁ ଅନେକ କ୍ୟାମ୍ପର ବ୍ୟବସ୍ଥା କରାଯାଇଛି। ଏନ୍‌ଡିଆରଏଫ୍ ଟିମ୍ ବିଭିନ୍ନ ସ୍ଥାନରେ ଉଦ୍ଧାର କାର୍ଯ୍ୟରେ ଲାଗିଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ 'ତଉକତେ' ବଡ଼ ଧରଣର ବାତ୍ୟାର ରୂପ ନେବା ପରେ ତାହା ଉତ୍ତର ଓ ଉତ୍ତର-ପଶ୍ଚିମ ଦିଗରେ ଗତି କରି ମେ ୧୮ ସକାଳ ସୁଦ୍ଧା ଗୁଜରାଟ ଉପକୂଳ ଛୁଇଁବ।

### ବି୧.୬୧୭.୨ ଭାରିଆଣ୍ଟ ସଂକ୍ରମଣ ରୋକିବାରେ ଟିକା କମ୍ ପ୍ରଭାବୀ

**ଲଣ୍ଡନ, ୧୫।୫(ପି.ଟି.):** ଭାରତରେ ପ୍ରଥମେ ଚିହ୍ନଟ ହୋଇଥିବା କୋଭିଡ୍-୧୯ ଭୂତାଣୁର ବି୧.୬୧୭.୨ ଭାରିଆଣ୍ଟର ସଂକ୍ରମଣ ରୋକିବାରେ ଟିକା ବିଶେଷ ପ୍ରଭାବୀ ନୁହେଁ ବୋଲି ବ୍ରିଟେନ ବୈଜ୍ଞାନିକ ମତ ଦେଇଛନ୍ତି। ବ୍ରିଟେନର ଟିକାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସରକାରୀଙ୍କୁ ପରାମର୍ଶ ଦେଉଥିବା ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରଫେସର ଆନ୍ଥୋନୀ ହାର୍‌ଣ୍ଡେନ୍ କହିଛନ୍ତି, ଭାରତରେ ପ୍ରଥମେ ଦେଖାଦେଇଥିବା କୋଭିଡ୍ ଭାରିଆଣ୍ଟ କେତେ ଅଧିକ ବେଗରେ ସଂକ୍ରମିତ ହେଉଛି, ତାହା ସ୍ପଷ୍ଟ ହୋଇ ନ ଥିବାରୁ ଇଂଲଣ୍ଡରେ ଲକ୍‌ଡାଉନ କୋହଳ କରିବା ପୂର୍ବରୁ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଟିକା ମଧ୍ୟମ ଆକ୍ରାନ୍ତଙ୍କ ପାଇଁ କମ୍ ଫଳପ୍ରଦ ହୋଇପାରେ କିନ୍ତୁ ଗୁରୁତର ରୋଗୀଙ୍କ ପାଇଁ ନୁହେଁ ବୋଲି ପ୍ରଫେସର ହାର୍‌ଣ୍ଡେନ୍ କହିଛନ୍ତି।

### ସରକାରଙ୍କ ଟିକା ନୀତି ତୃତୀୟ ଲହରକୁ ଡାକିଆଣିବ



ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ, ୧୫।୫(ପି.ଟି.):** ଏକ ଉପଯୁକ୍ତ ଜାତୀୟ ଟିକା ରଣନୀତି ପ୍ରସ୍ତୁତି ଲାଗି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଆହ୍ୱାନ ଦେଇଛନ୍ତି। ସରକାରଙ୍କ ବିନାଶକାରୀ ଟିକା ନୀତି ଦେଶରେ କରୋନାର ବିଧ୍ୱଂସକାରୀ ତୃତୀୟ ଲହରକୁ ଡାକିଆଣିବ ବୋଲି ସେ କହିଛନ୍ତି। ଗଙ୍ଗାନଦୀରୁ ହଜାର ହଜାର କରୋନା ସନ୍ଦିଗ୍ଧଙ୍କ ମୃତଦେହ ମିଳିଥିବାରୁ ପ୍ରଧାନମନ୍ତ୍ରୀ ମା' ଗଙ୍ଗାଙ୍କୁ କନ୍ଦାଇ ଦେଇଥିବା ରାହୁଲ ଅଭିଯୋଗ କରିଛନ୍ତି। ସରକାରଙ୍କ ଭୁଲ୍ ଟିକାନୀତି ଓ ମହାମାରୀ ପରିଚାଳନାରେ ବିଫଳତାକୁ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି।

### ଚାଇନାରେ ଝଡ଼ବାତ୍ୟା, ୭ ମୃତ

**ବେଜିଂ, ୧୫।୫:** ଚାଇନାର ଉହାନ ଓ ସୁଜୋଉ ସହରରେ ଝଡ଼ବାତ୍ୟା ଯୋଗୁ ୭ ଜଣଙ୍କ ମୃତ୍ୟୁ ହୋଇଛି। ଏହାସହ ୨୩୯ ଜଣ ଗୁରୁତର ହୋଇଛନ୍ତି । ଉହାନର କାଇଡିଆନ ଜିଲାରେ ଶୁକ୍ରବାର ରାତିରେ ବାତ୍ୟା ଯୋଗୁ ୬ ଜଣଙ୍କ ଜୀବନ ଯାଇଛି। ଏଥିଯୋଗୁ ଅନେକ ଗଛ, ବିଲ୍ଡିଂ ଆଦି ଭାଙ୍ଗି ଯାଇଛି। ପ୍ରାୟ ୮ ହଜାର ବର୍ଗକିମି ବିଶିଷ୍ଟ ଏକ ନିର୍ମାଣ ସାଇଟ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ସୁଜେଉ ସହରରେ ଝଡ଼ବାତ୍ୟା ଯୋଗୁ ୨୧ ଜଣ ଗୁରୁତର ହୋଇଥିବାବେଳେ ଜଣଙ୍କ ମୃତ୍ୟୁ ଘଟିଛି।

## ବାଇଡେନଙ୍କ ବରିଷ୍ଠ ଉପଦେଷ୍ଟା ନୀରା ଟଣ୍ଡନ



ଭାରତୀୟ ବଂଶୋଦ୍ଭବ ନୀରା ଟଣ୍ଡନ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ବରିଷ୍ଠ ଉପଦେଷ୍ଟା ଭାବେ ହ୍ୱାଇଟ୍ ହାଉସ୍‌ରେ ଯୋଗ ଦେଇଛନ୍ତି। ନୀରାଙ୍କ ବୁଦ୍ଧିମତ୍ତା, ଦୃଢ଼ତା ଏବଂ ରାଜନୈତିକ ଅଭିଜ୍ଞତା ବାଇଡେନ୍ ପ୍ରଶାସନ ପାଇଁ ଆସେଟ୍ ହେବ ବୋଲି ସେଣ୍ଟର ଫର୍ ଆମେରିକାନ୍ ପ୍ରୋଗ୍ରେସ୍ (ସିଏପି)ର ପ୍ରତିଷ୍ଠାତା ଜନ୍ ପୋଡେଷ୍ଟା ଏକ ବିବୃତିରେ କହିଛନ୍ତି। ତେବେ ସିଏପିରେ ଆମେ ତାଙ୍କର ନେତୃତ୍ୱ ଏବଂ ନୀତି ବିଶେଷଜ୍ଞତା ହରାଇବୁ ବୋଲି ସେ କହିଛନ୍ତି। ବାଇଡେନ୍ ପ୍ରଶାସନର ଅନେକ ନୀତି ନୀରାଙ୍କ ନେତୃତ୍ୱରେ ବିକଶିତ ହୋଇଥିଲା। ସୂଚନାଯୋଗ୍ୟ ବାଇଡେନ୍ କ୍ଷମତାକୁ ଆସିବା ପରେ ନୀରାଙ୍କୁ ଅଫିସ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ବଜେଟର ନେତୃତ୍ୱ ନେବା ପାଇଁ ଚୟନ କରିଥିଲେ। କିନ୍ତୁ ରିପବ୍ଲିକାନ ଓ ଡେମୋକ୍ରାଟିକ୍ ଦଳର କେତେଜଣ ସଦସ୍ୟ ଏହାକୁ ବିରୋଧ କରିବାରୁ ନୀରା ତାଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଥିଲେ।

## ମୋଦି ବିରୋଧୀ ପୋଷ୍ଟର: ୧୫ ଗିରଫ




କରୋନା ମହାମାରୀ ନିୟନ୍ତ୍ରଣ ଓ ଟିକା ପରିଚାଳନାର ବିଫଳତାକୁ ନେଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ସମାଲୋଚିତ ହୋଇଛନ୍ତି। କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳ ସରକାରଙ୍କ ଭୁଲ ନୀତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତେବେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଟିକା ନୀତିକୁ ସମାଲୋଚନା କରାଯାଇ ରାଜଧାନୀ ଦିଲ୍ଲୀର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯିବା ଘଟଣା ସମାଲୋଚକଙ୍କୁ ମହଙ୍ଗା ପଡ଼ିଛି। ପୋଷ୍ଟର ଲଗାଇଥିବା ୧୫ ଜଣଙ୍କୁ ଗିରଫ କରାଯିବା ସହ ଏକାଧିକ ଏତଲା ବିଭିନ୍ନ ଥାନାରେ ଦାଏର କରାଯାଇଛି। ଉକ୍ତ ପୋଷ୍ଟରରେ ଲେଖାଯାଇଛି, ମୋଦିଜୀ ଆମ ପିଲାମାନଙ୍କ ଟିକାକୁ କ'ଣ ପାଇଁ ବିଦେଶରେ ବିକିଲ। ଗୁରୁବାର ରାତିରେ କେହି ଉକ୍ତ ପୋଷ୍ଟରଗୁଡ଼ିକୁ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଲଗାଇଥିଲେ। ଆଇପିସିର ଧାରା ୧୮୮ ଓ ଅନ୍ୟାନ୍ୟ ଧାରାରେ ୧୭ ଏତଲା ଦାଏର ହୋଇଥିବା ପୋଲିସ କହିଛି।

# ୧୦ ରାଜ୍ୟରେ ୮୫% ସଂକ୍ରମଣ

## ଦିନକରେ ୩.୨୬ ଲକ୍ଷ ପଜିଟିଭ୍, ୩,୮୯୦ ମୃତ



**ନୂଆଦିଲ୍ଲୀ, ୧୫।୫(ପି.ଟି.)**

ମୋଟ କରୋନା ସଂକ୍ରମଣର ୮୫ ପ୍ରତିଶତ ୧୦ଟି ରାଜ୍ୟରେ ଦେଖିବାକୁ ମିଳିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୧୧ ରାଜ୍ୟରେ ସକ୍ରିୟ ମାମଲା ୧ ଲକ୍ଷରୁ ଅଧିକ ରହିଥିବାବେଳେ ୮ ରାଜ୍ୟରେ ୫୦,୦୦୦ରୁ ୧ ଲକ୍ଷ ମଧ୍ୟରେ ରହିଛି। ସେହିପରି ୨୪ ଜିଲାରେ କୋଭିଡ୍ ପଜିଟିଭ୍ ହାର ୧୫ ପ୍ରତିଶତରୁ ଅଧିକ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୩,୨୬,୦୯୮ ନୂଆ ପଜିଟିଭ୍ ଚିହ୍ନଟ ହେବା ଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୪୩,୭୨,୯୦୭ରେ ପହଞ୍ଚିଛି। ସେହିପରି ଦିନକରେ ୩,୮୯୦ ଜଣଙ୍କ ମୃତ୍ୟୁ ଘଟିଥିବାରୁ ମୋଟ ମୃତ୍ୟୁସଂଖ୍ୟା ୨,୬୬,୨୦୭କୁ ବୃଦ୍ଧି ପାଇଛି। ସକ୍ରିୟ ମାମଲା ସଂଖ୍ୟା ୩୬,୭୩,୮୦୨ରେ ପହଞ୍ଚିଛି, ଯାହା ମୋଟ ସଂକ୍ରମଣର ୧୫.୦୭ ପ୍ରତିଶତ। କରୋନା ଆରୋଗ୍ୟ ହାର ୮୩.୮୩ ପ୍ରତିଶତ ଥିବା ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଗତ ୨୪ ଘଣ୍ଟାରେ ୩,୮୯୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମହାରାଷ୍ଟ୍ରରେ ସର୍ବାଧିକ ୬୯୫, କର୍ଣ୍ଣାଟକରେ ୩୭୩, ଉତ୍ତରପ୍ରଦେଶରେ ୩୧୧, ଦିଲ୍ଲୀରେ ୨୮୯, ତାମିଲନାଡୁରେ ୨୮୮, ଉତ୍ତରାଖଣ୍ଡରେ ୧୮୧ ଏବଂ ପଞ୍ଜାବରେ ୧୮୦ ଜଣଙ୍କ ଜୀବନ ନେଇଛି କରୋନା।

## ସ୍ଥାନୀୟ ସ୍ତରରେ କଣ୍ଟେନମେଣ୍ଟ ରଣନୀତି ସମୟର ଆବଶ୍ୟକତା

**ନୂଆଦିଲ୍ଲୀ, ୧୫।୫(ପି.ଟି.)**

### କୋଭିଡ୍ ସ୍ଥିତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦେଶର କୋଭିଡ୍ ସ୍ଥିତିର ସମୀକ୍ଷା କରିଛନ୍ତି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ସମ୍ବଳ ବୃଦ୍ଧି ଉପରେ ସେ ଗୁରୁତ୍ୱ ଦେବା ସହ ଘରକୁ ଘର ଯାଇ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ସ୍ତରରେ ବିଶେଷକରି ଅତ୍ୟଧିକ ପଜିଟିଭ୍ ହାର ଥିବା ଜିଲାଗୁଡ଼ିରେ କଣ୍ଟେନମେଣ୍ଟ ରଣନୀତି ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ରାଜ୍ୟଗୁଡିକୁ କୋଭିଡ୍ ସମ୍ପର୍କିତ ତଥ୍ୟ ସ୍ୱଚ୍ଛତାର ସହ ଉପସ୍ଥାପନ କରିବା ଲାଗି ପ୍ରୋତ୍ସାହିତ କରିଥିଲେ। କେତେକ ରାଜ୍ୟ କୋଭିଡ୍ ସଂକ୍ରମଣ ଓ ମୃତ୍ୟୁ ସମ୍ପର୍କରେ ଠିକ୍ ରିପୋର୍ଟ ଦେଉ ନ ଥିବା ନେଇ ଖବର ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଛନ୍ତି। ଗ୍ରାମାଞ୍ଚଳରେ ଅକ୍ସିଜେନ୍ ଯୋଗାଣ ସୁଗମ କରିବା ପାଇଁ ଏକ ସୁଷମ ବଣ୍ଟନ ଯୋଜନା କାର୍ଯ୍ୟକାରୀ କରିବା ଆବଶ୍ୟକ। ଅକ୍ସିଜେନ କନ୍‌ସେଣ୍ଟ୍ରେଟର ଓ ଅନ୍ୟାନ୍ୟ ଡାକ୍ତରୀ ଉପକରଣର ଉପଯୁକ୍ତ ପରିଚାଳନା ପାଇଁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଆବଶ୍ୟକ ତାଲିମ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଗତବର୍ଷ କରୋନାର ପ୍ରଥମ ଲହରରେ ଗ୍ରାମାଞ୍ଚଳ ବିଶେଷ ପ୍ରଭାବିତ ହୋଇ ନ ଥିଲା। କିନ୍ତୁ ଏଥର କରୋନା ଦ୍ୱିତୀୟ ଲହର ସହରାଞ୍ଚଳ ସମେତ ଗ୍ରାମାଞ୍ଚଳକୁ ମଧ୍ୟ ଗମ୍ଭୀର ଭାବେ ପ୍ରଭାବିତ କରିଛି। ସେହିପାଇଁ ଗ୍ରାମାଞ୍ଚଳରେ ଆଶା ଏବଂ ଅଙ୍ଗନୱାଡି କର୍ମୀମାନଙ୍କୁ ଆବଶ୍ୟକ ଯନ୍ତ୍ରପାତି ସହ ସଶକ୍ତୀକରଣ କରାଇବା ସପକ୍ଷରେ ମୋଦି କହିଥିଲେ। ଏବେ ଦେଶରେ ସପ୍ତାହକୁ ପାଖାପାଖି ୧.୩ କୋଟି ପରୀକ୍ଷା କରାଯାଉଛି, ଯାହା ମାର୍ଚ୍ଚରେ ୫୦ ଲକ୍ଷ ଥିଲା। ଏବେ ଉଭୟ ଆର୍‌ଟି-ପିସିଆର୍ ଏବଂ ରାପିଡ୍ ଆଣ୍ଟିଜେନ ପରୀକ୍ଷା ଆହୁରି ବଢ଼ାଇବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ କେନ୍ଦ୍ର ସରକାର ଯୋଗାଇ ଦେଇଥିବା ଭେଣ୍ଟିଲେଟରଗୁଡ଼ିକ କାର୍ଯ୍ୟ କରୁଛି କି ନାହିଁ ତାହାର ତୁରନ୍ତ ଅଡ଼ିଟ କରିବା ଲାଗି ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ କେତେକ ରାଜ୍ୟରେ ଭେଣ୍ଟିଲେଟର ଅଚଳ ହୋଇ ପଡ଼ିରହିଥିବା ଖବର ପ୍ରକାଶ ପାଇଥିଲା।

## ପଶ୍ଚିମବଙ୍ଗରେ ଆଜିଠାରୁ ଲକ୍‌ଡାଉନ

**କୋଲକାତା, ୧୫।୫**

କରୋନା ସଂକ୍ରମଣ ବଢୁଥିବାରୁ ରବିବାରଠାରୁ ପଶ୍ଚିମବଙ୍ଗକୁ ଦୁଇ ସପ୍ତାହ ପାଇଁ ଲକ୍‌ଡାଉନ କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି ସମୟରେ ସମସ୍ତ ଅଫିସ ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। କୋଲକାତା ମେଟ୍ରୋଠାରୁ ଆରମ୍ଭ କରି ସମସ୍ତ ପରିବହନ ସେବା ବନ୍ଦ ରଖିବାକୁ କୁହାଯାଇଛି। କେବଳ ଜରୁରୀ ସେବା ଜାରି ରହିବା ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦୋକାନ ସକାଳ ୭ଟାରୁ ୧୦ଟା ଖୋଲା ରହିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ପେଟ୍ରୋଲ ପମ୍ପ ଖୋଲା ରହିବାକୁ ଥିବାବେଳେ ବ୍ୟାଙ୍କ ଦିନ ୧୦ଟାରୁ ୨ଟା ଖୋଲା ରଖିବାକୁ କୁହାଯାଇଛି। ଶିକ୍ଷାନୁଷ୍ଠାନ ବନ୍ଦ ରହିବାକୁ ଥିବାବେଳେ ୫୦ ପ୍ରତିଶତ କର୍ମଚାରୀରେ ଚା' ବଗିଚା କାମ ଚାଲିବ। ଲକ୍‌ଡାଉନ ସମୟରେ ସାଂସ୍କୃତିକ, ରାଜନୈତିକ, ଶୈକ୍ଷିକ, ପ୍ରଶାସନିକ ଓ ଧର୍ମୀୟ ଉତ୍ସବକୁ ଅନୁମତି ମିଳିବ ନାହିଁ।

## କରୋନାରେ ଆଖିବୁଜିଲେ ମମତା ବାନାର୍ଜୀଙ୍କ ଭାଇ

**କୋଲକାତା, ୧୫।୫**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭାଇ ଅସୀମ ବାନାର୍ଜୀଙ୍କର ଶନିବାର ସକାଳେ କୋଲକାତାର ଏକ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୬୦ ବର୍ଷ ହୋଇଥିଲା। ସେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ଚିକିତ୍ସିତ ହେଉଥିଲେ ବୋଲି କୋଲକାତାର ମେଡିକା ସୁପରସ୍ପେଶିଆଲିଟି ହସ୍ପିଟାଲର ଅଧ୍ୟକ୍ଷ ଡ. ଆଲୋକ ରାୟ କହିଛନ୍ତି।

## ବ୍ଲାକ୍ ଫଙ୍ଗସ୍‌ର ମୁଖ୍ୟ କାରଣ ଷ୍ଟିରଏଡ୍

**ନୂଆଦିଲ୍ଲୀ/ଚଣ୍ଡିଗଡ଼, ୧୫।୫**

### ବିଜ୍ଞପିତ ରୋଗ ଘୋଷଣା କଲା ହରିୟାଣା

ମ୍ୟୁକୋର୍‌ମାଇକୋସିସ୍ ବା ବ୍ଲାକ୍ ଫଙ୍ଗସ୍ ରୋଗ ହଠାତ୍ ବଢ଼ିଯିବା ସହ ଏହା ମୃତ୍ୟୁହାରକୁ ମଧ୍ୟ ବଢ଼ାଇ ଦେଇଛି। ଏହାକୁ ନେଇ ଚିନ୍ତା ବଢୁଥିବାବେଳେ କରୋନା ରୋଗୀଙ୍କୁ ଅତ୍ୟଧିକ ଷ୍ଟିରଏଡ୍ ଦେବା ବ୍ଲାକ୍ ଫଙ୍ଗସ୍‌ର ଅନ୍ୟତମ ମୁଖ୍ୟ କାରଣ ବୋଲି ଏମ୍ସ ମୁଖ୍ୟ ଡ. ରଣଦୀପ୍ ଗୁଲେରିଆ ଶନିବାର କହିଛନ୍ତି। ଦିଲ୍ଲୀ ଏମ୍ସରେ ୨୩ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିକିତ୍ସିତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ୨୦ ଜଣ ଏବେ ବି କୋଭିଡ୍ ପଜିଟିଭ୍ ଅଛନ୍ତି। ବିଭିନ୍ନ ରାଜ୍ୟରେ ୫୦୦ରୁ ଅଧିକ ଏହି ରୋଗରେ ସଂକ୍ରମିତ ହେଲେଣି। ଏହା ମୁହଁ, ନାକ, ଆଖି, ମସ୍ତିଷ୍କକୁ କ୍ଷତିଗ୍ରସ୍ତ କରିବା ସହ ଦୃଷ୍ଟିଶକ୍ତିକୁ ନଷ୍ଟ କରିଦେଉଛି। ଡାଇବେଟିସ୍, କୋଭିଡ୍ ପଜିଟିଭ ଥାଇ ଷ୍ଟିରଏଡ୍ ନେଉଥିବା ରୋଗୀଙ୍କ କ୍ଷେତ୍ରରେ ବ୍ଲାକ୍ ଫଙ୍ଗସ୍ ହେବା ସମ୍ଭାବନା ଅଧିକ। ଏହାକୁ ରୋକିବାକୁ ହେଲେ ଷ୍ଟିରଏଡ୍‌ର ଅପବ୍ୟବହାର ରୋକିବାକୁ ହେବ ବୋଲି ଡ. ଗୁଲେରିଆ ପରାମର୍ଶ ଦେଇଛନ୍ତି।

ହରିୟାଣା ସରକାର ବ୍ଲାକ୍ ଫଙ୍ଗସ୍‌କୁ ବିଜ୍ଞପିତ ରୋଗ ଭାବେ ଘୋଷଣା କରିଛନ୍ତି। ପ୍ରତ୍ୟେକ ବ୍ଲାକ୍ ଫଙ୍ଗସ୍ ରୋଗୀ ସମ୍ପର୍କରେ ସରକାରୀ କର୍ତ୍ତୃପକ୍ଷଙ୍କୁ ଜଣାଇବା ଲାଗି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଅନିଲ ଭିଜ୍ ଶନିବାର କହିଛନ୍ତି। ଡାକ୍ତରମାନେ ଏ ସମ୍ପର୍କରେ ଜିଲା ମୁଖ୍ୟ ମେଡିକାଲ ଅଫିସରଙ୍କୁ ଜଣାଇବେ।

## ଇସ୍ରାଏଲ୍ ଆକ୍ରମଣରେ ଗାଜା ଟାୱାର ଧ୍ୱଂସ

**ଗାଜା ସିଟି, ୧୫।୫**

- ଟାୱାରରେ ଥିଲା ଆସୋସିଏଟେଡ୍ ପ୍ରେସ୍, ଅଲ୍ ଜଜିରା କାର୍ଯ୍ୟାଳୟ
- ଶରଣାର୍ଥୀ ଶିବିରରେ ୧୦ ମୃତ



ଗାଜା ସିଟିର ଦୁଇଟି ସ୍ଥାନରେ ଶନିବାର ଇସ୍ରାଏଲ୍ ବିମାନ ଆକ୍ରମଣ କରିଛି। ଏଥିରେ ଏକ ସୁଉଚ୍ଚ ଟାୱାର ଧ୍ୱଂସ ହୋଇଯାଇଛି। ଉକ୍ତ ୧୨ ମହଲା ଅଟ୍ଟାଳିକାରେ ଆସୋସିଏଟେଡ୍ ପ୍ରେସ୍ ଏବଂ ଅଲ୍ ଜଜିରାର କାର୍ଯ୍ୟାଳୟ ସମେତ ଅନ୍ୟ ଅଫିସ୍ ଏବଂ ରେସିଡେନ୍ସିଆଲ ଆପାର୍ଟମେଣ୍ଟ ରହିଥିଲା। ଟାୱାରଟି ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଯାଇଛି। ତେବେ ଆକ୍ରମଣ ପୂର୍ବରୁ ଇସ୍ରାଏଲ୍ ସୈନ୍ୟବାହିନୀ ଏ ସମ୍ପର୍କରେ ଆଗୁଆ ସୂଚନା ଦେଇଥିବାରୁ ଟାୱାରରୁ ଗଣମାଧ୍ୟମର ସମସ୍ତ କର୍ମଚାରୀ ଓ ଅନ୍ୟମାନଙ୍କୁ ବାହାର କରିଦିଆଯାଇଥିଲା। ସେହିପରି ଘନ ଜନବସତି ଥିବା ଶରଣାର୍ଥୀ ଶିବିର ଉପରେ ହୋଇଥିବା ବିମାନ ଆକ୍ରମଣରେ ୧୦ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ। କିଛିଦିନ ହେଲା ହମାସ୍ ଆତଙ୍କବାଦୀ ସଂଗଠନ ଓ ଇସ୍ରାଏଲ୍ ମଧ୍ୟରେ ସଂଘର୍ଷ ଲାଗି ରହିଛି। ଜେରୁଜେଲମ୍‌ରେ ଏହି ହିଂସା ଆରମ୍ଭ ହୋଇ ଅନ୍ୟ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି। ଗତ ସୋମବାର ରାତିରୁ ହମାସ ଇସ୍ରାଏଲ୍ ଉପରେ ଶତାଧିକ ରକେଟ ମାଡ଼ କରିବା ପରେ ଇସ୍ରାଏଲ୍ ଜବାବୀ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଗାଜାରେ ବର୍ତ୍ତମାନ ସୁଦ୍ଧା ଅନ୍ୟୂନ ୧୩୯ ଜଣଙ୍କ ମୃତ୍ୟୁ ହେଲାଣି। ସେମାନଙ୍କ ମଧ୍ୟରେ ୩୯ ଶିଶୁ ଓ ୨୨ ମହିଳା ରହିଛନ୍ତି। ସେହିପରି ଇସ୍ରାଏଲ୍‌ରେ ବର୍ତ୍ତମାନ ସୁଦ୍ଧା ୮ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ଚାଇନା ମିଶନ ମଙ୍ଗଳ

**ଗତ ବର୍ଷ ଜୁଲାଇରେ ମିଶନ ମାର୍ସରେ ଲୋହିତ ଗ୍ରହକୁ ତିଆନୱେନ-୧ ସ୍ପେସ୍‌କ୍ରାଫ୍ଟ ପଠାଇଥିଲା ଚାଇନା। ଗତ ଫେବୃୟାରୀରେ ମଙ୍ଗଳ କକ୍ଷପଥରେ ପହଞ୍ଚିବା ପରେ ସେଠାରେ ଏହି ମହାକାଶଯାନ ପରିକ୍ରମା ଜାରି ରଖିବା ସହ ଅନେକ ଫଟୋ ଉତ୍ତୋଳନ କରି ପୃଥିବୀକୁ ପଠାଇଥିଲା। ଏହି ମିଶନରେ ଏକ ଅର୍‌ବିଟର, ଲ୍ୟାଣ୍ଡର ଏବଂ ରୋଭର ସାମିଲ ରହିଛି। ଗୋଟିଏ ମିଶନରେ ମଙ୍ଗଳକୁ ସ୍ପେସ୍‌କ୍ରାଫ୍ଟ ପଠାଯିବା, ଗ୍ରହର ମାଟିରେ ଲ୍ୟାଣ୍ଡର ଅବତରଣ କରାଇବା ସହ ରୋଭରକୁ ମଧ୍ୟ ପୃଷ୍ଠଭାଗରେ ପହଞ୍ଚାଇବାରେ ଚାଇନାକୁ ସଫଳତା ମିଳିଛି। ଶନିବାର ରୋଭର 'ଝୁରୋଙ୍ଗ୍' ମଙ୍ଗଳ ମାଟିରେ ପହଞ୍ଚିବା ପରେ ଲାଲ୍ ଗ୍ରହରେ ଆମେରିକା ପରେ ଚାଇନାକୁ ଏହି ଐତିହାସିକ ସଫଳତା ମିଳିଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଏଥିପାଇଁ ମିଶନର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।**



**ବେଜିଂ, ୧୫।୫**

### ଆଂଶିକ ସଫଳ ହୋଇଥିଲା ରୁଷିଆ

ମଙ୍ଗଳରେ ରୋଭର ଅବତରଣ କରାଇବାରେ ଚାଇନାକୁ ଦ୍ୱିତୀୟ ସଫଳତମ ଦେଶ ବୋଲି କୁହାଯାଉଥିଲେ ହେଁ ଟେକ୍ନିକାଲ ଦୃଷ୍ଟିରୁ ଦେଖିଲେ ଲାଲ୍ ଗ୍ରହରେ ପହଞ୍ଚିବାରେ ଏହି ଦେଶ ତୃତୀୟ। ଆମେରିକାର ନାସା ଗତ ଫେବୃୟାରୀରେ ମଙ୍ଗଳରେ ପର୍ସିଭରେନ୍ସ ରୋଭର ଲ୍ୟାଣ୍ଡ କରାଇଥିଲା। ପୂର୍ବରୁ ରୁଷିଆ ଲୋହିତ ଗ୍ରହରେ ମହାକାଶଯାନକୁ ଅବତରଣ କରାଇଥିଲେ ହେଁ ଲ୍ୟାଣ୍ଡିଂ ପରେ ଏହା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ତେଣୁ ମଙ୍ଗଳରେ ପହଞ୍ଚିବାରେ ଚାଇନାକୁ ଆମେରିକା ପରେ ସଫଳତମ ଦ୍ୱିତୀୟ ଦେଶ ବୋଲି କୁହାଯାଉଛି।

### ୟୁଟୋପିଆ ପ୍ଲାନିସିଆରେ ଜଳ ଉତ୍ସ

ମଙ୍ଗଳର ୟୁଟୋପିଆ ପ୍ଲାନିସିଆରେ 'ଝୁରୋଙ୍ଗ୍' ଅବତରଣ କରିଛି। ଖାଲଢିପ ତଥା ଅସମତଳ ଅଞ୍ଚଳରେ ଭର୍ତ୍ତି ଲୋହିତ ଗ୍ରହରେ ଏହି ସ୍ଥାନ ପ୍ରାୟ ୩ ହଜାର କି.ମି. ପର୍ଯ୍ୟନ୍ତ ବ୍ୟାପ୍ତ ଏକ ବିଶାଳ ସମତଳ ଭୂମି। ୟୁଟୋପିଆ ପ୍ଲାନିସିଆ ମଙ୍ଗଳ ଗ୍ରହର ଉତ୍ତର ହେମିସ୍ଫିୟରରେ ଅବସ୍ଥିତ। ୧୯୭୬ରେ ନାସାର ଭିକିଂ-୨ ଲ୍ୟାଣ୍ଡର ସେହି ସ୍ଥାନରେ ପୃଷ୍ଠଭାଗ ଛୁଇଁଥିଲା। ଏହି ଗ୍ରହରେ ଆଗରୁ ଜୀବନ ଥିଲା କି ନାହିଁ ତାହାର ଅନୁସନ୍ଧାନ କରିବ 'ଝୁରୋଙ୍ଗ'। ୟୁଟୋପିଆ ପ୍ଲାନିସିଆ ମାଟି ତଳେ ବରଫ ଥାଇପାରେ ବୋଲି ଅନୁମାନ କରାଯାଉଛି। ଏପରିକି ଏହା ଏକଦା ସମୁଦ୍ର କିମ୍ବା ବିରାଟ ଜଳଉତ୍ସରେ ଆଚ୍ଛାଦିତ ହୋଇ ରହିଥିଲା ବୋଲି ମଧ୍ୟ ବୈଜ୍ଞାନିକମାନେ ଅନୁମାନ ଲଗାଉଛନ୍ତି। ଏହି ରୋଭର ଏ ସବୁର ଉତ୍ତର ଖୋଜିବ।

## କ'ଣ ଅଛି ରୋଭରରେ

ମଙ୍ଗଳ ଜଳବାୟୁର ଅନୁଧ୍ୟାନ ପାଇଁ ୨୪୦ କେଜି ଓଜନର 'ଝୁରୋଙ୍ଗ୍' ରୋଭରରେ ଅନେକ ବୈଜ୍ଞାନିକ ଉପକରଣ ଖଞ୍ଜାଯାଇଛି। ୬ ଚକା ବିଶିଷ୍ଟ ଏହି ରୋଭରରେ ଥିବା ହାଇ ରିଜୋଲ୍ୟୁଶନ କ୍ୟାମେରା ପଥର ଓ ପୃଷ୍ଠଭାଗର ଫଟୋ ଉତ୍ତୋଳନ କରିବ। ପଥର ଖଣ୍ଡଗୁଡ଼ିକରେ ଥିବା ଖଣିଜ ପଦାର୍ଥର ପ୍ରକୃତି ବିଷୟରେ ଜାଣିବା ପାଇଁ ଏକ ମଲ୍ଟିସ୍ପେକ୍ଟ୍ରାଲ କ୍ୟାମେରା ରହିଛି। ମାଟି ତଳେ କ'ଣ ରହିଛି ତାହାର ଅନୁସନ୍ଧାନ ପାଇଁ ଏଥିରେ ଗ୍ରାଉଣ୍ଡ-ପେନିଟ୍ରେଟିଂ ରାଡାର ବ୍ୟବସ୍ଥା କରାଯାଇଛି। ଏହି ରାଡାର ଦ୍ୱାରା ମଙ୍ଗଳର ଭୌଗୋଳିକ ପ୍ରକ୍ରିୟା ଉପରେ ରୋଭର ତଥ୍ୟ ଏକତ୍ର କରିବ। ଏଥିରେ ଥିବା ସ୍ପେକ୍ଟ୍ରୋମିଟର ଲେଜର ଜ୍ଞାନକୌଶଳ ଅନ୍ତର୍ଭୁକ୍ତ। କୌଣସି ରୋଭରରେ ମାଗ୍ନେଟୋମିଟର ଖଞ୍ଜାଯିବାରେ ଝୁରୋଙ୍ଗ୍ ପ୍ରଥମ। ଏହା ଦ୍ୱାରା ମଙ୍ଗଳର ଚୁମ୍ବକୀୟ କ୍ଷେତ୍ର ଉପରେ ଡାଟା ସଂଗ୍ରହ କରିହେବ। ଏଥିସହ ମଙ୍ଗଳ କିପରି ଏହାର ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ହରାଇଲା ତାହା ଏହି ମାଗ୍ନେଟୋମିଟର ଅନୁଧ୍ୟାନ କରିବ।



# ଧରିତ୍ରୀ
DHARITRI

ରବିବାର, ମେ ୧୬/୨୦୨୧ | Sunday, May 16/2021 | ପୃଷ୍ଠା-୧




**ଜୁନିୟର କ୍ରିକେଟ ଚୟନକର୍ତ୍ତା ଦୌଡ଼ରେ ସୁରିନ୍ଦର**

ଭାରତୀୟ ଜୁନିୟର କ୍ରିକେଟ ଦଳର ଚୟନକର୍ତ୍ତା ପଦବୀ ପାଇଁ ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ସୁରିନ୍ଦର ଅମରନାଥ ଆବେଦନ କରିଛନ୍ତି।

୧୦ ୦୮

**ବଞ୍ଚିବା କଷ୍ଟକର ହୋଇପଡ଼ିଛି**

ଲକ୍‌ଡାଉନରେ କାମ ହରାଇବା ସହ ରୋଗରେ ପୀଡ଼ିତ ହୋଇ ବଞ୍ଚିବା କଷ୍ଟକର ହୋଇପଡ଼ିଛି ବୋଲି କହିଛନ୍ତି ଅଭିନେତ୍ରୀ ସୁମୋନା ଚକ୍ରବର୍ତ୍ତୀ।



# ସଂକ୍ରମଣ କମୁନି | ବଢ଼ିପାରେ ଲକ୍‌ଡାଉନ୍

## କୋଭିଡ୍ ମୁକାବିଲା ପାଇଁ ଗଢ଼ାହେଲା ପରାମର୍ଶଦାତା କମିଟି

- ୩.୮ କୋଟି ଟିକା କିଣିବାକୁ ଯୋଜନା
- ଭେଣ୍ଟିଲେଟରରେ ୩ ହଜାର ଗୁରୁତର ରୋଗୀ



**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ବଢ଼ିଚାଲିଛି। ଗତ କିଛିଦିନ ହେବ ସଂକ୍ରମଣ ହାର ୧୦ ହଜାର ଉପରେ ରହୁଛି। ଶନିବାର ରାଜ୍ୟରେ ୧୧ ହଜାର ୮୦୫ ଜଣ ସଂକ୍ରମିତ ହୋଇଥିବାବେଳେ ୨୧ଜଣଙ୍କ ମୃତ୍ୟୁ ଘଟିଛି। ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ମେ' ୫ ତାରିଖରୁ ସମଗ୍ର ରାଜ୍ୟକୁ ଲକ୍‌ଡାଉନ ଘୋଷଣା କରିଛନ୍ତି। ଆସନ୍ତା ୧୯ ତାରିଖରେ ୧୪ ଦିନିଆ ଲକ୍‌ଡାଉନର ଅବଧି ଶେଷହେବାକୁ ଯାଉଛି। ସଂକ୍ରମଣ ସ୍ତର ଖସୁ ନ ଥିବାରୁ ରାଜ୍ୟରେ ପୁଣି ଲକ୍‌ଡାଉନ ଅବଧି ବୃଦ୍ଧି ହେବା ନିଶ୍ଚିତ ମନେହେଉଛି। ଏଭଳିସ୍ଥଳେ କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ଏକ ଉଚ୍ଚ କ୍ଷମତାସମ୍ପନ୍ନ ପରାମର୍ଶଦାତା କମିଟି ଗଠନ କରିଛନ୍ତି। ଶନିବାର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଗଣମାଧ୍ୟମକୁ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବିଶିଷ୍ଟ ଚିକିତ୍ସା ବିଜ୍ଞାନୀ ଡା. ଶ୍ରୀନାଥ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଛି। କମିଟିରେ ବହୁ ବରିଷ୍ଠ ଡାକ୍ତର, ବୈଜ୍ଞାନିକ ସଦସ୍ୟ ଅଛନ୍ତି। ଡାକ୍ତର ଦେବୀ ସେଠୀ, ରମାକାନ୍ତ ପଣ୍ଡା କମିଟିରେ ଥିବାବେଳେ ଡିଏମ୍‌ଇଟି ଏହାର ଆବାହକ ଅଛନ୍ତି। ଏହି କମିଟି ରାଜ୍ୟ ସରକାରଙ୍କୁ କୋଭିଡ୍ ପରିଚାଳନା ଓ ଟିକାକରଣ ପ୍ରସ୍ତୁତି ନେଇ ପରାମର୍ଶ ଦେବ। ବୈଜ୍ଞାନିକମାନଙ୍କ ଆକଳନ ଅନୁଯାୟୀ ତୃତୀୟ ଲହର ଛୋଟ ପିଲାମାନଙ୍କୁ ସଂକ୍ରମିତ କରିପାରେ। ଏଥିପାଇଁ କିପରି ପ୍ରସ୍ତୁତ ରହିବାକୁ ହେବ ସେ ନେଇ କମିଟି ସରକାରଙ୍କୁ ପରାମର୍ଶ ଦେବ। ଅନ୍ୟାନ୍ୟ ବଡ଼ ବଡ଼ ଦେଶରେ କରୋନାକୁ କିପରି ସଫଳ ଭାବେ ମୁକାବିଲା କରାଯାଇଛି, ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ କିପରି କରୋନା ନିୟନ୍ତ୍ରଣ କାର୍ଯ୍ୟରେ ନିୟୋଜିତ କରାଯିବ, ଡାକ୍ତରଖାନାଗୁଡ଼ିକରେ ଚିକିତ୍ସା ସୁବିଧାର ଉନ୍ନତି ପାଇଁ କ'ଣ ସବୁ ପଦକ୍ଷେପନିଆଯିବସେନେଇକମିଟି ସରକାରଙ୍କୁ ମାର୍ଗଦର୍ଶନ କରିବ। ପିଲାମାନଙ୍କ ଚିକିତ୍ସା ପାଇଁ କ'ଣ ଭିତ୍ତିଭୂମି ଓ ମାନବ ସମ୍ବଳର ଆବଶ୍ୟକତା ରହିଛି ସେ ସବୁ ବିଷୟରେ ସରକାରଙ୍କୁ ସହାୟତା କରିବ। ପରାମର୍ଶଦାତା କମିଟି ଦେଇଥିବା ସୁପାରିସକୁ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରିବେ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି।

ରାଜ୍ୟ ସରକାର ଟିକାକରଣକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଗ୍ଲୋବାଲ ଟେଣ୍ଡର ଜରିଆରେ ଟିକା କିଣିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ଗତ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି। ଶୁକ୍ରବାର ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ୍ ତରଫରୁ ଗ୍ଲୋବାଲ ଟେଣ୍ଡର ଡକାଯାଇଛି। ଟେଣ୍ଡର ଡକ୍ୟୁମେଣ୍ଟକୁ ନିଗମର ୱେବ୍‌ସାଇଟରେ ଅପ୍‌ଲୋଡ କରାଯାଇଛି। ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ ଯେ କି ଖୁବ୍ କମ୍ ସମୟ ଭିତରେ ଗ୍ଲୋବାଲ ଟେଣ୍ଡର କରିପାରିଛି। ୩ କୋଟି ୮୦ ଲକ୍ଷ ଟିକା କିଣିବାକୁ ଟେଣ୍ଡର କରାଯାଇଛି। ୪ ମାସ ମଧ୍ୟରେ ଟିକା କ୍ରୟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ୧୯ ତାରିଖରେ ପ୍ରି-ବିଡିଂ କରାଯିବ। ୨୮ ତାରିଖ ଭିତରେ ଟେଣ୍ଡର ସମ୍ପୂର୍ଣ୍ଣ କରାଯିବ। ଯଦି ଟେଣ୍ଡର ସଫଳ ହୁଏ ତେବେ ଖୁବ୍‌ଶୀଘ୍ର ଟିକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଗତ ୧୦ ଦିନ ହେବ ରାଜ୍ୟରେ ଲକ୍‌ଡାଉନ ଜାରିରହିଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ଅନ୍ୟସବୁ ଦୋକାନ ବଜାର ବନ୍ଦ ରହିଛି। ପ୍ରତ୍ୟେକ ଜିଲାର କୋଭିଡ୍ ସ୍ଥିତି ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି। ପ୍ରତ୍ୟେକ ଦିନ ଏହାକୁ ବିଶ୍ଳେଷଣ କରାଯାଉଛି। ଗତ ଦୁଇ ସପ୍ତାହ ଭିତରେ ଯଦି ଦେଖାଯାଏ ତେବେ ୧୦ ଜିଲାରେ ସଂକ୍ରମଣ ସ୍ଥିତି ସମାନ ରହିଛି। କିଛି କିଛି ଜିଲାରେ କମିବା ଆରମ୍ଭ ହୋଇଛି। ରାଜ୍ୟର ଭଦ୍ରକ, ବଲାଙ୍ଗୀର, ଦେବଗଡ଼, ଗଜପତି, ସମ୍ବଲପୁର, ଝାରସୁଗୁଡ଼ା, ନବରଙ୍ଗପୁର, ସୁନ୍ଦରଗଡ଼, ନୂଆପଡ଼ା ଜିଲାରେ ସଂକ୍ରମଣ ହାର ସମାନ ସ୍ଥିତିରେ ରହୁଛି ବା କମି କମି ଆସୁଛି। ଲକ୍‌ଡାଉନ ସତ୍ତ୍ୱେ ଗତ ୧୦ ଦିନ ହେବ ରାଜ୍ୟରେ ସଂକ୍ରମଣ ହାର ଗୋଟିଏ ସ୍ଥିତିରେ ୧୦ରୁ ୧୨ ହଜାର ମଧ୍ୟରେ ରହୁଛି। ଏହାକୁ ଆମେ ହାଲୁକା ☞ପୃଷ୍ଠା-୨

# ବାଲିରେ ପୋତିଥିଲେ ୨ ହଜାର ମୃତଦେହ



ୟୁପିର ପ୍ରୟାଗରାଜ ସ୍ଥିତ ଗଙ୍ଗାନଦୀ ଶ୍ରୀଙ୍ଗେରପୁର ଘାଟ ବାଲିରେ ପୋତା ଯାଇଥିବା ମୃତଦେହ।

## ଗଙ୍ଗାକୂଳରେ ଦବିଥିଲା ସତ

- ବର୍ଷା ଧରାଇଦେଲା ଚାଲବାଜି
- ଅପାରଗତା ଲୁଚାଇବାକୁ ଯୋଗୀଙ୍କ ଉଦ୍ୟମ

**ଲକ୍ଷ୍ନୌ/ନୂଆଦିଲ୍ଲୀ,୧୫।୫**

ଭାଜପା ଶାସିତ ଉତ୍ତରପ୍ରଦେଶ (ୟୁପି)ରେ ପ୍ରବାହିତ ଗଙ୍ଗାନଦୀ କୂଳର ୧୧୪୦ କି.ମି. ଅଞ୍ଚଳରେ ୨ ହଜାରରୁ ଊର୍ଦ୍ଧ୍ୱ କୋଭିଡ୍ ରୋଗୀଙ୍କ ମୃତଦେହ ଠାବ କରାଯାଇଛି। ପ୍ରଥମେ ଉଭୟ କେନ୍ଦ୍ର ଓ ୟୁପି ସରକାର ମୃତକଙ୍କ ସଂଖ୍ୟା ଲୁଚାଉଥିଲେ। ମୃତଦେହଗୁଡ଼ିକ ଭାସି ଭାସି ବିହାରରେ ପହଞ୍ଚିବା ପରେ ଏ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। କେତେକ ଜାତୀୟ ଗଣମାଧ୍ୟମ ସଂସ୍ଥାର ଖବରଦାତାମାନେ ଗଙ୍ଗାକୂଳ ସଂଲଗ୍ନ ୨୭ ଜିଲାରୁ ଗ୍ରାଉଣ୍ଡ ରିପୋର୍ଟ ସଂଗ୍ରହ କରିଥିଲେ। ରିପୋର୍ଟ ଅନୁସାରେ କାନପୁର, କନୌଜ, ଉନ୍ନାଓ, ଗାଜିପୁର ଓ ବାଲିଆରେ ସ୍ଥିତି ଅତି ସଙ୍ଗିନ ରହିଛି। କେବଳ କନୌଜ ଗଙ୍ଗାକୂଳରୁ ୩୫୦ରୁ ଊର୍ଦ୍ଧ୍ୱ ମୃତଦେହ ଠାବ ହୋଇଛି। କାନପୁରରେ କୁଢ଼କୁଢ଼ ଶବ ଭାସୁଥିବା ଦେଖିବାକୁ ମିଳିଛି। କେତେକ ସ୍ଥାନରେ ମୃତଦେହଗୁଡ଼ିକୁ କୁକୁର ଓ ଶାଗୁଣା ଖାଉଥିବାର ହୃଦୟ ବିଦାରକ ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି। ପୋଲିସ ଏବେ ଗଙ୍ଗାରେ ଓହ୍ଲାଇ ନୌକାରେ ମାଇକ୍ ଯୋଗେ ଘୋଷଣା କରୁଛି, ମୃତଦେହ ପାଣିରେ ନ ଭସାଇ ସଂସ୍କାର କର। ଯୋଗୀ ଆଦିତ୍ୟନାଥ ☞ପୃଷ୍ଠା-୨




## ସଡ଼କ ଦୁର୍ଘଟଣା: ୫ ମୃତ

**ରେମୁଣା/ବାରିପଦା ଅଫିସ, ୧୫।୫(ଡି.ଏନ.ଏ.)**

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ପୃଥକ୍ ସ୍ଥାନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୫ଜଣଙ୍କ ମୃତ୍ୟୁ ହୋଇଛି। ୨ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ମୃତକ ମୟୂରଭଞ୍ଜ ଜିଲାର ବୋଲି ଜଣାପଡ଼ିଛି। ବାରିପଦାରୁ ୫ଜଣ ଯୁବକ ଭୁବନେଶ୍ୱର ଅଭିମୁଖେ କାର୍(ନଂ. ଓଡ଼ି୧୧ଏମ୍-୩୮୨୦) ଯୋଗେ ଯାଉଥିବାବେଳେ ଶୁକ୍ରବାର ରାତି ପ୍ରାୟ ୩ଟା ବେଳେ ବାଲେଶ୍ୱର ଜିଲା ରେମୁଣା ଶିଳ୍ପାଞ୍ଚଳ ଥାନା ୧୬ନଂ. ଜାତୀୟ ରାଜପଥର ବିର୍ଲା ଟାୟାର୍ସ ନିକଟ ଓଭରବ୍ରିଜ୍‌ରେ ହଠାତ୍ ଡ୍ରାଇଭରଙ୍କ ନିଦ ଲାଗିଯାଇଥିଲା। ଫଳରେ କାର୍ ଓଭରବ୍ରିଜ୍‌ରୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଆମେ ପଛେଇଗଲୁ






# ମଙ୍ଗଳରେ ଚାଇନା ରୋଭର

**ଲୋହିତ ଗ୍ରହରେ ରୋଭର ଅବତରଣ କରାଇବାରେ ଚାଇନାକୁ ମିଳିଛି ବଡ଼ ସଫଳତା। ଆମେରିକା ପରେ ବିଶ୍ୱର ଦ୍ୱିତୀୟ ଦେଶ ଭାବେ ମଙ୍ଗଳ ମାଟିରେ ଲ୍ୟାଣ୍ଡ୍ କରିଛି ଚାଇନାର ରୋଭର 'ଝୁରୋଙ୍ଗ୍'। ମିଶନ ମାର୍ସରେ ଲାଲ୍ ଗ୍ରହରେ ମଣିଷ ଉପଯୋଗୀ ଜଳବାୟୁ ଅଛି କି ନାହିଁ, ସେଠାକାର ମୃତ୍ତିକା ପରୀକ୍ଷଣ ତଥା ପରିବେଶ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବ ଏହି ରୋଭର।**

## ଜୀବସତ୍ତା ଖୋଜିବ, ଜଳବାୟୁ ପରଖିବ 'ଝୁରୋଙ୍ଗ୍'

- ୟୁଟୋପିଆ ପ୍ଲାନିସିଆରେ ଲ୍ୟାଣ୍ଡିଂ କଲା
- ଆମେରିକା ପରେ ଚାଇନା ଦ୍ୱିତୀୟ

**ବେଜିଂ, ୧୫।୫**

ଚାଇନା ପ୍ରଥମ କରି ମିଶନ ମାର୍ସରେ ଏହାର ରୋଭର 'ଝୁରୋଙ୍ଗ'କୁ ଶନିବାର ମଙ୍ଗଳରେ ଅବତରଣ କରାଇ ଇତିହାସ ରଚିଛି। ଏ ନେଇ ଚାଇନା ନ୍ୟାଶନାଲ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ(ସିଏନ୍‌ଏସ୍‌ଏ) ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ସମୟ ସକାଳ ୭ଟା ୧୮ରେ 'ଝୁରୋଙ୍ଗ୍' ୟୁଟୋପିଆ ପ୍ଲାନିସିଆରେ ସଫଳତାର ସହ ଲ୍ୟାଣ୍ଡ୍ କରିଛି। ତିଆନୱେନ-୧ ସ୍ପେସ୍‌କ୍ରାଫ୍ଟ ମିଶନର ଅଂଶ ଥିବା 'ଝୁରୋଙ୍ଗ୍' ଶୁକ୍ରବାର ଲୋହିତ ଗ୍ରହରେ ପହଞ୍ଚିପାରେ ବୋଲି ପୂର୍ବରୁ କୁହାଯାଇଥିଲା। ତେବେ ପୃଥିବୀ ଏବଂ ମଙ୍ଗଳ ମଧ୍ୟରେ ଥିବା ଦୂରତା ଯୋଗୁ ମିଶନ ନିୟନ୍ତ୍ରଣରେ ବିଳମ୍ବ ହୋଇଥିଲା। ଫଳରେ ରୋଭରକୁ



ଅବତରଣ କରାଇବାରେ ସମୟ ଲାଗିଥିଲା ବୋଲି ଚାଇନା କହିଛି। ତିଆନୱେନ୍-୧ ହେଉଛି ପ୍ରଥମ ତଥା ଏକମାତ୍ର ମିଶନ, ଯେଉଁଥିରେ ଏକାଥରରେ ମଙ୍ଗଳ କକ୍ଷପଥକୁ ସ୍ପେସ୍‌କ୍ରାଫ୍ଟ ପଠାଯିବା, ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ...............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ପବିତ୍ର ଚନ୍ଦନଯାତ୍ରା ଅବସରରେ ଶନିବାର ନନ୍ଦା ଓ ଭଦ୍ରା ଚାପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରୁଛନ୍ତି।

# ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ

**ପୁରୀ ଅଫିସ୍, ୧୫।୫**

ଅକ୍ଷୟତୃତୀୟା ଅବସରରେ ଶନିବାର ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଏହା ୨୧ଦିନ ପର୍ଯ୍ୟନ୍ତ ଚାଲିବ। ଭୋର ୩.୫୦ରେ ଶ୍ରୀମନ୍ଦିର ଦ୍ୱାର ଖୋଲାଯିବା ପରେ ଭିତରଶୋଧ କରାଯାଇଥିଲା। ବିଭିନ୍ନ ନୀତି ବଢି ସକାଳଧୂପ ସରି ମଇଲମ ଓ ଯାତ୍ରାଙ୍ଗୀ ମହାସ୍ନାନ ହୋଇଥିଲା। ଶ୍ରୀଜୀଉମାନଙ୍କ ବିଭିନ୍ନ ନୀତି ପରେ ଶ୍ରୀଜୀଉଙ୍କୁ ଅଲକା, ଚଉସରା ଲାଗି ହେବା ସହ ବେଶ ବଢିଥିଲା। ମୁଦିରସ୍ତ ପ୍ରସାଦ ଲାଗି ପରେ ମଧ୍ୟାହ୍ନ ଧୂପ ସରି ପୂଜାପଣ୍ଡା ଶ୍ରୀଜୀଉଙ୍କ ଆଜ୍ଞାମାଳ ଆଣି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ପ୍ରଦାନ କରିଥିଲେ। ଶ୍ରୀରାମକୃଷ୍ଣ ପାଲିଙ୍କିକୁ ଏବଂ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମଣିବିମାନକୁ ବିଜେ କରିଥିଲେ। ପରେ ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗହଣରେ ବିମାନବଡୁ ସେବାୟତମାନେ ଠାକୁରଙ୍କୁ ଚନ୍ଦନଯାତ୍ରା ନିମନ୍ତେ ବିଜେ କରାଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଗଛରେ ଆମ୍ବ ନାହିଁ
ଫୋପଡ଼ କାହିଁକି ମାରୁ
ଅଣ୍ଟା ଚାରିପାଖେ ପଇସା ନାହିଁ
ଆଖି କାହିଁପାଇଁ ଠାରୁ ?**

ଆମ୍ବ ଗଛରେ ଯେତେବେଳେ ଆମ୍ବ ଫଳି ନ ଥାଏ ସେତେବେଳେ ଆମ୍ବ ଗଛକୁ ଟେକା ଫୋପାଡିବାରେ କୌଣସି ଯଥାର୍ଥତା ରହି ନ ଥାଏ। ସେହିପରି ପ୍ରୀତି ସମ୍ପର୍କ ରହି ନ ଥିବା ସ୍ଥଳେ ଆଖିରେ ପ୍ରେମଭରା ଇସାରା ଜଣାଇବା ଗ୍ରହଣୀୟ ହୋଇ ନ ଥାଏ। କୌଣସି ମଧୁର ସମ୍ପର୍କ ନ ଥିବା ବେଳେ ଏପରି ଭାବଭଙ୍ଗୀ ଦେଖାଇବା ନିରର୍ଥକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆମ୍ବ ପାଚିଲେ ଡମ ରାଜା
ନଈ ବଢ଼ିଲେ କେଉଟ ରାଜା ।**

ଗଛରେ ଆମ୍ବ ପାଚିଲେ ନିମ୍ନ ସ୍ତରର ବ୍ୟକ୍ତି ଖାଇ ବଞ୍ଚିଯାଇଥାନ୍ତି। ସେହିପରି ନଈରେ ପାଣି ବଢ଼ିଲେ ବହୁତ ମାଛ ମିଳିବାର ସମ୍ଭାବନା ରହିଥାଏ, ଫଳସ୍ୱରୂପ କେଉଟଙ୍କ ଭଲ ଆୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ବଢ଼ିପାରେ ଲକ୍‌ଡାଉନ୍...

ଭାବେ ନେବାନାହିଁ। କୋଭିଡ୍ ଗାଇଡ୍‌ଲାଇନ ମାନିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରୁଛନ୍ତି। ବାହାରକୁ ଯେଉଁମାନେ ଯାଉଛନ୍ତି ସେମାନେ ମାସ୍କ ଭଲଭାବେ ପିନ୍ଧି ଯିବା ଦରକାର। କୋଭିଡ୍ ଭୂତାଣୁ ଖାଲି ଆଖିରେ ଦେଖାଯାଉ ନାହିଁ। ଏହାକୁ ଅନେକ ଲୋକ ଗୁରୁତର ସହ ନେଉନାହାନ୍ତି। ଗତବର୍ଷ ଯେତେବେଳେ କୋଭିଡ୍ ଶୀର୍ଷରେ ଥିଲା ସେତେବେଳେ ଦୈନିକ ୮ ହଜାର ସଂକ୍ରମିତ ସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଏବେ ଦୈନିକ ୧୫ ହଜାର କରୋନା ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରେ ୩ ହଜାର ଆଇସିୟୁ ଓ ଭେଣ୍ଟିଲେଟରରେ ରହିଛନ୍ତି। ଓଡ଼ିଶାର ଜନସାଧାରଣ ଏହାର ଭୟାବହତାକୁ ଅନୁମାନ କରି କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି। ବଜାରକୁ ବାରମ୍ବାର ନ ଯାଇ ୫ ଦିନ ପାଇଁ ଥରେ ପନିପରିବା ଓ ଅନ୍ୟାନ୍ୟ ଜିନିଷ କିଣିବା ଦରକାର। ପଡୋଶୀମାନଙ୍କ ସହ ମିଳାମିଶାକୁ ଯଥାସମ୍ଭବ ଏଡେଇବା ଦରକାର। ବାହାରକୁ ଯେତେ ଅଧିକ ଯିବେ ସେତେ ଅଧିକ ସଂକ୍ରମିତ ହେବା ଆଶଙ୍କା ରହିଛି। ଗତବର୍ଷ ଆମେ ମିଳିମିଶି କରୋନା ସଂକ୍ରମଣକୁ ରୋକିବାରେ ସଫଳ ହୋଇଥିଲୁ। ଚଳିତ ବର୍ଷ ଆଉ ୧୫ ଦିନ କିମ୍ବା ମାସେ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ରକ୍ଷାକରି କରୋନା କଟକଣାକୁ ମାନିଲେ ସଂକ୍ରମଣ କମିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ସଂକ୍ରମଣ ହାର ତଳମୁହାଁ ହେଉ ନ ଥିବାରୁ ଆଉ ୧୫ ଦିନ ସକାଶେ ରାଜ୍ୟରେ ଲକ୍‌ଡାଉନ ବୃଦ୍ଧି ହେବା ନେଇ ସଙ୍କେତ ମିଳିଲାଣି। ସରକାର ଆସନ୍ତା ୩ ଦିନ ମଧ୍ୟରେ ପରାମର୍ଶଦାତା କମିଟିଙ୍କ ପରାମର୍ଶ ନେଇ ଲକ୍‌ଡାଉନ ଅବଧି ବଢ଼ାଇବା ନେଇ ସୂଚନା ମିଳିଛି।

### ବାଲିରେ ପୋତିଥିଲେ ୨ ହଜାର ...

ସରକାର ଏହି ମୃତଦେହଗୁଡ଼ିକୁ ଗଙ୍ଗାତଟ ବାଲିରେ ପୋତି ଦେଇଥିଲେ। ବର୍ଷା ହେବା ପରେ ସେଗୁଡ଼ିକ ଉପରୁ ବାଲି ଖସି ସତ ପଦାକୁ ଆସିଥିଲା। ଏହାକୁ ନେଇ ଭାଜପା ସରକାରକୁ ବିରୋଧୀ ଟାର୍ଗେଟ କରିଛନ୍ତି। ଆର୍‌ଜେଡି ନେତା ଲାଲୁ ପ୍ରସାଦ ଯାଦବ ଟୁଇଟ୍ କରିଛନ୍ତି, ୨ ହଜାରରୁ ଅଧିକ ମୃତଦେହ ଗଙ୍ଗାରେ! ଦାରିଦ୍ର୍ୟ ଏତେ ଯେ, ମୃତକଙ୍କ ପରିଜନ ଦାହ ପାଇଁ କାଠ କିଣିପାରୁନାହାନ୍ତି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ମତରେ ଏହି ମୃତ୍ୟୁ ଏବଂ ମୃତକ ଆତ୍ମୀୟସ୍ୱଜନଙ୍କ ଅସହାୟତା ପାଇଁ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ଭାଜପା ସରକାର ଦାୟୀ। ଗତ ବର୍ଷେ ସମୟ କେବଳ ନିଜ ପିଠି ଥାପୁଡ଼ାଇ ବେକାର କରିଦେଇଛନ୍ତି ସେମାନେ। ଏହା ତାହାର ଭୟଙ୍କର ପରିଣାମ। ସେହିପରି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କହିଛନ୍ତି, ଇମେଜ୍ ମ୍ୟାନେଜମେଣ୍ଟ ପାଇଁ ହଜାର ହଜାର ଲୋକଙ୍କୁ ଗଙ୍ଗା ବାଲି ତଳେ ପୋତି ଦିଆଗଲା। ଏହା କେବଳ ଗୋଟିଏ ଗାଁର କାହାଣୀ ନୁହେଁ, ୧୧୪୦ କି.ମି.ରେ ବିସ୍ତୃତ ୟୁପିର ବଡ଼ ଅଞ୍ଚଳର ସତ ଯେଉଁଠି ସବୁକିଛି ଭଲ ଭାବେ ମ୍ୟାନେଜ କରାଯାଉଛି।

ଇତିମଧ୍ୟରେ ଉତ୍ତରପ୍ରଦେଶ ଓ ବିହାରରେ ଗଙ୍ଗାନଦୀରୁ ୨,୦୦୦ରୁ ଊର୍ଦ୍ଧ୍ୱ ଶବ ମିଳିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ୱୀକାର କରିଛି। ଦୁଇ ରାଜ୍ୟର ବିଭିନ୍ନ ଜିଲା ପ୍ରଶାସନ ପକ୍ଷରୁ ଗଙ୍ଗାରେ ଭାସୁଥିବା ମୃତଦେହକୁ ବାହାର କରାଯାଇଥିଲା। ନଦୀ କୂଳବର୍ତ୍ତୀ ଗ୍ରାମାଞ୍ଚଳରେ ଲୋକମାନେ ଅତ୍ୟନ୍ତ ଗରିବ ଏବଂ ଶବ ସତ୍କାର ପାଇଁ ପାଖରେ ଅର୍ଥ ନ ଥିବାରୁ ସେମାନେ ମୃତଦେହକୁ ଗଙ୍ଗାରେ ଭସାଇ ଦେଉଥିବା ପ୍ରଶାସନ କହିଛି। ଅଧିକାଂଶଙ୍କର ମୃତ୍ୟୁ କରୋନାରେ ହୋଇଥିବା କୁହାଯାଉଛି। ଗଙ୍ଗାରେ ଶବ ପକାଇବା ବନ୍ଦ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉତ୍ତରପ୍ରଦେଶ ଓ ବିହାର ସରକାରଙ୍କ ସହ କଥାବାର୍ତ୍ତା ଚଳାଇଛନ୍ତି। ଏହା ଦ୍ୱାରା ଦୁଇରାଜ୍ୟରେ ମହାମାରୀ ଆହୁରି ଦ୍ରୁତ ସଂକ୍ରମଣ ହେବା ଆଶଙ୍କା ରହିଛି।

ବିଭିନ୍ନ ରାଜ୍ୟରେ କରୋନାରେ ଯେତିକି ଲୋକଙ୍କ ମୃତ୍ୟୁ ଘଟୁଛି, ତାହାର ଠିକ୍ ତଥ୍ୟ ସରକାର ଦେଉନାହାନ୍ତି। ଗାଁରେ ଅନେକ ଲୋକଙ୍କର ମୃତ୍ୟୁ ହେଉଥିବାବେଳେ କୋଭିଡ୍ ପରୀକ୍ଷା ହୋଇ ନ ଥିବାରୁ ସେମାନେ କରୋନାରେ ପ୍ରାଣ ହରାଇଛନ୍ତି କି ନାହିଁ ତାହା ସ୍ପଷ୍ଟ ହେଉନାହିଁ। କରୋନାରେ ପ୍ରାଣ ହରାଇଥିବା ଆଶଙ୍କା କରି ଶବ ସତ୍କାର କରିବା ପାଇଁ ଲୋକେ ଭୟ କରୁଛନ୍ତି। ବିଭିନ୍ନ ଅଞ୍ଚଳରେ ଶବ ସତ୍କାର ପାଇଁ କାଠର ଅଭାବ ଦେଖାଦେଲାଣି। ତେଣୁ ଅନ୍ୟ ଉପାୟ ନ ପାଇ ନଦୀ କୂଳବର୍ତ୍ତୀ ଲୋକେ ଶବକୁ ଗଙ୍ଗାରେ ଭସାଇ ଦେଉଥିବା କୁହାଯାଉଛି। ଏହା ଆହୁରି ଭୟଙ୍କର ସ୍ଥିତି ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ମୁଖ୍ୟତଃ ୟୁପିର କାନପୁର, ଗାଜିପୁର, ଉନ୍ନାଓ ଏବଂ ବାଲିଆ ଜିଲାରେ ଶବକୁ ଗଙ୍ଗାନଦୀରେ ଭସାଇଦେବା ଧାରା ଅଧିକ ଦେଖାଯାଇଛି। ସେହି ମୃତଦେହଗୁଡ଼ିକ ବିହାରକୁ ଭାସିଆସୁଛି। ଏହାକୁ ରୋକିବା ଦିଗରେ ଉଭୟ ରାଜ୍ୟ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ସବୁ ମୃତଦେହ ବାହାର କରାଯାଇ ଉପଯୁକ୍ତ ରୀତିନୀତିରେ ସତ୍କାର କରାଗଲାଣି। ନଦୀକୂଳରେ ପାଟ୍ରୋଲିଂ ବଢ଼ାଇବା ସହ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସ୍ଥାନୀୟ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି।

### କରୋନା ମୃତ୍ୟୁସଂଖ୍ୟା ଲୁଚାଉଛନ୍ତି ସରକାର: ଚିଦାମ୍ବରମ

**ନୂଆଦିଲ୍ଲୀ, ୧୫।୫(ଆଇଏଏନ୍‌ଏସ୍)**

ବିଭିନ୍ନ ରାଜ୍ୟରେ କରୋନାରେ ଯେତିକି ଲୋକଙ୍କର ମୃତ୍ୟୁ ଘଟୁଛି, ସରକାରୀ ରିପୋର୍ଟରେ ତାହାଠାରୁ କମ୍ ସଂଖ୍ୟା ଦେଖାଯାଉଛି। ଗୁଜରାଟରେ ଚଳିତ ବର୍ଷ ମାର୍ଚ୍ଚ ୧ରୁ ମେ’ ୧୦ ମଧ୍ୟରେ ୧.୨୩ ଲକ୍ଷ ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ କରାଯାଇଛି। ତେବେ ଏହି ରାଜ୍ୟ ସମେତ ଅନ୍ୟ ରାଜ୍ୟଗୁଡ଼ିକରେ କରୋନା ସଂକ୍ରମଣ ଓ ଏହା ଜନିତ ପ୍ରକୃତ ମୃତ୍ୟୁସଂଖ୍ୟାକୁ ଚାପି ଦିଆଯାଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ଶନିବାର ଅଭିଯୋଗ କରିବା ସହ ଏଥିପାଇଁ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି।

ଏକ ଖବରଦାତା ସମ୍ମିଳନୀକୁ ଚିଦାମ୍ବରମ କହିଛନ୍ତି, ଗୁଜରାଟୀ ଖବରକାଗଜ ‘ଦିବ୍ୟ ଭାସ୍କର’ରେ ଶୁକ୍ରବାର ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ ଗତ ମାର୍ଚ୍ଚ ୧ରୁ ମେ’ ୧୦ ମଧ୍ୟରେ ରାଜ୍ୟରେ ୧,୨୩,୦୦୦ ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ ହୋଇଛି, ଯାହାକି ଗତବର୍ଷ ଏହି ସମୟ ମଧ୍ୟରେ ୫୮,୦୦୦ ଇସ୍ୟୁ କରାଯାଇଥିଲା। ଅଧିକ ୬୫ ହଜାର ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ ହେବା ଘଟଣାକୁ କେବେ ସାଧାରଣ ମୃତ୍ୟୁ କୁହାଯାଇପାରିବ ନାହିଁ। ଏହା କେବଳ ମହାମାରୀ କିମ୍ବା ଅନ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ହୋଇପାରେ ବୋଲି ଚିଦାମ୍ବରମ କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ମାର୍ଚ୍ଚ ୧ରୁ ମେ’ ୧୦ ମଧ୍ୟରେ ଗୁଜରାଟରେ ୪,୨୧୮ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ତେବେ ଅଧିକ ୬୫,୮୦୫ ମୃତ୍ୟୁ ସାର୍ଟିଫିକେଟ କାହାକୁ ଦିଆଯାଇଛି, ସରକାର ତାହାର ସ୍ପଷ୍ଟୀକରଣ ଦେବାକୁ ହେବ। କାରଣ ଅଧିକ ମୃତ୍ୟୁ ଯେ କରୋନା ଜନିତ ଏହା ନିଃସନ୍ଦେହ। ଗଙ୍ଗାନଦୀରେ ୨,୦୦୦ରୁ ଊର୍ଦ୍ଧ୍ୱ ଅଜଣା ମୃତଦେହ ଭାସିବା କରୋନା ଜନିତ ମୃତ୍ୟୁସଂଖ୍ୟା ଲୁଚାଇବାର ଏକ ପ୍ରୟାସ, ଯାହା କଂଗ୍ରେସର ସନ୍ଦେହକୁ ପ୍ରମାଣିତ କରିଛି ବୋଲି ଚିଦାମ୍ବରମ କହିଛନ୍ତି।

### ମଙ୍ଗଳରେ ଚାଇନା ...

ଗ୍ରହର ମାଟିରେ ଲ୍ୟାଣ୍ଡିଂ ପ୍ଲାଟଫର୍ମ ଡ୍ରପ୍ କରାଯିବା ସହ ରୋଭରକୁ ମଧ୍ୟ ଅବତରଣ କରାଇବା ସଫଳ ହୋଇଛି। ଚାଇନାର ଶିନ୍‌ହୁଆ ନ୍ୟୁଜ୍ ଏଜେନ୍ସିର ସୂଚନା ଅନୁଯାୟୀ, ରୋଭର ଏକ ପାରାଶୁଟ୍ ସାହାଯ୍ୟରେ ମଙ୍ଗଳ ବାୟୁମଣ୍ଡଳରେ ପହଞ୍ଚିବା ସହ ୭ ମିନିଟ୍‌ରେ ୟୁଟୋପିଆ ପ୍ଲାନିସିଆଠାରେ ପୃଷ୍ଠଭାଗକୁ ଛୁଇଁଥିଲା। ରୋଭର ‘ଝୁରୋଙ୍ଗ୍’ରେ ୬ଟି ଚକ ରହିଛି। ଏହା ସୌରଶକ୍ତି ଦ୍ୱାରା କାର୍ଯ୍ୟ କରିବ। ଏହାର ଓଜନ ପ୍ରାୟ ୨୪୦ କେଜି। ଏହା ମଙ୍ଗଳ ପୃଷ୍ଠରେ ମାଟି ନମୁନା ସଂଗ୍ରହ କରି ତାହାର ଅଧ୍ୟୟନ କରିବ। ଲୋହିତ ଗ୍ରହରେ ରୋଭର ପ୍ରାୟ ୩ ମାସ କାମ କରିବ। ଗତ ଫେବୃୟାରୀରେ ତିଆନୱେନ୍-୧ ମଙ୍ଗଳର କକ୍ଷପଥରେ ପହଞ୍ଚିଥିଲା। କକ୍ଷପଥରେ ପରିକ୍ରମା ବେଳେ ଏହା ଅର୍‌ବିଟ୍‌ର ଅନେକ ଫଟୋ ପଠାଇଥିଲା। ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଗତ ଫେବୃୟାରୀ ୧୮ରେ ଏହାର ପର୍ସିଭରେନ୍ସ ରୋଭରକୁ ମଙ୍ଗଳର ଦୁର୍ଗମ ଜେଜେରୋ କ୍ରେଟରରେ ଅବତରଣ କରାଇଥିଲା। ଦୀର୍ଘ ସମୟ ଧରି ପରୀକ୍ଷଣ ପରେ ଏବେ ନାସା ରୋଭର ସେଠାରେ ଗବେଷଣା କାର୍ଯ୍ୟ ଆରମ୍ଭ କରିଛି। ନାସାର ଏକ ଇନ୍‌ଜ୍ୟୁନିଟି ହେଲିକପ୍ଟର ୫ ଥର ସଫଳ ଉଡ଼ାଣ ମଧ୍ୟ କରିଛି। ଚାଇନା ଓ ଆମେରିକା ବ୍ୟତୀତ ଗତ ଫେବୃୟାରୀ ୯ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ମହାକାଶଯାନ ‘ହୋପ୍’ ମଙ୍ଗଳର କକ୍ଷପଥରେ ପ୍ରବେଶ କରିଥିଲା।

### ସଡ଼କ ଦୁର୍ଘଟଣା: ୫ ...

ତଳକୁ ଖସିପଡ଼ିଥିଲା। ଘଟଣାସ୍ଥଳରେ ୩ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ୨ଜଣ ଆହତ ହୋଇଥିଲେ। ଶିଳ୍ପାଞ୍ଚଳ ଥାନା ପୋଲିସ ଓ ବାଲେଶ୍ୱର ଅଗ୍ନିଶମ ଅଧିକାରୀଙ୍କ ମିଳିତ ସହଯୋଗରେ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଏନେଇ ଶିଳ୍ପାଞ୍ଚଳ ଥାନା ମାମଲା (ନଂ. ୬୭/୨୧) ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଆଇଆଇସି ମୀନତି ବିଶ୍ୱାଳ ଓ ଜିଲା ମୁଖ୍ୟ ଅଗ୍ନିଶମ ଅଧିକାରୀ ପୁରେନ ସୁରେନ ସୂଚନା ଦେଇଛନ୍ତି। ମୃତକମାନେ ହେଲେ ମୟୂରଭଞ୍ଜ ଜିଲା ବାରିପଦା ନିକଟସ୍ଥ ତକତପୁର ଅଞ୍ଚଳର ରବୀନ୍ଦ୍ର ସାହୁ, ସନ୍ତୋଷ ପଣ୍ଡା, କୁଆମରାର ଦେବାଶିଷ ଆଚାର୍ଯ୍ୟ। ଆହତମାନେ ହେଲେ ସୁନୀଲ କୁମାର ମହାନ୍ତି ଓ ଅଭିଷେକ ଦାସ।

ସେହିପରି ମୟୂରଭଞ୍ଜ ଜିଲା ତିରିଂ ଥାନା ବହଳଦା-ଝରାଡିହି ମୁଖ୍ୟ ରାସ୍ତାର ଇନ୍ଦଖୋଳି ନିକଟରେ ଶନିବାର ସକାଳେ ଏକ ବାଉଁଶ ବୋଝେଇ ଟ୍ରାକ୍ଟର ଓଲଟି ପଡିବାରୁ ଚାପି ହୋଇ ଚାଳକ ଓ ହେଲପରଙ୍କ ମୃତ୍ୟୁ ଘଟିଛି। ତିରିଂ ଥାନା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଚାପି ହୋଇ ରହିଥିବା ମୃତଦେହକୁ ଜବତ କରିଛି। ମୃତକଦ୍ୱୟ ହେଲେ ବହଳଦା ଥାନା କୁମ୍ଭୀରଦା ଗ୍ରାମ ଉଜର ସାହିର ଚାଳକ କଙ୍ଗେ ନାଏକ ଓ ହେଲପର ସଲମନ ନାଏକ। ଟ୍ରାକ୍ଟର ବାଉଁଶ ବୋଝେଇ କରି କାଙ୍କି ଗ୍ରାମକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।। ତିରିଂ ଥାନା ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।



ଦୁର୍ଘଟଣାଗ୍ରସ୍ତ କାର୍


## classifieds Everyday
0674-2580101, 2549302



MATRIMONIAL

### BRIDE WANTED

Khandayat Groom, 45years, 5'8", MBA, LLB having reputed Construction Business in Bhubaneswar, Wanted Khandayat Bride, Height between-5'5"- 5'4", Age nearest to 30years, Fair, Slim, Post Graduate Qualification. Contact- 9861022055/ 9938219397. D-20696

Khandayat groom 5'9", 36+ graduate well established, Sober, educated and cultured family own house BBSR father (Retrd. teacher (KVS) looks for suitable matching bride early marriage preferred. 9437494216. D-46553

### GROOM WANTED

52ବୟସ୍କା ଖଣ୍ଡାୟତ ବିଧବା ଏକାକୀ ରହି ସରକାରୀ ଚାକିରି କରୁଥିବା ଝିଅଙ୍କୁ ଯେକୌଣସି ଜାତିର ବର ଦରକାର। 7681044808. D-67592

Government job ବୟସ-43 ଏକୁଟିଆ ରହୁଥିବା ଅବିବାହିତା ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7077495623. D-20700

ସରକାରୀ ଛାତ୍ରାବାସ ୱାର୍ଡେନ ଚାକିରିରେ କାର୍ଯ୍ୟରତ ଅବିବାହିତା 41 ବୟସ୍କା କରଣ ଝିଅଙ୍କୁ ଯେକୌଣସି ଜାତିର ବର ଆବଶ୍ୟକ। 8763709841. D-67593

automobile

### SALE

Tata ACE HT, Mahindra Xenio Dalla, Maruti Gypsy, Tata Nano for sale. 7008839326, 9861056470. D-67793

real estate

### SALE

Residential Cum commercial plots at Nakhara to Adaspur road. 8249851363, 8118078023. D-70450

1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891. D-20642

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact : 9937059891. D-20685

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ସ୍ଥଗିତ କାମ ହାସଲ କରିବାରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ ଓ ବ୍ୟବସାୟ ସାଧାରଣ ବାଧାପ୍ରାପ୍ତ ହୋଇପାରେ। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଧାର କରଜ ସୂତ୍ରରେ ଅର୍ଥସଂଗ୍ରହ କରିବାକୁ ବାଧ ହେବେ। ନୂତନ କର୍ମାରମ୍ଭ ସକାଶେ ମନ ବଳାଇ ସଫଳତା ହାସଲ କରିପାରନ୍ତି।

**ବୃଷ** ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରି ସଫଳତା ପାଇବେ। କ୍ରୋଧ ସମ୍ବରଣ ନ କରିପାରି କଡ଼ା କଥା କହିବା କାରଣରୁ ତାହା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ନିକଟ ଅତୀତରେ ଯୁକ୍ତିତର୍କ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ବକେୟା ଅର୍ଥ ଆଦାୟ ଲାଗି ଅନ୍ୟର ସାହାଯ୍ୟ ନ ନେଲେ ସମସ୍ୟା ସୃଷ୍ଟିର ସମ୍ଭାବନା ରହିଛି।

**ମିଥୁନ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ବାଧ ହେବେ। ଭ୍ରମଣ, ରାଜନୀତି, ପ୍ରଶାସନ ଓ ସଭାସମିତି କ୍ଷେତ୍ରରୁ ସଫଳତା ପାଇବେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ପ୍ରତ୍ୟେକ ସମସ୍ୟାର ସମାଧାନ ହୋଇପାରିବ।

**କର୍କଟ** କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡିବ। ପରିବାରରେ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ।

**ସିଂହ** ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡିପାରେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି । ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ରାଜନୀତିରେ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଥିବା ସ୍ଥାନାନ୍ତରର ସୂଚନା ପାଇ ହଡ଼ବଡ଼େଇଯିବେ। ପ୍ରତିବେଶୀଙ୍କ ସହ ସଂପର୍କ ମଧୁର ରହିବା ଏକ ପ୍ରକାର ହିତକର ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ନିଜକୁ କେତେକ କଥା ସମ୍ଭାଳିବାକୁ ପଡ଼ିବ।

**ତୁଳା** ଆଜି ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ନିର୍ବିଘ୍ନରେ ସମାପନ ହୋଇଯିବ। କୌଣସି କାମ ହାସଲ ପାଇଁ ଅନେକ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବାକୁ ପଡ଼ିବ। ଲେଖାପଢ଼ା ତଥା ପ୍ରକାଶନ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ। ବିବାଦୀୟ ପରିସ୍ଥିତିରେ ପଡ଼ୋଶୀଙ୍କ କଥାରେ ଚିହ୍ନା ପଡ଼ନ୍ତୁ ନାହିଁ।

**ବିଛା** ଭାବ ପ୍ରବଣତାରେ ଭାସିଯାଇ ଏଣୁତେଣୁ ଗପିବା ସମସ୍ୟାର କାରଣ ହୋଇପାରେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଠିକ୍ ହେବନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ଆନୁଷ୍ଠାନିକ କ୍ଷେତ୍ର କିମ୍ବା କଚେରି ମାମଲାରେ ସଫଳତା ଅବଶ୍ୟ ମିଳିବ।

**ଧନୁ** ଆଜିର ଫେରିବା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସଂଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାରୁ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ପଡ଼ିପାରେ।

**ମକର** ସବୁ ସମୟରେ ନିଜ ପାଖରେ ରହୁଥିବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ରହିଥିବା ସମସ୍ୟା ବନ୍ଧୁଙ୍କ ଜରିଆରେ ସମାଧାନ ହୋଇଯିବ। ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେଇପାରେ। ସହଯୋଗ ସକାଶେ ବନ୍ଧୁଙ୍କୁ କହିନପାରି ପରେ ଅନୁତାପ କରିପାରନ୍ତି।

**କୁମ୍ଭ** ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରିବେ। ପାରିବାରିକ ସୁଖ ସ୍ୱାଛନ୍ଦ୍ୟ କାରଣରୁ କିମ୍ବା ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଧାର କରଜ କରି କାମ ଚଳାଇ ନେବା ସାଙ୍ଗକୁ ଆକସ୍ମିକ ଭାବେ ବସ୍ତ୍ରଭୂଷଣ ଲାଭ କରିପାରନ୍ତି।

**ମୀନ** ନୂତନ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପାରସ୍ପରିକ ଆଲୋଚନାକ୍ରମେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ଭାବପ୍ରବଣ ବଶତଃ ବନ୍ଧୁଙ୍କ ସମ୍ମୁଖରେ କୌଣସି ଅପ୍ରକାଶ୍ୟ କଥା ପ୍ରକାଶ କରି ଅପଦସ୍ଥ ହୋଇପାରନ୍ତି। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ।

ଆଜି ବୈଶାଖ ଶୁକ୍ଳ ଚତୁର୍ଥୀଯୁକ୍ତ ୫ମୀ ରବିବାର, ମେ ୧୬ ତାରିଖ, ଜାତୀୟ ଡେଙ୍ଗୁ ଦିବସ, କଳିଙ୍ଗ ଭାରତୀ ତରଫରୁ କଟକରେ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସପ୍ତାହ ଆରମ୍ଭ, ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଦିବା ଘ.୧୧।୧୩ ପର୍ଯ୍ୟନ୍ତ ଆର୍ଦ୍ରା/ମିଥୁନ, ମେଷ ରାଶିର ଘାତବାର, କନ୍ୟା ରାଶିର ଘାତଚନ୍ଦ୍ର, ୫ମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୬।୫୮ ଗତେ ଘ.୦୯।୩୩ ମଧ୍ୟେ, ଘ.୧୨।୦୯ ଗତେ ଘ.୦୨।୪୪ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୪।୨୮ ଗତେ ଘ.୦୫।୨୦ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୩୪ ଗତେ ଘ.୦୬।୧୧ ମଧ୍ୟେ ରାହୁକାଳ ॥

## ଗଛରେ ପିଟିହୋଇ ପିକ୍ଅପ୍ ଦୁର୍ଘଟଣା: ଚାଳକ ମୃତ

ବାଲିଶଙ୍କରା,(ଡି.ଏନ୍.ଏ.): ତଳସରା ଥାନା ଅନ୍ତର୍ଗତ ଶାଗବାହାଲ ରାସ୍ତାର ଛାପଲଠାରେ ଶନିବାର ଭୋର୍ ଏକ ପିକ୍ଅପ ଗାଡି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକଙ୍କ ନାମ ଚକ୍ରଧର ସାଏ (୨୩) ଓ ତାଙ୍କ ଘର ଶାଗବାହାଲ କହ୍ନେଇଘରା ଗ୍ରାମରେ। ସେ ଓଡି ୧୬-ଏ ୦୪୧୯ ନମ୍ବର ବିଶିଷ୍ଟ ପିକ୍ଅପ୍ ଗାଡ଼ିଧରି କୌଣସି କାର୍ଯ୍ୟରେ ଶାଗବାହାଲରୁ ବାହାରି ଆସୁଥିବାବେଳେ ପଲସା ନିକଟରେ ଗାଡିଟି ଦୁର୍ଘଟଣାଗସ୍ତ ହୋଇଥିଲା। ପରେ ଖବରପାଇ ତଳସରା ଥାନା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ସକାଶେ ପଠାଇ ଏକ ଦୁର୍ଘଟଣା ମାମଲା ରୁଜୁ କରିଛି।

### ସଂକ୍ଷେପରେ

## ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର

**ଥାନାର ଦ୍ୱାରସ୍ଥ ହେଲେ ଗର୍ଭବତୀ ନାବାଳିକା**

ଦେବଗଡ଼,୧୫।୫(ଡି.ଏନ.ଏ): ଦେବଗଡ଼ ଥାନା ଅନ୍ତର୍ଗତ ରେଙ୍ଗାଳପାଲି ଗ୍ରାମର ଜଣେ ନାବାଳିକା(୧୩)ଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଉକ୍ତ ଗ୍ରାମର ରବିନ ଲୁଗୁନ (୨୨)ନାମକ ଜଣେ ଯୁବକ ଏକାଧିକବାର ବଳାତ୍କାର କରିବା ପରେ ନାବାଳିକା ଜଣକ ଗର୍ଭବତୀ ହୋଇଥିବା ଜଣାପଡିଛି। ଏନେଇ ନାବାଳିକାଙ୍କ ପରିବାର ଲୋକେ ଅଭିଯୁକ୍ତ ରବିନ ଓ ତା’ର ପରିବାର ଲୋକଙ୍କୁ ଜଣାଇବା ସହ ଏକ ବୈଠକ ଡାକି ଘଟଣାର ସମାଧାନ ପାଇଁ ଉଦ୍ୟମ କରିଥିଲେ ହେଁ କୌଣସି ସମାଧାନର ବାଟ ବାହାରି ପାରିନାହିଁ। ଫଳରେ ଶନିବାର ପୀଡିତା ନାବାଳିକା ଜଣକ ନ୍ୟାୟ ପାଇଁ ଦେବଗଡ଼ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇ ରବିନ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ନାବାଳିକାଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ଗ୍ରାମର ରବିନ ପ୍ରାୟ ୭ ମାସ ହେଲା ବିଭିନ୍ନ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର କରିଆସୁଥିଲେ। ସେହିପରି ଏକଥା କାହାରିକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ନାବାଳିକା ଜଣକ ଭୟରେ ଏକଥା କାହାରିକୁ ଜଣାଇ ନ ଥିଲେ। ଏଣେ ସେ ରବିନଙ୍କ ଦ୍ୱାରା ବଳାତ୍କାର ଜନିତ ଗର୍ଭବତୀ ଥିବା ନାବାଳିକାଙ୍କ ମା’ ଜାଣିବାପରେ ରବିନ ଘରକୁ ଯାଇ ରବିନ ଓ ତାର ପରିବାର ଲୋକଙ୍କୁ ଏସମ୍ପର୍କରେ ଜଣାଇଥିଲେ। ମାତ୍ର ରବିନ ତାଙ୍କ କଥା ନ ଶୁଣିବାରୁ ଶନିବାର ନାବାଳିକାଙ୍କ ବାପା ମା’ ଗାଁରେ ଗ୍ରାମବାସୀଙ୍କର ଏକ ବୈଠକ ଡାକିଥିଲେ। ଏହି ବୈଠକରେ ଛେପିଲିପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ମିନି ବୁଡ ମଧ ଉପସ୍ଥିତ ଥିଲେ। ବୈଠକକୁ ରବିନ ଓ ତା’ର ବାପା ମା’ଙ୍କୁ ମଧ ଡକାଯାଇଥିଲା। ମାତ୍ର ଉକ୍ତ ବୈଠକରେ ରବିନ ଓ ତା’ର ବାପା ମା’ ଘଟଣାକୁ ଅସ୍ୱୀକାର କରିବାସହ ନାବାଳିକାଙ୍କର କୌଣସି ଦାୟିତ୍ୱ ନେଇପାରିବେ ନାହିଁ ବୋଲି ରୋକଠୋକ ଉତ୍ତର ଦେଇଥିଲେ। ଏହାପରେ ଗ୍ରାମବାସୀଙ୍କ ପରାମର୍ଶ କ୍ରମେ ନାବାଳିକା ଜଣକ ଦେବଗଡ ଆଦର୍ଶ ଥାନାକୁ ଆସି ଏନେଇ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

## ରମ୍ଭାଦେବୀ ସଂରକ୍ଷିତ ଜଙ୍ଗଲରୁ ବଳଦର ଗଳିତ ମୃତଦେହ ମିଳିଲା

ଦେବଗଡ଼,୧୫।୫(ଡି.ଏନ.ଏ):ଦେବଗଡ଼ ଥାନା ଅନ୍ତର୍ଗତ ଗୁଣ୍ଡୁରିପୋଶି ଗ୍ରାମରେ ଥିବା ରମ୍ଭାଦେବୀ ସଂରକ୍ଷିତ ଜଙ୍ଗଲ ମଧରୁ ଶନିବାର ଏକ ବଳଦର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଜନ୍ତୁ ଶିକାର ଉଦ୍ଦେଶ୍ୟରେ ବସାଯାଇଥିବା ଫାଶରେ ପଡି ଉକ୍ତ ବଳଦର ମୃତ୍ୟୁ ଘଟିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗୁଣ୍ଡୁରିପୋଶି ଗ୍ରାମର ଗଦାଧର ଦେହୁରୀଙ୍କର ଏକ ବଳଦ ଗତ ୧୨ ତାରିଖ ଜଙ୍ଗଲକୁ ଚରିବାକୁ ଯାଇ ଆଉ ଘରକୁ ଫେରି ନ ଥିଲା। ଗଦାଧର ଓ ତାଙ୍କ ପରିବାର ଲୋକେ ଏଣେତେଣେ ବହୁ ଖୋଜାଖୋଜି କରିଥିଲେ ମଧ ବଳଦ ମିଳି ନ ଥିଲା। ଶନିବାର ସକାଳେ କେନ୍ଦୁପତ୍ର ତୋଳିବାକୁ ଯାଇଥିବା କେତେକ ଲୋକ ଏକ ଜଙ୍ଗଲ ମଧରେ ଏକ ବଳଦର ଗଳିତ ମୃତଦେହ ପଡିଥିବା ଓ ବଳଦ ନିକଟରେ ଜନ୍ତୁ ଶିକାର ପାଇଁ ଉଦ୍ଦିଷ୍ଟ ଫାଶର କିଛି ଅଂଶ ପଡିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ଗାଁ ଲୋକଙ୍କୁ କହିବା ପରେ ଗଦାଧର ଓ ଗ୍ରାମବାସୀ ଜଙ୍ଗଲ ମଧକୁ ଯାଇ ଦେଖିବାରୁ ବଳଦଟି ଗଦାଧରଙ୍କ ହୋଇଥିବା ଏବଂ ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ଫାଶରେ ପଡି ବଳଦର ମୃତ୍ୟୁ ଘଟିଥିବା ଜାଣିଥିଲେ। ଏ ସଂକ୍ରାନ୍ତରେ ସେମାନେ ବନ ବିଭାଗକୁ ସୂଚନା ଦେବାରୁ ଦେବଗଡ ଫରେଷ୍ଟର ପ୍ରଶନ୍ନ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ସୁଗୁଡା ବିଟ୍‌ର ଫରେଷ୍ଟଗାର୍ଡ ରଶ୍ମିତା ମାଝି ଘଟଣାର ତଦନ୍ତ କରି ଫେରିଆସିଥିବା ଜଣାପଡିଛି। ବନ ବିଭାଗ ପକ୍ଷରୁ ଗଦାଧରଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଘର ଅଗଣାରେ ବ୍ୟାଙ୍କ ସେବା

ସମ୍ବଲପୁର,୧୫।୫(ବ୍ୟୁରୋ)

■ ସାମିଲ ହୋଇଛନ୍ତି ଏସ୍ଏଚ୍‌ଜି ମହିଳା
■ ଏଟିଏମ୍ ସୁବିଧା ନ ଥିବା ଅଞ୍ଚଳବାସୀ ଉପକୃତ

ସମ୍ବଲପୁର ଜିଲାରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଲକ୍‌ଡାଉନ ଓ ଶଟ୍‌ଡାଉନ ଭଳି କଟକଣା ଲାଗୁ କରାଯାଇଛି। ଏପରି ସମୟରେ ଲୋକମାନେ ଘରୁ ବାହାରିବା କଷ୍ଟକର ହୋଇପଡିଛି। ଘରେ ରହିଲେ ମଧ ଟଙ୍କାର ଆବଶ୍ୟକତା ରହୁଛି। ଏହାକୁ ଦୂର କରିବା ପାଇଁ ଏସ୍ଏଚ୍‌ଜି ମହିଳାମାନେ ଘର ଅଗଣାରେ ବ୍ୟାଙ୍କ ସେବା ଯୋଗାଇ ଦେଉଛନ୍ତି। ଯେଉଁଠାରେ ଏଟିଏମ୍ ସୁବିଧା ଅପହଞ୍ଚ, ବ୍ୟାଙ୍କ ଯିବା କଷ୍ଟକର ସେଠାକାର ଲୋକେ ଏହାର ଲାଭ ପାଇପାରୁଛନ୍ତି। କୋଭିଡ୍ ସମୟରେ ମହିଳାଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

ଓଡ଼ିଶା ଜୀବିକା ମିଶନ ସଂଯୋଜିକା ପୁଷ୍ପଶ୍ରୀ ନାଏକ କହିଛନ୍ତି, ମହିଳାମାନଙ୍କୁ ରୋଜଗାରକ୍ଷମ କରିବା ସହ ଅଞ୍ଚଳରେ ବ୍ୟାଙ୍କସେବା ଯୋଗାଇଦେବା ପାଇଁ ଏହି ଯୋଜନା କରାଯାଇଛି। ଜିଲାର ଅପହଞ୍ଚ ଅଞ୍ଚଳରେ ମୋଟ ୧୩ ଏସ୍ଏଚ୍‌ଜି ମହିଳାଙ୍କୁ ଏଥିରେ ସାମିଲ କରାଯାଇଛି। ଏସ୍ଏଚ୍‌ଜିର ଜଣେ ସଦସ୍ୟାଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଚୟନ କରାଯାଉଛି। ତାଙ୍କ ନାମରେ ନିକଟସ୍ଥ ବ୍ୟାଙ୍କ ସହିତ ଲିଙ୍କ୍ କରାଯାଇଛି। ଉକ୍ତ ସଦସ୍ୟାଙ୍କଠାରୁ ସିକ୍ୟୁରିଟି ରଖାଯାଇ ଚୁକ୍ତି କରାଯାଉଛି। ବ୍ୟାଙ୍କ ପକ୍ଷରୁ ତାଙ୍କୁ ଟଙ୍କା ନେଣଦେଣ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଛି। ଦିନକୁ ୨୦ ହଜାର ଟଙ୍କା ନେଣଦେଣ କରିବାର କ୍ଷମତା ରଖାଯାଇଛି। ୨୦୧୯ ମସିହାରୁ ଜିଲାରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି। ପୂର୍ବରୁ ପଞ୍ଚାୟତ ଅଫିସ ନିକଟ କିମ୍ବା ଜନବହୁଳ ସ୍ଥାନରେ ଅଫିସ କରି ମହିଳାମାନେ କାମ କରୁଥିଲେ। ଏବେ କୋଭିଡ୍ ଯୋଗୁ ଗ୍ରାହକଙ୍କୁ ସୁବିଧା ଦେବା ଲକ୍ଷ୍ୟରେ ସେମାନେ ଘରକୁ ଯାଉଛନ୍ତି। ମହିଳାମାନେ ସାମାଜିକ ଦୂରତା ଓ କୋଭିଡ୍ କଟକଣା ପାଳନ କରି କାର୍ଯ୍ୟ କରୁଛନ୍ତି। ଗ୍ରାହକମାନେ ମଧ ଘରେ ରହି ଟଙ୍କା ନେବା ସହ ଜମା କରିପାରୁଛନ୍ତି। ସୂଚନାଯୋଗ୍ୟ, ବାମରା ବ୍ଲକରେ ଜଣେ, ଜମନକିରା ବ୍ଲକରେ ୪, ଯୁଯୁମୁରା ବ୍ଲକରେ ୫, କୁଚିଣ୍ଡା ବ୍ଲକରେ ୨ ଜଣଙ୍କ ନାମରେ କଷ୍ଟମର ସର୍ଭିସ ସେଣ୍ଟର ରହିଛି।



କୁଚିଣ୍ଡା କୁଲେଇଗଡରେ ଏସ୍ଏଚ୍‌ଜି ସଦସ୍ୟା ଓ ଗ୍ରାହକମାନେ ।

## ବନ୍ଦ ନ ହେଲେ ଆନ୍ଦୋଳନ

ସମ୍ବଲପୁର,୧୫।୫(ବ୍ୟୁରୋ)

**ଦେଓଗାଁରେ ହେବ ଇଥୋନାଲ ବାଏଓ ରିଫାଇନେରି**

ସମ୍ବଲପୁର ଜିଲା ମାନେଶ୍ୱର ତହସିଲର ଦେଓଗାଁଠାରେ ଇଥୋନାଲ ବାଏଓ ରିଫାଇନେରି ପ୍ଲାଣ୍ଟ (ପାଳକୁ ପୋଡ଼ି ତୈଳ ବାହାର କରିବା) ସ୍ଥାପନ ନେଇ ଜମି ଚିହ୍ନଟ କରାଯାଇଛି। ମୋଟ ୪୦ ଏକର ଜମି ଚିହ୍ନଟ ହୋଇ ଅଧିଗ୍ରହଣ ପ୍ରକ୍ରିୟା ପାଇଁ ମାନେଶ୍ୱର ତହସିଲରେ ଆବେଦନ କରାଯାଇଛି। ଦିଲ୍ଲୀସ୍ଥିତ ଏକ ଘରୋଇ କମ୍ପାନୀ ଏହି ପ୍ଲାଣ୍ଟ ବସାଇବାକୁ ଯୋଜନା କରିଛି। ଲକ୍‌ଡାଉନ ଯୋଗୁ ପ୍ରକ୍ରିୟା ସମାନ୍ୟ ଧିମେଇ ଯାଇଛି। ଏହି ଖବର ପ୍ରଚାର ହେବା ପରେ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା କଥା, ଏହି ଅଞ୍ଚଳର ଲୋକମାନେ ଚାଷ ଉପରେ ନିର୍ଭର କରନ୍ତି। ପ୍ଲାଣ୍ଟ କରାଗଲେ ନିକଟରେ ଥିବା ଚାଷ ଜମି ଓ ଅଞ୍ଚଳବାସୀ ପ୍ରଦୂଷଣର ଶିକାର ହେବେ। ସେତେବେଳେ ଆଉ ପ୍ରଶାସନ ଗରିବମାନଙ୍କ କଥା ଶୁଣିବ ନାହିଁ। ତେଣୁ ପ୍ଲାଣ୍ଟ ନିଷ୍ପତ୍ତିକୁ ବାତିଲ କରାଯାଉ ବୋଲି ଦାବି କରିଛନ୍ତି। ଏହାସହ ତହସିଲ ପକ୍ଷରୁ କମ୍ପାନୀକୁ ସହଯୋଗ କରା ନ ଯାଉ ବୋଲି ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ମାନେଶ୍ୱର ଅତିରିକ୍ତ ତହସିଲଦାର ବୀରସେନ ବେହେରା କହିଛନ୍ତି, ପ୍ଲାଣ୍ଟ ନିର୍ମାଣ ପାଇଁ କମ୍ପାନୀ ପକ୍ଷରୁ ଜମି ଚିହ୍ନଟ କରାଯାଇଛି। ରୟତି ଜମି କିଣିବାକୁ କମ୍ପାନୀ ଯୋଜନା କରିଛି। ତହସିଲରେ ଏ ନେଇ ଆବେଦନ କରାଯାଇଛି। ବରଗଡ ଜିଲାରେ ହେଉଥିବା ପ୍ଲାଣ୍ଟ ଭଳି ଏଠାରେ ନିର୍ମାଣ କରିବାକୁ କମ୍ପାନୀ ସ୍ଥିର କରିଛି। ହେଲେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ସୂଚନାଯୋଗ୍ୟ ପ୍ରତିବର୍ଷ ଧାନ ଅମଳ ପରେ ପାଳ ରହିଯାଉଛି। ଅଧିକାଂଶ ଜମିରେ ପାଳ ପୋଡି ଦିଆଯାଉଥିବାରୁ ପ୍ରଦୂଷଣ ହେଉଛି। ଏହାକୁ ରୋକିବା ପାଇଁ ସରକାର ଏହି ପ୍ଲାଣ୍ଟ ନିର୍ମାଣ କରିବା ଯୋଜନା କରିଛନ୍ତି। ଏଥିରୁ ବାହାରିବାକୁ ଥିବା ତୈଳଜାତୀୟ ପଦାର୍ଥ ପେଟ୍ରୋଲ, ଡିଜେଲରେ ମିଶ୍ରଣ କରାଯିବ।

## ଜିଲାରେ ସ୍ଥିତି ଉଦ୍‌ବେଗଜନକ: ଜିଲାପାଳ

ଝାରସୁଗୁଡ଼ା ଅଫିସ/ ବ୍ରଜରାଜନଗର (ଡି.ଏନ୍.ଏ.),୧୫।୫

ଝାରସୁଗୁଡ଼ା ଜିଲାରେ ଦୈନିକ ସାଢେ ୩ଶହରୁ ସାଢେ ୪ଶହ ପର୍ଯ୍ୟନ୍ତ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏହି ଚେନ୍‌କୁ ଭାଙ୍ଗିବା ପାଇଁ ଜିଲାରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ରହିଛି। କେତେକ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଉଛି। ଏହିସବୁର ପ୍ରଭାବ କିପରି ରହିଛି ତାହା ତଦାରଖ ପାଇଁ ଶନିବାର ଜିଲାପାଳ ସରୋଜ କୁମାର ସାମଲ ଓ ଏସ୍‌ପି ବିକାଶ ଚନ୍ଦ୍ର ଦାସ ଝାରସୁଗୁଡା ଓ ବ୍ରଜରାଜନଗର ଅଞ୍ଚଳ ପରିଦର୍ଶନ କରିଥିଲେ। ପରେ ବ୍ରଜରାଜନଗର ଥାନାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ସାମଲ, ଏସ୍‌ପି ଦାସ, ଏସ୍‌ଡିପିଓ ଦିଲୀପ ଦାସ, ତହସିଲଦାର ଦିଲୀପ ପ୍ରଧାନ, ପୌର ପରିଷଦ ନିର୍ବାହୀ ଅଧିକାରୀ ବିନୟ ପଟେଲ, ଆଇଆଇସି ନଳିତା ମୋଦୀ, ଆଇଆଇସି ବୈକୁଣ୍ଠ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଓ ଏସ୍‌ପି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନାକରି ଆଗକୁ କିପ୍ରକାର ପଦକ୍ଷେପ ଗ୍ରହଣ କରିବେ ପରାମର୍ଶ ଦେଇଥିଲେ । ଦୁଇ ପଦାଧିକାରୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଜିଲାରେ କରୋନା ପରିସ୍ଥିତି ଟଳିନାହିଁ। ଏବେ ମଧ୍ୟ ସଂକ୍ରମଣ ହାର ୨୩ରୁ ୨୪ପ୍ରତିଶତ ରହିଛି, ଯାହାକି ଜିଲାପାଇଁ ଉଦ୍‌ବେଗଜନକ। ଏଥିପାଇଁ ଜିଲାରେ ଟେଷ୍ଟିଂ ବୃଦ୍ଧି କରିବା ସହ କଣ୍ଟାକ୍ଟ ଟ୍ରେସିଂକୁ ପ୍ରାଧାନ୍ୟ ଦିଆଯାଉଛି। ଯେଉଁ ଆକ୍ରାନ୍ତମାନେ ହୋମ୍ ଆଇସୋଲେଶନ୍‌ରେ ରହି ଚିକିତ୍ସିତ ହେଉଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ ପାଇଁ ଜିଲାରେ ୨୫ଗୋଟି ଟିମ୍ କାର୍ଯ୍ୟ କରୁଛନ୍ତି। ଏହା ସହିତ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନେଇ ଏକ ୧୦ଜଣିଆ କେନ୍ଦ୍ରୀୟ ଟିମ୍ ଗଠନ କରାଯାଇଛି। ଏହି ଟିମ୍ କେଉଁ ରୋଗୀଙ୍କୁ ହୋମ୍ ଆଇସୋଲେଶନ୍, କୋଭିଡ୍ କେୟାର ସେଣ୍ଟର ଓ କୋଭିଡ୍ ହସ୍ପିଟାଲରେ ରଖାଯିବ ସେ ନିଷ୍ପତ୍ତି ନେଉଛି।



ଖବରଦତା ସମ୍ମିଳନୀରେ ଜିଲାପାଳ, ଏସ୍‌ପି ସୂଚନା ଦେଉଛନ୍ତି।

## ରାଜଗାଙ୍ଗପୁରରେ ଲୁଟେରାଙ୍କ ଦୌରାତ୍ମ୍ୟ

ରାଜଗାଙ୍ଗପୁର,୧୫।୫(ଡି.ଏନ.ଏ)

ଶୁକ୍ରବାର ସୁରଟରୁ ଟ୍ରେନ ଯୋଗେ ଆସି ରାଜଗାଙ୍ଗପୁର ଷ୍ଟେସନରେ ଓହ୍ଲାଇ ନିଜ ଗ୍ରାମ ଜାମବାହାଲକୁ ଯାଉଥିବା ସୁନୀଲ ଭାଗଓ୍ୱରଙ୍କ ଠାରୁ ୨ଜଣ ଲୁଟେରା ବାଇକରେ ଆସି ତାଙ୍କୁ ବାଇକରେ ଛାଡିଦେବାକୁ କହି ରେଳବାଇ ସାଇଡିଙ୍ଗ ନିକଟରେ ତାଙ୍କ ପକେଟରୁ ୧୦ ହଜାର ଟଙ୍କା ଲୁଟି ଫେରାର୍ ହୋଇଯାଇଥିବା ଅଭିଯୋଗ ହୋଇଛି। ସେହିପରି ଦ୍ୱିତୀୟ ଘଟଣାରେ ସୁନ୍ଦରଗଡର ଅନ୍ୟ ଜଣେ ମହମ୍ମଦ ନିହାଲ ଦ୍ୱିପ୍ରହରେ ଏକୁଟିଆ ବାଇକ ଯୋଗେ ରାଜଗାଙ୍ଗପୁରରେ ଥିବା ତାଙ୍କ ଭଉଣୀ ଘରକୁ ଆସୁଥିବା ବେଳେ ସୋଡା ମିଲ ନିକଟରେ ୨ଜଣ ଲୁଟେରା ବାଇକରେ ଆସି ତାଙ୍କୁ ଅଟକାଇ ତାଙ୍କ ଠାରୁ ମୋବାଇଲ ଫୋନ ଓ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ତୃତୀୟ ଘଟଣାରେ ରାଣୀବନ୍ଧ ବାଇପାସ ରାସ୍ତାରେ ଗତ ରାତିରେ ୨ଜଣ ଲୁଟେରା ଏକ ଟ୍ରକ ଭିତରେ ଶୋଇଥିବା ହେଲପରକୁ ଆକ୍ରମଣ କରି ମୋବାଇଲ ଓ ଟଙ୍କା ଲୁଟି ନେଇ ଥିବା ଜଣାପଡିଛି। ଏ ଦିଗରେ ପୋଲିସ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ଦାବି ବି ହୋଇ।

# ରିପୋର୍ଟ ଆସିବାରେ ବିଳମ୍ବ

ସମ୍ବଲପୁର,୧୫।୫(ବ୍ୟୁରୋ)

ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍‌ସେନା କୋଭିଡ୍ ପରୀକ୍ଷା ବୃଦ୍ଧି ପାଇଁ ବଡିଓ, ସରପଞ୍ଚ, ମହାନଗର ନିଗମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଭ୍ରାମ୍ୟମାଣ ପରୀକ୍ଷା ଗାଡି ୱାର୍ଡ ଓ ଗ୍ରାମକୁ ଯାଉଛି। ସନ୍ଦେହ ହେଉଥିବା ବ୍ୟକ୍ତିଙ୍କ ଆଣ୍ଟିଜେନ ପରୀକ୍ଷା କରାଯାଉଥିବାବେଳେ ଆର୍‌ଟିପିସିଆର୍ ପାଇଁ ନମୁନା ସଂଗ୍ରହ କରାଯାଉଛି। ହେଲେ ଆର୍‌ଟିପିସିଆର୍ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ପୂର୍ବରୁ ୪୮ଘଣ୍ଟା ଭିତରେ ରିପୋର୍ଟ ଆସୁଥିବା ବେଳେ ଏବେ ୫ରୁ ୭ଦିନ ପର୍ଯ୍ୟନ୍ତ ରିପୋର୍ଟ ଆସୁ ନ ଥିବା ଅଭିଯୋଗ ହେଉଛି। କ୍ଷେତରାଜପୁରର ଜଣେ ବ୍ୟକ୍ତି ତାଙ୍କ ଆର୍‌ଟିପିସିଆର୍ ରିପୋର୍ଟ ୫ଦିନ ହେଲା ଆସି ନ ଥିବା ଅଭିଯୋଗ କରିଛନ୍ତି। ଆଣ୍ଟିଜେନ ରିପୋର୍ଟ ନେଗେଟିଭ୍ ହୋଇଥିଲେ ମଧ ତାହା ଠିକ୍ ନୁହେଁ। ପୁଣି ରିପୋର୍ଟ ଆସିବାରେ ବିଳମ୍ବ ହେଲେ ଯଦି ପଜିଟିଭ୍ ଥିବ ତାହା ଜୀବନ ପ୍ରତି ବିପଦ ହେବ ବୋଲି ବୋଲି ମତପ୍ରକାଶ ପାଉଛି। ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ କହିଛନ୍ତି, ଆର୍‌ଟିପିସିଆର୍ ରିପୋର୍ଟକୁ ଅଧିକ ବିଶ୍ୱାସଯୋଗ୍ୟ ଭାବେ ନିଆଯାଉଛି। ପରୀକ୍ଷା ରିପୋର୍ଟ ବିଳମ୍ବ ହେବାରୁ ଅନେକ କ୍ଷେତ୍ରରେ ରୋଗୀମାନଙ୍କୁ ସମସ୍ୟା ହେଉଛି। ଏ ସମ୍ପର୍କରେ ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ଭିମ୍‌ସାରରେ ଏକମାତ୍ର ପରୀକ୍ଷାକେନ୍ଦ୍ର ରହିଛି। ଲ୍ୟାବ୍‌ର ଦିନକୁ ୨ ଶହ ନମୁନା ପରୀକ୍ଷା କରିବା କ୍ଷମତା ରହିଥିବାବେଳେ ପ୍ରତିଦିନ ୭ ଶହରୁ ୮ ଶହ ନମୁନା ପରୀକ୍ଷା କରାଯାଉଛି। ଲ୍ୟାବ୍ କର୍ମଚାରୀ ଓ ଟେକ୍‌ନିସିଆନ ଦିନରାତି କାମ କରୁଛନ୍ତି। ପରୀକ୍ଷା କରିବା ପାଇଁ ସମସ୍ୟା ହେଉଛି। ନମୁନା ସଂଗ୍ରହଠାରୁ ପରୀକ୍ଷା ପରିମାଣ ବହୁତ କମ୍ ରହୁଛି। ତେଣୁ ଅଧିକ ଦିନ ଲାଗିଯାଉଛି। ଶନିବାର ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଜିଲାରେ ୫୫୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।




ଭିମ୍‌ସାରରେ କୋଭିଡ୍ ପରୀକ୍ଷା ଲ୍ୟାବ୍ ।

**ଭିମସାରରେ କୋଭିଡ୍ ପରୀକ୍ଷା**

■ କ୍ଷମତାରୁ ଅଧିକ ପରୀକ୍ଷା
■ ବିକଳ୍ପ ବ୍ୟବସ୍ଥା ଦାବି

# ଫୁଲ ବ୍ୟବସାୟରେ କରୋନା ମାଡ଼



ପୁଡାପଡାରେ ମହିଳାମାନେ ବଗିଚାରୁ ଫୁଲ ତୋଳୁଛନ୍ତି।

ସମ୍ବଲପୁର,୧୫।୫(ବ୍ୟୁରୋ)

ମହିଳା ସଶକ୍ତୀକରଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କୁ ସ୍ୱାବଲମ୍ବୀ କରିବା ଲାଗି ବିଭିନ୍ନ ଯୋଜନା କରିଛନ୍ତି। ସରକାରଙ୍କ ଏହି ଯୋଜନାରେ ସାମିଲ ହୋଇ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପୁଡାପଡା ବୃକ୍ଷ ସୁରକ୍ଷା ଏସ୍ଏଚ୍‌ଜି ମହିଳା ଗେଣ୍ଡୁଫୁଲ ଚାଷ କରୁଥିଲେ। ସପ୍ତାହରେ ପ୍ରାୟ ଦେଢ଼ କୁଇଣ୍ଟାଲ ଫୁଲ ବିକ୍ରି କରି ସେମାନେ ୫ରୁ ୬ ହଜାର ଟଙ୍କା ଆୟ କରୁଥିଲେ। ଏବେ କରୋନା ଯୋଗୁ ଲକ୍‌ଡାଉନ ହୋଇଥିବାରୁ ମନ୍ଦିରଗୁଡିକ ବନ୍ଦ ରହିଛି। ବିବାହ ଓ ସାମାଜିକ କାର୍ଯ୍ୟ ଆଡମ୍ବରରେ ହେଉ ନାହିଁ। ତେଣୁ ଫୁଲ ବିକ୍ରି କମି ଯାଇଥିବା କହିଛନ୍ତି। ଓଡ଼ିଶା ଜୀବିକା ମିଶନ ସଂଯୋଜିକା ପୁଷ୍ପଶ୍ରୀ ନାଏକ କହିଛନ୍ତି, ଓଡ଼ିଶା ଜୀବିକା ମିଶନ ଓ ଓର୍‌ମାସ ମିଳିତ ଭାବେ ଜିଲାରେ ମହିଳା ସଶକ୍ତୀକରଣ ଉପରେ କାମ କରୁଛନ୍ତି। ବୃକ୍ଷ ସୁରକ୍ଷା ଯୋଜନାରେ ଏସ୍ଏଚ୍‌ଜି ମହିଳାମାନେ ଆବେଦନ କରିବା ପରେ ସେମାନଙ୍କୁ ତାଲିମ ଦିଆଯାଇ ଫୁଲଚାଷ ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ରାୟ ୨ବର୍ଷ ତଳେ ସେମାନେ ଫୁଲଚାଷ ଆରମ୍ଭ କରିଥିଲେ। ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ନୀଳଡୁଙ୍ଗୁରୀରେ ଥିବା ନର୍ସରୀରୁ ଚାରା ନେଇ ଜାନୁୟାରୀ ଓ ଫେବୃୟାରୀ ମାସରେ ରୋପଣ କରିଥିଲେ। ମାର୍ଚ୍ଚ ମାସରୁ ଫୁଲ ଅମଳ ହୋଇ ଜୁନ ଓ ଜୁଲାଇ ପର୍ଯ୍ୟନ୍ତ ବିକ୍ରି କରନ୍ତି। ଏବେ କୋଭିଡ୍ କଟକଣା ମହିଳାଙ୍କ ଏହି ବ୍ୟବସାୟ ଉପରେ ପ୍ରଭାବ ପକାଇଛି। ମନ୍ଦିର ସାଙ୍ଗକୁ ସରକାରୀ ଓ ବେସରକାରୀ ସଭାସମିତି ବନ୍ଦ ରହିଛି। ସାମାଜିକ କାର୍ଯ୍ୟ ଉପରେ କଟକଣା ଲଗାଯାଇଛି। ତେଣୁ ଫୁଲର ଚାହିଦା କମିଯାଇଛି। ଅନେକ ଫୁଲ ନଷ୍ଟ ହୋଇଯାଇଛି। ତେଣୁ ଆଗକୁ ଫୁଲକୁ ନେଇ ସେଣ୍ଟ, ଅଠା କିମ୍ବା ଅନ୍ୟ ସାମଗ୍ରୀ ତିଆରି କରିବା ଉପରେ ଚିନ୍ତା କରାଯିବ। ରାଜ୍ୟ ବାହାରେ ଶୁଖିଲା ଫୁଲ ଓ ପୂଜା ହୋଇଥିବା ବାସି ଫୁଲକୁ ରିସାଇକ୍ଲିଂ କରାଯାଉଛି। ସେଭଳି ପ୍ଲାଣ୍ଟ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ମହିଳାଙ୍କ ଦ୍ୱାରା ଉତ୍ପାଦିତ ଫୁଲ ନଷ୍ଟ ନ ହୋଇ ବିକ୍ରି ହୋଇପାରିବ। ଏଥିପାଇଁ ମଧ ମହିଳାମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି କହିଥିଲେ।

**ଏସ୍ଏଚ୍‌ଜି ମହିଳାଙ୍କୁ ରୋଜଗାର ଦେଉଥିଲା**

### ଫଟୋରେ ଖବର





ଶୀତଳଷଷ୍ଠୀ ଯାତ୍ରା ପାଇଁ ଶନିବାର ସମ୍ବଲପୁର ବୁଢାରଜା ମହାଦେବଙ୍କ ପୀଠ ଓ ଠାକୁରପଡା ଗୁପ୍ତେଶ୍ୱର ବାବାଙ୍କ ପୀଠରେ ଠାକୁରଙ୍କ ଉଦ୍ଦେଶ୍ୟରେ ଥାଳ ଟେକାଯାଉଛି।

ମହାମାରୀ ବିରୋଧୀ ଯୁଦ୍ଧର ଅସ୍ତ୍ରରେ ପରିଣତ ହୋଇଛି
ଜୋଲି ତୁଳସୀ-51 ଡ୍ରପ୍ସ




CLINICALLY TESTED

କାଲି ପର୍ଯ୍ୟନ୍ତ ଯାହା ଆମେ କେବଳ ଖବରରେ ଶୁଣୁଥିଲୁ, ତାହା ଏବେ ଆମ ଆଖପାଖରେ ଘଟୁଛି । ଏପରି କ୍ଷେତ୍ରରେ ନିଜ ପରିବାରର ସୁରକ୍ଷାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ କଷ୍ଟକର ପ୍ରତୀତ ହେଉଛି । କିନ୍ତୁ ଏମିତି କିଛି ନାହିଁ, ଏଥିରୁ ରକ୍ଷା ପାଇହେବ।

ବେପରୁଆ ମନୋଭାବ ଆଦୌ ରଖନ୍ତୁ ନାହିଁ ଏବଂ ଲାବ୍ ପ୍ରମାଣିତ ନାଚୁରାଲ୍ ଇମ୍ୟୁନିଟି ବୁଷ୍ଟର୍ ଜୋଲି ତୁଳସୀ 51 ଡ୍ରପ୍ସ ସେବନ କରିବା ଜାରି ରଖନ୍ତୁ ଓ ପୂରା ପରିବାରକୁ ଭାଇରାଲ୍ ସଂକ୍ରମଣ ଓ ଋତୁକାଳୀନ ରୋଗର ପ୍ରକୋପରୁ ସୁରକ୍ଷିତ ରଖନ୍ତୁ ।

ଆପଣଙ୍କ ପରିବାରର ସୁରକ୍ଷା କବଚ

- ଇମ୍ୟୁନିଟି ବଢ଼ାଇବା ପାଇଁ Clinically Tested ପରିଣାମ
- ବର୍ଷ ବର୍ଷର ପୁରୁଣା ଓ ବିଶ୍ୱସନୀୟ ଉତ୍ପାଦ
- ଇମ୍ୟୁନିଟି ବଢ଼ାଇବା ସହିତ Body ମଧ Detox କରନ୍ତୁ
- ତୁଳସୀର ସହସ୍ରାଧିକ ଅନ୍ୟାନ୍ୟ ଲାଭ ଆୟୁର୍ବେଦରେ ବର୍ଣ୍ଣିତ
- କୋଟି କୋଟି ସନ୍ତୁଷ୍ଟ ଗ୍ରାହକ

ପାଞ୍ଚ ପ୍ରକାର ତୁଳସୀରୁ ଅତ୍ୟନ୍ତ ବିଶେଷ ବିଧିରେ ପ୍ରସ୍ତୁତ ଅର୍କ

JOLLY
ତୁଳସୀ 51 ଡ୍ରପ୍ସ
ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ

ଧ୍ୟାନ ଦିଅନ୍ତୁ, ଜୋଲି ତୁଳସୀ 51 ଡ୍ରପ୍ସର ଅଭୂତପୂର୍ବ ଲୋକପ୍ରିୟତା କାରଣରୁ ବଜାରରେ ଏକାସଦୃଶ ଅନେକ ପ୍ରଡକ୍ଟ ଆସିଯାଇଛି । ତେଣୁ କିଣିବା ସମୟରେ ଜୋଲି ତୁଳସୀ 51 ଡ୍ରପ୍ସ ହିଁ ମାଗନ୍ତୁ ଓ କିଣନ୍ତୁ ।

ସବୁ ମେଡିକାଲ ଷ୍ଟୋରରେ ଉପଲବ୍ଧ । Helpline: 0161-520-1588 Buy Online:www.jollypharmaindia.com

> ଏହି ପୃଥିବୀକୁ ଭଗବାନଙ୍କର ଏକ ରଙ୍ଗଶାଳା ବୋଲି ମନେକର। ତୁମେ ଏଥିରେ ଜଣେ ମୁଖାପିନ୍ଧା ଅଭିନେତା ବୋଲି ନିଜକୁ ଭାବ ଏବଂ ଭଗବାନଙ୍କୁ ତୁମ ମାଧ୍ୟମରେ ତାଙ୍କ ନାଟକ କରିବାକୁ ଛାଡି ଦିଅ। ଯେଉଁମାନେ ତୁମ ଅଭିନୟ ଦେଖି ହସୁଛନ୍ତି ବା ବିରକ୍ତ ହେଉଛନ୍ତି– ସେମାନଙ୍କୁ ମଧ୍ୟ ତୁମର ମୁଖାପିନ୍ଧା ସହଅଭିନେତା ବୋଲି ବୁଝ। ଏବଂ ତୁମ ଅନ୍ତରସ୍ଥ ଭଗବାନଙ୍କୁ ହିଁ ତୁମର ପ୍ରକୃତ ଦର୍ଶକ ଓ ମନ୍ତବ୍ୟଦାତା ବୋଲି ମନେକର। –ଶ୍ରୀଅରବିନ୍ଦ

# ଆମେ ପଛେଇଗଲୁ



**ଆକାର ପଟେଲ**

ଯୁଦ୍ଧରେ ଫିଲ୍ଡ ମାର୍ଶାଲ ବର୍ନାଡ ମଣ୍ଟେଗୋମେରୀଙ୍କ ନାମ ବେଶ୍ ଜଣାଶୁଣା, କିନ୍ତୁ ସେ କେବେ ବି ଅଧିକ ଯୁଦ୍ଧ ଜିତି ନାହାନ୍ତି। ବାସ୍ତବରେ ତାଙ୍କର ସବୁଠୁ ଶ୍ରେଷ୍ଠ ଲଢ଼େଇ 'ଅପରେଶନ ମାର୍କେଟ ଗାର୍ଡେନ'(ଯାହା ଉପରେ 'ଏ ବ୍ରିଜ ଠୁ ଫାର୍' ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା) ଥିଲା ଏକ ବିପର୍ଯ୍ୟୟ। କିନ୍ତୁ ଐତିହାସିକମାନେ ଏକମତ ଯେ, ମଣ୍ଟେଗୋମେରୀଙ୍କ ନିକଟରେ କିଛି ଥିଲା,ଯାହା ସମସ୍ତ ଜେନେରାଲଙ୍କ ପାଖରେ ରହିବା ଉଚିତ ଏବଂ ତାହା ହେଉଛି 'ଗ୍ରିପ୍' ଅର୍ଥାତ୍ ପରିସ୍ଥିତିକୁ ଭଲ ଭାବେ ବୁଝି ନିଜ ଆୟତ୍ତରେ ରଖିବା। ଏହା ହେଉଛି ଏକ ପ୍ରକାର ଗୁଣ ; ଯେଉଁଥିରେ କୌଣସି ପରିସ୍ଥିତି ଉପରେ ସତର୍କ ରହିବା, ପାଖରେ କେଉଁ ସବୁ ସଂସାଧନ ରହିଛି ଏବଂ ଭବିଷ୍ୟତରେ କ'ଣ ଆବଶ୍ୟକ ସେ ବିଷୟରେ ଜାଣିବା ଓ ଆଗକୁ କେଉଁ ସବୁ ଘଟଣା ଘଟିବ ସେ ସମ୍ବନ୍ଧରେ ସଚେତନ ହେବାକୁ ପଡ଼େ। ଏହି ସବୁ ଗୁଣ ଆମ ପ୍ରଧାନମନ୍ତ୍ରୀଙ୍କ ପାଖରେ ରହିଛି ବୋଲି ଆମେ କହିପାରିବା ନାହିଁ। ସେ କୌଣସି ଘଟଣାର ସବିଶେଷ ବିବରଣୀ ଜାଣିବାକୁ ଆଗ୍ରହୀ ନୁହନ୍ତି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଏକ ସାକ୍ଷାତ୍କାରରେ ସାମ୍ବାଦିକ ମଧୁ କିସଓ୍ୱାରଙ୍କୁ କହିଥିଲେ ଯେ, କୌଣସି ଅଧିକାରୀ ଯଦି ତାଙ୍କୁ କିଛି ପେପର ଦେଖାନ୍ତି, ତା'ଉପରେ ୨ ମିନିଟରେ କହିବାକୁ ସେ କହିଥାଆନ୍ତି। ୧୦ ପୃଷ୍ଠାର ତଥ୍ୟ ପାଇଁ ଦୁଇ ମିନିଟ୍ ଯଥେଷ୍ଟ ଓ ତାଙ୍କର ଏପ୍ରକାର ଗୁଣ ରହିଥିବା ସେ ପ୍ରକାଶ କରିଥିଲେ। ସମ୍ପୂର୍ଣ୍ଣ ଘଟଣା ଜାଣିବାକୁ ତାଙ୍କର ଆଗ୍ରହ ନ ଥିଲେ ବି କୌଣସି କାର୍ଯ୍ୟରୁ ଅଲଗା ରହିବାକୁ ସେ ପସନ୍ଦ କରନ୍ତିନି। ବରଂ ଷ୍ଟ୍ରୋକ୍ ବା ଏକାମାଡ଼ରେ କାମ ହାସଲ କରିବାରେ ନିଜକୁ ଜଡ଼ିତ ରଖନ୍ତି। ଉଦାହରଣ ସ୍ୱରୂପ, ଚଳିତ ବର୍ଷ ମାର୍ଚ୍ଚ ଶେଷସୁଦ୍ଧା ବିବିସି ରିପୋର୍ଟ କରିଥିଲା ଯେ, ଗତ ବର୍ଷ ଲକ୍‌ଡାଉନ ପୂର୍ବରୁ ଏହାର ପରିଣାମ କ'ଣ ହେବ ସେ ସମ୍ପର୍କରେ କୌଣସି ଗୋଟିଏ ବି ମନ୍ତ୍ରଣାଳୟ ସହ ବିଚାର ବିମର୍ଶ କରାଯାଇ ନ ଥିଲା। ଭାରତର ସ୍ୱାସ୍ଥ୍ୟ, ଅର୍ଥ, ବିପର୍ଯ୍ୟୟ ପରିଚାଳନା ଆଦି ବିଭିନ୍ନ ବିଭାଗଗୁଡ଼ିକ ସହ ଯଦି ଲକ୍‌ଡାଉନ ପୂର୍ବରୁ ପରାମର୍ଶ କରାଯାଇଥିଲା ତେବେ କିଭଳି କରାଯାଇଥିଲା ତାହା ଜାଣିବା ଲାଗି ବିବିସି ୨୪୦ଟି ସୂଚନା ଅଧିକାର ଦରଖାସ୍ତ ଦାଖଲ କରିଥିଲା। ସେମାନଙ୍କ ଉତ୍ତରରୁ ଜଣାପଡ଼ିଲା ଯେ, ଏ କ୍ଷେତ୍ରରେ କୌଣସି ବିଶେଷଜ୍ଞଙ୍କ କିମ୍ବା ସରକାରୀ ବିଭାଗଗୁଡ଼ିକ ସହ ପରାମର୍ଶ କରାଯାଇ ନ ଥିଲା। ତେବେ ଲକ୍‌ଡାଉନ ପୂର୍ବରୁ ସମ୍ବନ୍ଧିତ ବିଭାଗଗୁଡ଼ିକ ସହ କାହିଁକି ପରାମର୍ଶ କରାଯାଇ ନ ଥିଲା ସେ ସମ୍ପର୍କରେ ତଥ୍ୟ ବିବିସିକୁ ଦେବା ପାଇଁ ସରକାର ମନା କରି ଦେଇଥିଲେ। ଦ୍ୱିତୀୟ ଉଦାହରଣ ହେଉଛି ବିମୁଦ୍ରୀକରଣରେ ପ୍ରଧାନମନ୍ତ୍ରୀଙ୍କର କାର୍ଯ୍ୟଶୈଳୀ। ଏହା ଘଟିବାକୁ ଯାଉଥିଲା ବୋଲି ହାତ ଗଣତି ଲୋକ ଜାଣିଥିଲେ। ଏପରି କି ବିମୁଦ୍ରୀକରଣ ଲାଗୁ ହେବା ଦିନ ଯାଏ କ୍ୟାବିନେଟ୍‌କୁ ଏହା ଜଣାଯାଇ ନ ଥିଲା। ୧୦୦୦ ଓ ୫୦୦ ଟଙ୍କିଆ ନୋଟ ୮ ନଭେମ୍ବର, ୨୦୧୮ ସନ୍ଧ୍ୟାରେ ରଦ୍ଦ ହେବ ଏହା ମଧ୍ୟ ଅବଗତ କରାଯାଇ ନ ଥିଲା। ଏଥିପାଇଁ ସରକାର କେବେ ବି ପ୍ରସ୍ତୁତ ନ ଥିଲେ । ଜାଣିଶୁଣି ଏହାକୁ ଗୁପ୍ତ ରଖାଯାଇଥିଲା। ମୋଦିଙ୍କ ଏହି କାର୍ଯ୍ୟଶୈଳୀ ଭଲ କି ମନ୍ଦ, ଲାଭ କି କ୍ଷତି ତାହା କହିବା ମୋର ଲକ୍ଷ୍ୟ ନୁହେଁ। ଏଠାରେ ପ୍ରମାଣ ସ୍ପଷ୍ଟ, ଆଉ କିଛି ଆଲୋଚନା କରିବା ଦରକାର ନାହିଁ। କିନ୍ତୁ ମହାମାରୀ ସମସ୍ୟାକୁ ଏକ ସିଙ୍ଗଲ ଷ୍ଟ୍ରୋକ୍‌ରେ ଡିଲ୍ କରାଯାଇ ପାରିବ ନାହିଁ। ଏହି ପରିସ୍ଥିତି ଉପରେ ଦେଶ ସଚେତନ ହେବା ଦରକାର। ଏବେ ନିଜ ପାଖରେ ଥିବା ସଂସାଧନ ସମ୍ପର୍କରେ ଜାଣିବା ସହ ଭବିଷ୍ୟତରେ କ'ଣ ଆବଶ୍ୟକ ପଡ଼ିବ ତାହା ଜାଣିବା ଉଚିତ। ଆଗକୁ କ'ଣ ଘଟିବ ସେ ସମ୍ବନ୍ଧରେ ସଚେତନ ହେବାକୁ ପଡ଼ିବ। ଯେଉଁ ଦେଶରେ ବହୁ ସମୟରେ ଅଳ୍ପ କିଛି ଲୋକଙ୍କ ବିଚାର ପରିସରରେ ଏବଂ ବେଳେବେଳେ କେବଳ ଜଣକ ଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଯାଉଛି, ସେଠାରେ ଏସବୁ କରିବା କଷ୍ଟକର ହୋଇପାରେ।

କରୋନା ମାହାମାରୀର ଦ୍ୱିତୀୟ ଲହରରେ ଟିକା, ଅକ୍ସିଜେନ ଏବଂ ଭେଣ୍ଟିଲେଟର ଅଭାବ ଦୃଷ୍ଟିକୋଣରୁ ଆମ ସରକାରଙ୍କ ସ୍ଥିତି ଏଭଳି ହେବ ବୋଲି କେହି କେବେ ଅନୁମାନ କରିପାରି ନ ଥିଲେ। ବିଶ୍ୱର ବିଭିନ୍ନ ଦେଶରୁ ଆମେ ଏବେ ଯେଉଁ ସାହାଯ୍ୟ ପାଉଛେ ସେ ସବୁ ନୂଆ ଉତ୍ପାଦିତ ନୁହେଁ। କହିପାରିବା ନାହିଁ ଯେ, ଆମେ ଏବେ ଯେଉଁ ସଙ୍କଟର ସମ୍ମୁଖୀନ ହେଉଛେ ସେମାନେ ଏହାର ପୂର୍ବାନୁମାନ କରି ଅଧିକ ଉତ୍ପାଦନ କରିଥିଲେ ଯାହାକୁ ଆମେ ପାଉଛେ। ସେମାନଙ୍କ ପ୍ରସ୍ତୁତି କାରଣରୁ ଏହି ଜିନିଷ ସେମାନଙ୍କ ପାଖରେ ଅଧିକ ଥିଲା ଓ ତାହାକୁ ସେମାନେ ଏବେ ବାଣ୍ଟିପାରିଲେ। ଆମେ ଠିକ୍ ସମୟରେ ଟିକା ପାଇଁ ଅର୍ଡର ନ ଦେବା ଯୋଗୁ ଆମ ପାଖରେ ପର୍ଯ୍ୟାପ୍ତ ଟିକା ରହିଲା ନାହିଁ। ଏହା ଆମର ଦରକାର ବୋଲି ଆମେ ମଧ୍ୟ ଚିନ୍ତା କଲୁନାହିଁ। ଆମେ ସମସ୍ତ ପ୍ରକାର ପ୍ରସ୍ତୁତିରେ ପଛେଇଗଲୁ। ଜାନୁୟାରୀ ଶେଷରେ ପ୍ରଧାନମନ୍ତ୍ରୀ ୱାର୍ଲ୍ଡ ଇକୋନୋମିକ ଫୋରମକୁ କହିଥିଲେ ଯେ, ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ କମୁଛି ଓ ଅଧିକ ନାଗରିକଙ୍କ ଜୀବନ ବଞ୍ଚାଇବାରେ ସଫଳ ଦେଶଗୁଡ଼ିକ ମଧ୍ୟରେ ଭାରତ ଅନ୍ୟତମ। ବିଶ୍ୱ ଜନସଂଖ୍ୟାର ୧୮% ଲୋକ ରହୁଥିବା ଦେଶ ଭାରତ ପ୍ରଭାବୀ ଶୈଳୀରେ କରୋନାର ମୁକାବିଲା କରି ମାନବଜାତିର ସୁରକ୍ଷା କରିଛି।

ଭାରତ ଏ କ୍ଷେତ୍ରରେ ଭିନ୍ନ ଥିଲା ଓ କୋଭିଡ୍‌କୁ ଆୟତ୍ତ କଲା– ଏହାକୁ ପ୍ରମାଣ ମନେକରି ଏହି ଆଧାରରେ ଆମେ ନିଷ୍ପତ୍ତି ନେଲୁ। ଅନ୍ୟ ପକ୍ଷରେ ପ୍ରଥମ ଲହରରେ କୋଭିଡ୍‌କୁ ଏକ ଦୀର୍ଘ ସମସ୍ୟା ଭାବେ ଅନ୍ୟ ଦେଶଗୁଡ଼ିକ ବିଚାର କଲେ। ମହାମାରୀ ବିରୋଧୀ ଲଢେଇ ଜିତିଲେ କି ନାହିଁ ନିଷ୍ପତ୍ତି ନେବାରେ ଏକକ ନେତୃତ୍ୱ ପରିବର୍ତ୍ତେ ବୈଜ୍ଞାନିକମାନଙ୍କ ଉପରେ ଛାଡିଦେଲେ। କେବଳ ପ୍ରତିଷେଧକ, ସ୍ୱାସ୍ଥ୍ୟ ସେବା ପ୍ରସ୍ତୁତି ଏବଂ ଟିକାକରଣ ମହାମାରୀକୁ ରୋକିପାରିବ ବୋଲି ବୈଜ୍ଞାନିକମାନେ ମତ ଦେବା ମାତ୍ରେ ସେଠାରେ ସେମାନଙ୍କ କାର୍ଯ୍ୟାନ୍ୱୟନ କ୍ଷମତା ବଢ଼ାଯାଇଥିଲା। ପ୍ରଶ୍ନ ହେଉଛି ଆମେ କାହିଁକି ଏଭଳି ଘାତକ ଦ୍ୱିତୀୟ ଲହର ସମ୍ପର୍କରେ ପୂର୍ବାନୁମାନ କରିପାରିଲେ ନାହିଁ। ଏହାର ଉତ୍ତର ହେଉଛି, ଯଦି ନେତୃତ୍ୱ ଏହି ପରିସ୍ଥିତିକୁ ପୂର୍ବାନୁମାନ କରି ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିଥାଆନ୍ତେ ତେବେ ମହାମାରୀ ନିଶ୍ଚିତ ଆୟତ୍ତ ହୋଇପାରିଥାଆନ୍ତା।

Email:aakar.patel@gmail.com

# ଶତାବ୍ଦୀର ସଙ୍କଟ



**ଡ. ପ୍ରଫୁଲ୍ଲ କୁମାର ସାହୁ**

ଦେଶରେ ଏବେ ତାଣ୍ଡବ ରଚୁଛି ମହାମାରୀ କରୋନା। ଜୀବନ ଅସ୍ତବ୍ୟସ୍ତ। ଜୀବିକା ବିପର୍ଯ୍ୟସ୍ତ। କରୋନାର ଏ ଦ୍ୱିତୀୟ ଲହର ମାରିବାରେ ଯେତିକି ମାହିର, ସଞ୍ଚରିବାରେ ସେତିକି ବିଚକ୍ଷଣ। ପବନ ବେଗରେ ମାଡ଼ିଚାଲିଛି ସଂକ୍ରମଣ। ପ୍ରତିଦିନ ପୋକମାଛି ପରି ଟଳି ପଡୁଛନ୍ତି ହଜାର ହଜାର ଲୋକ। କଞ୍ଚା ପାଚିଲା ସବୁ ସମାନ। ଚାରିଆଡ଼େ ମୃତ୍ୟୁର ବିଭୀଷିକା। ସବୁଠି ଆତ୍ମୀୟଙ୍କୁ ହରାଇବାର କରୁଣ ବିଳାପ। ପରିସ୍ଥିତିକୁ ଅଧିକ ଜଟିଳ କରିପକାଇଛି ଚିକିତ୍ସାତନ୍ତ୍ରର ହୁଗୁଳା ଚେହେରା। କେଉଁଠି ଡାକ୍ତରଖାନାରେ ଶଯ୍ୟା ନାହିଁ ତ କେଉଁଠି ଅକ୍ସିଜେନ ଅଭାବ। କେଉଁଠି ଭେଣ୍ଟିଲେଟର ଉପଲବ୍ଧ ହୋଇପାରୁନି ତ କେଉଁଠି ଜୀବନ ରକ୍ଷାକାରୀ ଔଷଧ ବିନା ଟଳିପଡୁଛି ଜୀବନ। ଅର୍ଥାତ୍ ଶତାବ୍ଦୀର ଏ ସଂକଟ ଆଗରେ ଆଣ୍ଠେଇ ପଡ଼ିଛି ଦେଶ। ସାଧାରଣତଃ ନେତୃତ୍ୱର ଅସଲ ପରୀକ୍ଷା ହୁଏ ସଂକଟ କାଳରେ। ଦୂରଦର୍ଶୀ ନେତୃତ୍ୱର ସଂକଳ୍ପ ବଳରେ ଟଳିଯାଏ ସଂକଟ। ମାତ୍ର ଭାରତ ପାଇଁ କାଳ ହୋଇଛି ଚରମ ଅବହେଳାଜନିତ ଅବ୍ୟବସ୍ଥା। ଗତବର୍ଷ (୨୦୨୦) ଆରମ୍ଭରେ ଯେତେବେଳେ ସାରା ବିଶ୍ୱକୁ କରୋନା କବଳିତ କଲା, ସେତେବେଳେ ସଂକ୍ରମଣ ରୋକିବା ପାଇଁ ବୈଜ୍ଞାନିକ ଅଧ୍ୟୟନ ଆଧାରରେ ସଙ୍ଗରୋଧ ଉପରେ ଗୁରୁତ୍ୱ ଦେଲା ସବୁ ଦେଶ। ମାତ୍ର ଆମେ ଆଉ ପାଦେ ଆଗକୁ ଯାଇ ଲୋକଙ୍କ ମନରେ ପୂରେଇଦେଲୁ ଭ୍ରମ ଧାରଣା। ବିଶେଷଜ୍ଞଙ୍କ କଥାକୁ ଅବଜ୍ଞା କରି ଥାଳି ଓ ତାଳିମାଡ଼ କଲୁ କରୋନାକୁ ତଡ଼ିବା ପାଇଁ। ତା'ର ପରିଣାମ ସ୍ୱରୂପ କାୟା ବିସ୍ତାର ପାଇଁ କ୍ଷେତ୍ର ପ୍ରସ୍ତୁତ କଲା କରୋନା। ଅବସ୍ଥା ଅଣାୟତ୍ତ ହେବାରୁ ସଙ୍ଗରୋଧ ଉପରେ ଗୁରୁତ୍ୱ ଦେବା ସହିତ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ କରିବାକୁ ବାଧ୍ୟ ହେଲେ ସରକାର। ଶଟ୍‌ଡାଉନ୍ ଫଳରେ ଲକ୍ଷ ଲକ୍ଷ ଲୋକ ଜୀବିକା ହରାଇବା ତ ସ୍ୱାଭାବିକ, ମାତ୍ର ଏଭଳି ଘୋଷଣା ଅଚାନକ ହେବା କାରଣରୁ ଘରକୁ ଫେରି ନ ପାରି ବିଭିନ୍ନ ସ୍ଥାନରେ ଫସି ରହିଲେ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ। ସେମାନଙ୍କ ଭିତରୁ ଅନେକ ଲୋକ ଅଖିଆ ଅପିଆ ପାଦରେ ଚାଲି ଚାଲି ଫେରିଲେ ହଜାର ହଜାର ମାଇଲ୍ ଦୂରରୁ। ରାସ୍ତାରେ ପିଲା ଛୁଆଙ୍କୁ ଧରି ଫେରୁଥିବା ଏହି ଘରବାହୁଡ଼ା ଶ୍ରମିକମାନଙ୍କ ଦୟନୀୟ ଅବସ୍ଥା ଦେଖି ଲାଗୁଥିଲା ଏମାନଙ୍କ ପାଇଁ ଯେମିତି କିଛି ହେଲେ କର୍ତ୍ତବ୍ୟ ନାହିଁ ଗୋଟେ ଜନମଙ୍ଗଳ ରାଷ୍ଟ୍ରର।

ସଂକଟ ହିଁ ଉଦ୍ଭାବନର ଜନନୀ। ମହାମାରୀ ଭଳି ସଂକଟ ଆସିଲେ ସେଥିରୁ ମୁକୁଳିବା ପାଇଁ ବିଜ୍ଞାନକୁ ଉପଯୋଗ କରି ମଣିଷ ଆବିଷ୍କାର କରେ ତା'ର ନିଦାନ। ସେହି କ୍ରମରେ କରୋନା ଉପରେ ବିଜୟ ପ୍ରାପ୍ତି ନିମନ୍ତେ ବିଶ୍ୱବ୍ୟାପୀ ବୈଜ୍ଞାନିକମାନେ ଲଢ଼ିଲେ ପ୍ରାଣମୂର୍ଚ୍ଛା ଲଢ଼େଇ। ଆନନ୍ଦର ବିଷୟ, ଏହି ଲଢ଼େଇରେ ସମସ୍ତଙ୍କୁ ପଛରେ ପକାଇ ଭାରତୀୟ ବୈଜ୍ଞାନିକମାନେ ପ୍ରଥମେ ପ୍ରସ୍ତୁତ କଲେ କରୋନା ପ୍ରତିଷେଧକ। ମାତ୍ର ବିଡ଼ମ୍ବନାର ବିଷୟ, ପୃଥିବୀରେ ଅନ୍ୟାନ୍ୟ ଦେଶରେ କରୋନା ଏବେ ନିୟନ୍ତ୍ରଣରେ ଥିବାବେଳେ ଭାରତରେ କରୋନା ଗୋଟେଇ ଚାଲିଛି ମୁଣ୍ଡ ପରେ ମୁଣ୍ଡ। ଦୈନିକ ୩ ଲକ୍ଷରୁ ଅଧିକ ସଂକ୍ରମିତ ହେଉଛନ୍ତି ଏବଂ ମରୁଛନ୍ତି ହଜାର ହଜାର ସଂଖ୍ୟାରେ। ଶବ ପୋଡ଼ିବା ପାଇଁ ଶ୍ମଶାନରେ ମିଳୁନି ଜାଗା। ଉତ୍ତର ପ୍ରଦେଶରେ ଅନ୍ତିମ ସଂସ୍କାର କରି ନ ପାରି ଗଙ୍ଗାନଦୀକୁ ଫିଙ୍ଗି ଦିଆଯାଉଛି ଶହ ଶହ କରୋନା ସଂକ୍ରମିତଙ୍କ ମୃତଦେହ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ, ବିଶ୍ୱର ସମୁଦାୟ ସକ୍ରିୟ କୋଭିଡ୍ ସଂକ୍ରମଣର ଶତକଡ଼ା ୪୬ ଭାଗ ଏବଂ ମୃତ୍ୟୁସଂଖ୍ୟାର ଏକ ଚତୁର୍ଥାଂଶ ଏବେ ଭାରତରେ।

ଏକଥା ସତ୍ୟ ଯେ, ଭାରତରେ କରୋନାର ପ୍ରଥମ ଲହର କମିବାର ପ୍ରାୟ ଆଠ ମାସ ପରେ ଫେରିଲା ଦ୍ୱିତୀୟ ଲହର। ତା'ର ଲେଉଟାଣି ସମ୍ପର୍କରେ ସରକାରଙ୍କୁ ବାରମ୍ବାର ସୂଚନା ଦେଇ ସାରିଥିଲେ ଭୂତାଣୁ ବିଜ୍ଞାନୀମାନେ। ମାତ୍ର ସେ ସତର୍କ ଘଣ୍ଟିକୁ ଶୁଣି ନ ଶୁଣିବାର ଅଭିନୟ କଲେ ସରକାର। ଫଳରେ ଗଲାବର୍ଷ ତାଲାବନ୍ଦ ତାଡ଼ନାରେ ହନ୍ତସନ୍ତ ହୋଇଥିବା ଦେଶବାସୀଙ୍କ ଉପରେ ଆଉ ଥରେ ଲଦିଦେଲେ ମହାମାରୀ କରୋନାର ଦୁର୍ବହ ବୋଝ। ମନରେ ପ୍ରଶ୍ନ ଉଠେ, ଏହା ସରକାରଙ୍କ ଅପାରଗତା ନା ମାତ୍ରାଧିକ୍ୟ କ୍ଷମତା ମୋହ? ଅହଂକାର ନା ଦାୟିତ୍ୱହୀନତା?

ସାଧାରଣତଃ କୌଣସି ଜାତୀୟ ବିପତ୍ତିକୁ ସାମ୍ନା କଲାବେଳେ ନେତୃତ୍ୱର ଦୂରଦୃଷ୍ଟି ଓ ଦାୟବଦ୍ଧତା ଉପରେ ନିର୍ଭର କରେ ଦେଶର ସଫଳତା। ଗତବର୍ଷ ଶେଷ ଆଡ଼କୁ ଯେତେବେଳେ ସଂକ୍ରମଣ ହାର ହ୍ରାସ ପାଇବାକୁ ଲାଗିଲା, କରୋନା ଉପରେ ମିଥ୍ୟା ବିଜୟ ପ୍ରାପ୍ତିର ଆତ୍ମବଡ଼ିମାରେ ଫାଟି ପଡ଼ିଲେ ସରକାର। କୋଭିଡ୍ ସମାପ୍ତିର ଦ୍ୱାରଦେଶରେ ପହଞ୍ଚିସାରିଛି ବୋଲି ସଗର୍ବରେ ଘୋଷଣା କରିଦେଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ। ସରକାରଙ୍କ ଏ ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଦିନରାତି ଲାଗିପଡ଼ିଲା ପ୍ରଚାରତନ୍ତ୍ର। ଏହାଦ୍ୱାରା ଲୋକଙ୍କ ଭିତରେ ପ୍ରକାଶ ପାଇଲା ବେପରୁଆ ଭାବ। ଶିଥିଳ ହୋଇଗଲା କରୋନା କଟକଣା। ଠିକ୍ ଏତିକିବେଳେ ସରକାରଙ୍କୁ ଅଧିକ ଅହଂକାରୀ କରିଦେଲା ଟିକା ପ୍ରସ୍ତୁତ କ୍ଷେତ୍ରରେ ଭାରତୀୟ ବୈଜ୍ଞାନିକଙ୍କ ସଫଳତା। ଭାରତ ବିଶ୍ୱରେ ଟିକା ଉତ୍ପାଦନରେ ଶ୍ରେଷ୍ଠ ଏବଂ ସର୍ବବୃହତ୍ ଟିକାକରଣ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛି ବୋଲି ଜଣାଇବାର ଦୁର୍ବାର ଆକାଂକ୍ଷା ନେଇ ଆରମ୍ଭ ହେଲା ଟିକା ମୈତ୍ରୀ କାର୍ଯ୍ୟକ୍ରମ। ବିଭିନ୍ନ ଦେଶକୁ ରପ୍ତାନି ହେଲା ଟିକା। ଅନ୍ୟ ଦେଶକୁ ଟିକା ରପ୍ତାନି କରିବା କିଛି ଖରାପ କଥା ନୁହେଁ, ମାତ୍ର ଦେଶବାସୀ ଅଗ୍ରାଧିକାର ଭିତ୍ତିରେ ଟିକା ପାଇବା ଉଚିତ। ବୁଝିହୁଏନି ବସୁଧୈବ କୁଟୁମ୍ବକମ୍ ନୀତିରେ ନା ବ୍ୟକ୍ତିତ୍ୱର ବ୍ରାଣ୍ଡ ନିର୍ମାଣ ନିମନ୍ତେ ବିଦେଶକୁ ରପ୍ତାନି ହେଲା ଟିକା। ସମୟୋପଯୋଗୀ ପଦକ୍ଷେପ ବିନା ବିଶଲ୍ୟକରଣୀ ଭଳି ମୃତ୍ୟୁ ସଂଜୀବନୀ ବି ବଞ୍ଚାଇପାରେନି ମୁମୂର୍ଷୁର ଜୀବନ। ଲକ୍ଷ୍ମଣଙ୍କ ଶକ୍ତିଭେଦ ବେଳେ ନିଦାନ ନିରୂପିତ ହେବା ମାତ୍ରେ ତାକୁ ଯୁଦ୍ଧକାଳୀନ ଭିତ୍ତିରେ ଆଣି ପହଞ୍ଚାଇ ନ ଥିଲେ କ'ଣ ହୋଇଥାନ୍ତା ମୃତ୍ୟୁ ସଂକଟରେ ଥିବା ଲକ୍ଷ୍ମଣଙ୍କ ଅବସ୍ଥା? ବିଶେଷଜ୍ଞଙ୍କ କହିବା ଅନୁସାରେ, କରୋନାରୁ ବଞ୍ଚିବା ପାଇଁ ଏକମାତ୍ର ବାଟ ହେଉଛି ଟିକା। ଅଥଚ ସେମାନେ ଯେତେଶୀଘ୍ର ଟିକା ପ୍ରସ୍ତୁତ କରିବାରେ ସଫଳ ହେଲେ, ସେତେ ଶୀଘ୍ର ତାହା ଲୋକଙ୍କ ପାଖରେ ପହଞ୍ଚି ପାରିଲା ନାହିଁ କି ବିସ୍ତାରିତ ହୋଇପାରିଲାନି ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ଖଞ୍ଜା ଯାଇ ପାରିଲାନି ଆବଶ୍ୟକ ଭିତ୍ତିଭୂମି।

ଟିକା ପ୍ରସ୍ତୁତି ପୂର୍ବରୁ ଏଠି ଚାଲିଛି ସମସ୍ତଙ୍କୁ ମାଗଣାରେ ଟିକା ଯୋଗାଇ ଦେବାର ବିରାମହୀନ ଭାଷଣ। ଟିକା ନ ଥାଇ ବି ପାଳନ ହେଉଛି ଟିକା ଉତ୍ସବ। ଏବେବି ସରକାରଙ୍କ ପ୍ରଚାରତନ୍ତ୍ର କହୁଛି– ବିଶ୍ୱର ସର୍ବବୃହତ୍ ଟିକାକରଣ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛି ଭାରତ। ମାତ୍ର ବାସ୍ତବ ସ୍ଥିତି ହେଉଛି ଟିକାକରଣ କ୍ଷେତ୍ରରେ ଭାରତ ଏବେ ସୁଦ୍ଧା ଛୋଟ ଛୋଟ ଦେଶଠାରୁ ବି ପଛରେ। ଟିକାକରଣକୁ ନେଇ ସରକାରଙ୍କ ଅସ୍ପଷ୍ଟ ନୀତି ତଥା ପ୍ରବଞ୍ଚନା ଯୋଗୁ ଟିକା ଉତ୍ପାଦନ ବୃଦ୍ଧି ପାଉନି କି ଲୋକଙ୍କ ଭିତରୁ ଦୂର ହୋଇପାରୁନି ଟିକା ଅଭାବଜନିତ ଆଶଙ୍କା।

ସାଧାରଣତଃ ଇନ୍ଦ୍ରମାନେ ସର୍ବଦା ସିଂହାସନପ୍ରିୟ। ସେମାନଙ୍କ ସେବା, ସଂକଳ୍ପ ଓ ସନ୍ଥଗିରି ପଛରେ ଥାଏ ସିଂହାସନକୁ ଜାବୁଡ଼ି ଧରିବାର ପ୍ରଚ୍ଛନ୍ନ ଇଚ୍ଛା। ଏଭଳି ସୌଦାଗରି ମନୋବୃତ୍ତି ଆଗରେ କୌଣସି ମୂଲ୍ୟ ବହନ କରେନି ସାଧାରଣ ମଣିଷଙ୍କ ଜୀବନ। ତେଣୁ ସାରା ବିଶ୍ୱ ଯେତେବେଳେ କରୋନାକୁ ପ୍ରତିହତ କରିବା ପାଇଁ କଡ଼ା କଟକଣା ଭିତରେ ଗତି କରୁଥିଲା, ସେତେବେଳେ ମାର୍ଚ୍ଚ ମାସରୁ ଆରମ୍ଭ ହୋଇ ସାରିଥିଲା ଏକ ପ୍ରଲମ୍ବିତ ନିର୍ବାଚନ ପ୍ରକ୍ରିୟା। କରୋନା ନିଆଁରେ ଘିଅ ଢାଳିବା ପାଇଁ ଆୟୋଜନ ହେଉଥିଲା ବଡ଼ ବଡ଼ ନେତାଙ୍କ ରୋଡ୍ ଶୋ ଓ ନିର୍ବାଚନ ସଭା। ଏହା ବାଦ୍ କୁମ୍ଭମେଳାରେ ଗଙ୍ଗାସ୍ନାନ ପାଇଁ ସମବେତ ହୋଇଥିଲେ ଦେଶ ବିଦେଶର ୩୫ ଲକ୍ଷ ଶ୍ରଦ୍ଧାଳୁ। ସେମାନେ ନିଜ ଅଞ୍ଚଳକୁ ଫେରିଯାଇ ଲୋକଙ୍କୁ ବାଣ୍ଟି ଚାଲିଲେ କରୋନାମୃତ? ଈଶ୍ୱର ବିଶ୍ୱାସ କିଛି ଅନ୍ଧବିଶ୍ୱାସ ନୁହେଁ, ଆତ୍ମବିଶ୍ୱାସ। ମାତ୍ର ଈଶ୍ୱରଙ୍କ ନାମରେ ବିଜ୍ଞାନର ସତର୍କ ଘଣ୍ଟିକୁ ଅବଜ୍ଞା କରି ଧର୍ମମେଳା କରିବା ହିଁ ଅନ୍ଧବିଶ୍ୱାସ। ସରକାରଙ୍କର ଏଭଳି ଅନେକ ଆତ୍ମଘାତୀ କାର୍ଯ୍ୟ ଯୋଗୁ ଅଧିକ ବଳ ଜୁଟାଇ ଭୟଙ୍କର ରୂପରେ ପାଲଟା ଆକ୍ରମଣ କଲା କରୋନା।

କ୍ଷମତାର ଅହଂରୁ ମୁକ୍ତ ନ ହେଲେ ନମ୍ରତାର ସହ ଲୋକଙ୍କ ସେବା କରିହୁଏନି କି ବିରୋଧୀଙ୍କ ଉପରେ ପ୍ରକଟ କରିହୁଏନି ଆସ୍ଥା। ଏହି କାରଣରୁ କରୋନା ଭଳି ଏକ ଜାତୀୟ ବିପତ୍ତିର ମୁକାବିଲା ପାଇଁ ପ୍ରକାଶ ପାଉନି ଜାତୀୟ ଏକତା। ମହାମାରୀ ଭଳି ଘୋର ସଂକଟ କାଳରେ ଚାଲିଛି କିଏ କେତେ ପ୍ରଜାପ୍ରିୟ, କିଏ କେତେ ଦରଦୀ– ଦେଖେଇ ହେବାର ପ୍ରତିଯୋଗିତା। ହେଲେ କରୋନାକୁ ନେଇ ଯିଏ ଯେତେ ରାଜନୀତି କରୁନା କାହିଁକି ଆମକୁ ମହାମାରୀ ବିରୋଧରେ ଲଢ଼ିବାକୁ ହେବ ସକାରାତ୍ମକ ଢଙ୍ଗରେ। ମନେରଖିବାକୁ ହେବ ଜୀବନ ଯୁଦ୍ଧରେ ମଣିଷ ଏକା ଲଢ଼ିପାରେ, କିନ୍ତୁ କରୋନା ବିରୋଧରେ ଲଢ଼ିବା ପାଇଁ ଲୋଡ଼ା ସମସ୍ତଙ୍କ ସହଯୋଗ। ଚିକିତ୍ସକମାନେ ଏ ଯୁଦ୍ଧର ପ୍ରଧାନ ସେନାପତି ହେଲେ ମଧ୍ୟ ଆମେ ସମସ୍ତେ ଜଣେ ଜଣେ ଯୋଦ୍ଧା। ଆଖି ଆଗରେ ମୃତ୍ୟୁର ବିଭୀଷିକା ନାଚୁଥିଲେ ବି ଧରିନେବାକୁ ହେବ ଯେ ପ୍ରତିଷେଧକ ବାହାରି ସାରିଛି ମାନେ ବିଜୟ ସୁନିଶ୍ଚିତ। ଏଭଳି ଦମ୍ଭିଲାପଣ କେବଳ କରୋନାକୁ ପରାସ୍ତ କରିବାର ସର୍ବୋତ୍ତମ କୌଶଳ।

ବିଜୁ ପଟ୍ଟନାୟକ ନଗର, ମହତାବ ଛକ, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ଗ୍ରୀନ୍ ଓସ୍କାର ବିଜେତା

**ବ୍ୟକ୍ତିତ୍ୱ**



ୱାଇ ନୁକ୍‌ଲୁ ଫୋମ୍

ଦୁନିଆରେ ବିଭିନ୍ନ ପ୍ରକାର ଦ୍ୱନ୍ଦ୍ୱ ଦେଖାଦେଉଛି। ରାଷ୍ଟ୍ର, ସମାଜ ଏବଂ ଗୋଷ୍ଠୀ ମଧ୍ୟରେ ଉପୁଜୁଥିବା ବିବାଦରେ ସାଧାରଣତଃ ତୃତୀୟ ପକ୍ଷର ହସ୍ତକ୍ଷେପ ରହିଥାଏ। କିନ୍ତୁ ବର୍ତ୍ତମାନ ସମୟରେ ଅନ୍ୟ ଏକ ଦ୍ୱନ୍ଦ୍ୱକୁ ଅଣଦେଖା କରାଯାଉଛି, ଯାହା ମଣିଷ ଓ ପରିବେଶ ମଧ୍ୟରେ ବଢ଼ିଚାଲିଛି। ଏଥିରେ ଅନ୍ୟ କେହି ହସ୍ତକ୍ଷେପ କରିପାରିବେ ନାହିଁ, ଏଥିସକାଶେ କେବଳ ମଣିଷକୁ ହିଁ ଦାୟିତ୍ୱ ନେବାକୁ ପଡ଼ିବ। ଏଭଳି ବାସ୍ତବଧର୍ମୀ ବିଷୟକୁ ହୃଦୟଙ୍ଗମ କରିବା ପରେ ଏହା କହିଛନ୍ତି ବ୍ରିଟେନ୍‌ଭିତ୍ତିକ ଦାତବ୍ୟ ସଂସ୍ଥା 'ଦି ହ୍ୱାଇଟ୍‌ଲି ଫଣ୍ଡ୍ ଫର୍ ନେଚର (ଡବ୍ଲ୍ୟୁଏଫ୍‌ଏନ୍) ସମ୍ମାନ ପାଇଥିବା ଏକମାତ୍ର ଭରତୀୟ ପରିବେଶବିତ୍ ୱାଇ ନୁକ୍‌ଲୁ ଫୋମ୍। ପ୍ରକୃତି, ପରିବେଶ ଓ ଜଳବାୟୁ କ୍ଷେତ୍ରରେ ଦେଖାଦେଉଥିବା ବ୍ୟାପକ ପରିବର୍ତ୍ତନ ପାଇଁ ମଣିଷ ଦାୟୀ ବୋଲି ଏକବିଂଶ ଶତାବ୍ଦୀରେ ସମସ୍ତେ ଅନୁଭବ କରୁଥିଲେ ମଧ୍ୟ ସଜାଗ ହେଉ ନ ଥିବାରୁ ଫୋମ୍ କ୍ଷୋଭ ପ୍ରକାଶ କରିଛନ୍ତି। ସେଥିପାଇଁ ନିଜ ଉଦ୍ୟମରେ ଯେତେ ଯାହା କରିହେବ ସେହି ଉଦ୍ଦେଶ୍ୟ ରଖି ସେ ନିଜ ରାଜ୍ୟ ନାଗାଲାଣ୍ଡରେ ନେଇଥିବା ପଦକ୍ଷେପ ଆଜି ତାଙ୍କୁ ଚର୍ଚ୍ଚିତ କରିଛି। ବିଶ୍ୱରେ ୭ ଜଣ ପରିବେଶ ରକ୍ଷାକାରୀଙ୍କ ମଧ୍ୟରେ ସେ ସ୍ଥାନ ପାଇଥିବାରୁ ଭାରତ ଗର୍ବିତ। ଏଥିଲାଗି ତାଙ୍କୁ ଦେଶବ୍ୟାପୀ ଶୁଭେଚ୍ଛା ମିଳିବାରେ ଲାଗିଛି। ମାତ୍ର ୪୦ ବର୍ଷ ବୟସରେ ଯେଉଁ ସଫଳତା ପାଇଛନ୍ତି, ତାହା ତାଙ୍କୁ ଆହୁରି ଆଗକୁ ଯାଇ କାର୍ଯ୍ୟ କରିବାର ପ୍ରେରଣା ଦେଇଛି ବୋଲି ୧୨ ମେ' ୨୦୨୧ରେ ଡବ୍ଲ୍ୟୁଏଫ୍‌ଏନ୍ ସମ୍ମାନ ପାଇବା ପରେ ସେ ଏହା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗ୍ରୀନ୍ ଓସ୍କାର ଭାବେ ଜଣାଶୁଣା ଏହି ପୁରସ୍କାର ବିଶେଷକରି ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକାରେ ବନ୍ୟପ୍ରାଣୀ ସଂରକ୍ଷଣ ସହ ସ୍ଥାନୀୟ ଲୋକଙ୍କୁ ଏହି କାର୍ଯ୍ୟରେ ଭାଗୀଦାର କରିପାରୁଥିବା ପରିବେଶବିତ୍‌ଙ୍କୁ ପ୍ରଦାନ କରାଯାଉଛି।

ଭାରତର ନାଗାଲାଣ୍ଡରେ ସର୍ବାଧିକ ବେକାରି ରହିଛନ୍ତି। ଆନ୍ତଃଜାତିଗତ ବିବାଦ, ବିଚ୍ଛିନ୍ନତାବାଦୀଙ୍କ ଉପଦ୍ରବ ଓ ସରକାରୀ ସ୍ତରରେ ଚାକିରିର ଅଭାବ ଯୋଗୁ ଯୁବପିଢ଼ି ଦିଗହରା । ଏଭଳି ଏକ ସ୍ଥିତିରେ ନୁକ୍‌ଲୁ ଫୋମ୍ ପରିବେଶ ସୁରକ୍ଷା କରିବାକୁ ନିଜର ଦାୟିତ୍ୱ ଭାବି ୨୦୦୭ରୁ ଲାଗି ପଡ଼ିଥିଲେ। ନାଗାଲାଣ୍ଡର ସଂସ୍କୃତି ଓ ଜୈବବିବିଧତାକୁ ସୁରକ୍ଷିତ ରଖିବା ସକାଶେ କିଛି ବନ୍ଧୁଙ୍କୁ ମେଳ କରି ସେ ଆରମ୍ଭ କରିଥିଲେ ଗୋଷ୍ଠୀ ଜଙ୍ଗଲ ରକ୍ଷା କାର୍ଯ୍ୟକ୍ରମ। ତାହା ଏବେ ୪ଟି ଜିଲାର ୧୬ଟି ଗାଁରେ କାର୍ଯ୍ୟ କରୁଛି। ପ୍ରତିବର୍ଷ ଅମୁର ଫାଲ୍‌କନ୍ ବା ବାଜପକ୍ଷୀ ପ୍ରଜାତିର ଏହି ଛୋଟିଆ ଶିକାରୀ ପକ୍ଷୀ ସାଇବେରିଆ ଆଦି ଦୂରଦୂରାନ୍ତରୁ ଏହି ଅଞ୍ଚଳକୁ ଆସିଥାଆନ୍ତି। ଶସ୍ୟକ୍ଷେତ୍ରକୁ ନଷ୍ଟ କରିଦେଉଥିବା ଉଇଗୁଡ଼ିକୁ ଏମାନେ ଖାଇଦେଇଥାଆନ୍ତି। ହେଲେ ସ୍ଥାନୀୟ ଅଧିବାସୀ ଏହି ପକ୍ଷୀଗୁଡ଼ିକୁ ଅସଂଖ୍ୟ ମାତ୍ରାରେ ଶିକାର କରି ବିକ୍ରି କରିଦେଉଥିବା ଫୋମ୍ ଲକ୍ଷ୍ୟ କରିଥିଲେ। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ବର୍ଷକୁ କେବଳ ଗୋଟିଏ ଗାଁରେ ପ୍ରାୟ ୧୪,୦୦୦ ଅମୁର ଫାଲ୍‌କନ୍‌କୁ ମାରିଦିଆଯାଉଥିଲା। ଏଥିରେ ବ୍ୟତିବ୍ୟସ୍ତ ହୋଇ ଫୋମ୍ ଓ ତାଙ୍କ ବନ୍ଧୁମାନେ ଶିକାରକୁ ବନ୍ଦ କରିବାକୁ ପ୍ରୟାସ କରିଥିଲେ। ତେବେ ସ୍ଥାନୀୟ ଲୋକଙ୍କୁ ବୁଝାଇବା ଅତ୍ୟନ୍ତ କଷ୍ଟକର ଥିଲା। ଏହି ପକ୍ଷୀର ଉପକାରିତା ବିଷୟରେ ଗାଁ ଗାଁ ବୁଝାଇବାକୁ ଲାଗିଲେ। ଫଳରେ ଏହି ମହତ୍ତ୍ୱାକାଂକ୍ଷୀ ଉଦ୍ଦେଶ୍ୟକୁ ବୁଝି ସେଗୁଡ଼ିକର ସୁରକ୍ଷାରେ ଲାଗିପଡ଼ିଲେ। ଫଳରେ ୨୦୧୦ରେ ଏହି ସଂଖ୍ୟା ସେଠାରେ ୫୦,୦୦୦ ଥିବା ବେଳେ ୨୦୧୯ ବେଳକୁ ତାହା ୧୦ ଲକ୍ଷ ଛୁଇଁ ଯାଇଥିଲା। ଏହି ସଫଳତା ନୁକ୍‌ଲୁ ଫୋମ୍ ଓ ସାଥୀମାନଙ୍କୁ ଉତ୍ସାହିତ କରିଥିଲା। ପରେ ସେମାନେ ପକ୍ଷୀ ଶିକାର ବନ୍ଦ କରିବା, ଡିନାମାଇଟ୍ ବିସ୍ଫୋରଣ ଉପରେ ରୋକ୍ ଲଗାଇବା, ଜଙ୍ଗଲ ପୋଡ଼ି ଚାଷ କରୁଥିବା ବ୍ୟକ୍ତିଙ୍କ ପାଇଁ ପରିବେଶ ଉପଯୋଗୀ ବିକଳ୍ପ ବାହାର କରି ଅଧିକ ଜଙ୍ଗଲ ସୃଷ୍ଟି ନିମନ୍ତେ ପ୍ରୋତ୍ସାହନ ଯୋଗାଇବାରେ ଲାଗିଲେ। ଜମିକୁ ନିରନ୍ତର ବ୍ୟବହାର କରି ସେଥିରୁ କିଭଳି ଅଧିକ ଲାଭ ଉଠାଇବା ହେବ ସେହି ଦିଗରେ ସ୍ଥାନୀୟ ଅଧିବାସୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଫଳରେ ଲୋକେ ଘୁଷୁରି ପାଳନଠାରୁ ଆରମ୍ଭ କରି ଅଦା ଚାଷ ସହ ଫଳବଗିଚା ସୃଷ୍ଟି କରି ଚାଲିଲେ। ଏବେ ସେଠାରେ ଲୋକେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରିଲେଣି।

ନାଗାଲାଣ୍ଡର ଲଙ୍ଗ୍‌ଲେଙ୍ଗ୍ ଜିଲାର ୟାଙ୍ଗିମ୍‌ଚେନ୍ ହେଉଛି ନୁକ୍‌ଲୁ ଫୋମ୍‌ଙ୍କ ପୈତୃକ ଗ୍ରାମ । ଦିନେ ସେ ସେହିଠାରେ ପ୍ରକୃତି ପ୍ରତି ହେଉଥିବା ଅତ୍ୟାଚାରକୁ ଦେଖିବା ପରେ ପରିବେଶ ସଂରକ୍ଷଣ ଉପରେ ମନୋନିବେଶ କରିଥିଲେ। ଅଜି ସେହିଠାରୁ ଆରମ୍ଭ ହୋଇଥିବା ଅଭିଯାନ ଅନ୍ୟ ଚାରି ଜିଲାକୁ ବିସ୍ତାର ଲାଭ କରିପାରିଛି। କେବଳ ପରିବେଶ ଭିତରେ ସୀମିତ ନ ରହି ସମ୍ପୃକ୍ତ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ସହ ସ୍ୱଳ୍ପସଞ୍ଚୟ ମାଧ୍ୟମରେ ଲୋକକଲ୍ୟାଣ ଦିଗରେ ପାଦ ବଢ଼ାଇ ଅନେକଙ୍କ ପାଇଁ ଫୋମ୍ ଆଶାର କିରଣ ପାଲଟିପାରିଛନ୍ତି।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ବ୍ରେଷ୍ଟଫିଡିଂ ବା ସ୍ତନ୍ୟପାନକୁ ନେଇ ରହିଥିବା ସାମାଜିକ ଓ ଧାର୍ମିକ କଟକଣା ବିରୋଧରେ ଲଢ଼େଇ କରୁଛନ୍ତି କେରଳର ଡ. ଏମ୍.ଐଶ୍ୱର୍ଯ୍ୟା। ସେ କୋଏମ୍ବାଟୁର ପାରେଣ୍ଟ ନେଟ୍‌ୱର୍କ (ସିପିଏନ୍) ମାଧ୍ୟମରେ ସ୍ତନ୍ୟପାନ କରାଇବାର ପଦ୍ଧତି, ଶିଶୁ ଜନ୍ମ ପରେ ମା'ର ମାନସିକ ବିଷାଦ ଦୂର କରିବା ଏବଂ ବ୍ରେଷ୍ଟ ମିଲ୍କ ବ୍ୟାଙ୍କ ସମ୍ପର୍କରେ ସଚେତନ କରୁଛନ୍ତି। ବ୍ରେଷ୍ଟଫିଡିଂକୁ ନେଇ ରହିଥିବା କିଛି ଠିକ୍ ଓ ଭୁଲ୍ ଧାରଣାରୁ ଆଗକୁ ବଢ଼ି ଅଧିକ ବ୍ରେଷ୍ଟମିଲ୍କ ଦାନ କରିବାକୁ ମା'ମାନଙ୍କୁ ଉତ୍ସାହିତ କରୁଛନ୍ତି ଐଶ୍ୱର୍ଯ୍ୟା। ଅସହାୟ ଶିଶୁମାନଙ୍କୁ ଏହା ଯୋଗାଇ ଦେବା ଲକ୍ଷ୍ୟରେ ସେ ଏହି ଅଭିଯାନ ଚଳାଇଛନ୍ତି। ସେ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇ ତାଙ୍କ ଶିଶୁ କନ୍ୟା ସହ ରହୁଛନ୍ତି। ତାଙ୍କ ଅଭିଯାନର ନାମ ରଖିଛନ୍ତି 'ଯୁରିଥୁଲି'। ଏହା ମାଧ୍ୟମରେ ଗତ ୪–୫ ବର୍ଷ ମଧ୍ୟରେ ୩୦୦ ମା'ଙ୍କୁ ବଳକା କ୍ଷୀର ଦାନ କରିବାକୁ ଉତ୍ସାହିତ କରିପାରିଛନ୍ତି। ଏହି କ୍ଷୀରକୁ କୋଏମ୍ବାଟୁର ମେଡିକାଲ କଲେଜ ହସ୍ପିଟାଲ ଏବଂ ଅନ୍ୟ ମିଲ୍କ ବ୍ୟାଙ୍କକୁ ଦାନ ମଧ୍ୟ କରୁଛନ୍ତି। କୋଭିଡ୍ ମହାମାରୀରେ ମା'ମାନଙ୍କର ମୃତ୍ୟୁ ଘଟୁଥିବାରୁ ଏବେ ଏହି କ୍ଷୀର ବେଶ୍ ଉପଯୋଗୀ ହୋଇପାରୁଛି। କୋଏମ୍ବାଟୁର ପାରେଣ୍ଟ ନେଟ୍‌ୱର୍କ ଏବେ ୧୦,୦୦୦ ସଦସ୍ୟ ଫେସ୍‌ବୁକରେ ଯୋଡ଼ି ହୋଇଛନ୍ତି। ଜଣେ ମା' ୧୦୦ରୁ ୩୦୦ ମିଲି ଲିଟର କ୍ଷୀର ଦାନ କରିପାରିବେ ଓ ଏହା ୧୦ ଜଣ ଶିଶୁଙ୍କୁ ଦିଆଯାଇପାରିବ ବୋଲି କହନ୍ତି ଐଶ୍ୱର୍ଯ୍ୟା। ଏହି କ୍ଷୀରକୁ ଭଲ ଭାବେ ପରୀକ୍ଷା କରାଯାଇ ଶିଶୁମାନଙ୍କୁ ଦିଆଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୬ ମେ ୧୯୯୬**

- ବାଂଲାଦେଶର ଟାନ୍‌ଗେଲ ଜିଲାରେ ଭୟାବହ ସାମୁଦ୍ରିକ ଝଡ଼ରେ ୭୦୦ ଲୋକଙ୍କ ପ୍ରାଣହାନି।
- ୟେମେନ୍‌ର ଆଡ଼େନ୍ ସହରରେ ଅବସ୍ଥିତ ଏକ ସାମରିକ ଗୋଳାବାରୁଦ ଗୋଦାମରେ ବିସ୍ଫୋରଣ ଘଟି ୩୮ ମୃତ।

## ଚିରନ୍ତନୀ

ଜଗତର ଜରାରାଶି
ଫୁଟି ଉଠୁ କୁସୁମ ସମାନ,
ଜାଗି ଉଠୁ କଣ୍ଠେ ମୋର
ତବ ନବ ଗଉରବ ଗାନ।
(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | | 8 | | 2 |
| | | 9 | | 4 | | | | 3 |
| | | 2 | 7 | | | | 4 | |
| | | | | | 1 | | 2 | |
| 5 | | 7 | | | 9 | | | 8 |
| | | | | | 6 | | | |
| | | | | 4 | 9 | 3 | | |
| 6 | | | | | 5 | 4 | | |
| | 3 | | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 1 | 3 | 9 | 2 | 7 | 4 | 6 |
| 7 | 3 | 2 | 5 | 4 | 6 | 1 | 8 | 9 |
| 9 | 6 | 4 | 7 | 1 | 8 | 5 | 3 | 2 |
| 1 | 8 | 7 | 9 | 6 | 4 | 2 | 5 | 3 |
| 6 | 2 | 3 | 1 | 8 | 5 | 9 | 7 | 4 |
| 5 | 4 | 9 | 2 | 3 | 7 | 8 | 6 | 1 |
| 4 | 9 | 8 | 6 | 7 | 1 | 3 | 2 | 5 |
| 2 | 1 | 6 | 8 | 5 | 3 | 4 | 9 | 7 |
| 3 | 7 | 5 | 4 | 2 | 9 | 6 | 1 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ମାଙ୍କଡ଼ ଉପଦ୍ରବ ଚରମ ସୀମାରେ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ ଗୋଟି ପଞ୍ଚାୟତରେ ମାଙ୍କଡ଼ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। କରୋନା ମହାମାରୀ ସମୟରେ ଘରେ ନ ବସି ଶ୍ରୀରାମଚନ୍ଦ୍ରପୁର, ସୋମେଶ୍ୱରପୁର, ବୀରରାମଚନ୍ଦ୍ରପୁର, ସୁଆଣ୍ଡୋ ଇତ୍ୟାଦି ଗ୍ରାମରେ ବାଡ଼ି ବଗିଚାରେ ଚାଷୀମାନେ ଅମୃତଭଣ୍ଡା, କଦଳୀ, କାକୁଡ଼ି, ବରଗୁଡ଼ି, କଖାରୁ, କଲରା, ବାଇଗଣ ଇତ୍ୟାଦି ପନିପରିବା ଚାଷ କରିଥିଲେ। ଦଳ ଦଳ ମାଙ୍କଡ଼ ବାଡ଼ିରେ ପଶି ପନିପରିବା ଖାଇବା ସହ ଗଛ ସମୂଳେ ନଷ୍ଟ କରୁଛନ୍ତି। କୃଷିବିଭାଗ ପକ୍ଷରୁ ଲୋକ ଦେଖାଣିଆ ଭାବେ ଯନ୍ତା ବସାଯାଇ ମାଙ୍କଡ଼ ଧରି ଜଙ୍ଗଲରେ ଛଡ଼ାଯିବା ପାଇଁ ଯେଉଁ କାର୍ଯ୍ୟକ୍ରମ କରାଯାଇଥିଲା କାଗଜପତ୍ରରେ ମାତ୍ରାଧିକ ଖର୍ଚ୍ଚ ଦର୍ଶାଯାଇ ବନ୍ଦ କରାଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପାଇଁ ଚାଷୀ ଚାଷକରିବା ଲାଗି ମନବଳାଉ ନାହିଁ। ସତ୍ୟବାଦୀ ଅଞ୍ଚଳରେ ଅଧିକାଂଶ ଗ୍ରାମପଞ୍ଚାୟତରେ ଅନେକ ଚାଷୀ ମାଙ୍କଡ଼ ଆକ୍ରମଣର ଶିକାର ହେଉଛନ୍ତି। ରାଜ୍ୟ କୃଷିମନ୍ତ୍ରୀ, ସ୍ଥାନୀୟ ବିଧାୟକ ଏବଂ ପୁରୀ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଜରୁରୀ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ଦେବଭକ୍ତି ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୨୯,୪୫,୨୮୯ | ୩୩,୭୮,୦୧୭ | ୧୪,୦୯,୦୪,୬୨୧ |
| ଭାରତ | ୨,୪୬,୫୬,୯୧୯ | ୨,୬୯,୯୧୭ | ୨,୦୭,୫୩,୦୭୩ |
| ଓଡ଼ିଶା | ୬,୦୦,୪୯୨ | ୨୨୯୪(+୫୩) | ୫,୦୨,୪୫୫ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### କରୋନାରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ



**ବ୍ରହ୍ମପୁର ଅଫିସ, ୧୫।୫:** ଯୁବ ବ୍ୟବସାୟୀ ଅବନୀକାନ୍ତ ପାଣିଗ୍ରାହୀ(୩୬)ଙ୍କ ଶନିବାର କରୋନାରେ ପରଲୋକ ଘଟିଛି। ସେ ହେଉଛନ୍ତି 'ଧରିତ୍ରୀ'ର ଖୋର୍ଦ୍ଧା ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ଏବଂ ଗଞ୍ଜାମ ଜିଲା ସୋରଡ଼ାର ଖବରଦାତା ଲମ୍ବୋଦର ପାଣିଗ୍ରାହୀଙ୍କ ସାନଭାଇ। ସେ କିଛିଦିନ ତଳେ ଜ୍ୱରରେ ପୀଡ଼ିତ ଥିଲେ। ଅମ୍ଳଜାନସ୍ତର କମିବାରୁ ତାଙ୍କୁ ଗତ ୪ ତାରିଖରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲ୍-୧ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ବ୍ରହ୍ମପୁର ନୀଳକଣ୍ଠେଶ୍ୱର ଶ୍ମଶାନରେ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସୋରଡ଼ାର ମୂଳନିବାସୀ ଅବନୀ ଭଞ୍ଜନଗରରେ ମିକ୍ସଚର ଫ୍ୟାକ୍ଟ୍ରି କରି ବ୍ୟବସାୟ କରୁଥିଲେ।

### ସଙ୍ଗରୋଧ କେନ୍ଦ୍ରରୁ ଚମ୍ପଟ ମାରିଲେ ୨ ପ୍ରବାସୀ

**ପାରଳାଖେମୁଣ୍ଡି,୧୫।୫(ଡି.ଏନ୍.ଏ.):** ଗଜପତି ଜିଲା ମୋହନା ବ୍ଲକ ଲୁହାଗୁଡ଼ି ପଞ୍ଚାୟତ ନିକଟ ଆଦିବାସୀ ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରୁ ଶନିବାର ୨ ତେଲଙ୍ଗାନା ଫେରନ୍ତା ଫେରାର ହୋଇଯାଇଛନ୍ତି। ନୋଡାଲ ଅଫିସର ଦୟାନିଧି ନାୟକ କହିଛନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର ଉକ୍ତ ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରି ଯିବା ପରେ ମେଡିକାଲ ଟିମ୍ ପହଞ୍ଚି ସେମାନେ କରୋନା ପଜିଟିଭ୍ ଥିବା ଘୋଷଣା କରିଥିଲେ। ଏହାପରେ ୨ ତେଲଙ୍ଗାନା ଫେରନ୍ତା ପଛପଟ ପାଚେରି ଡେଇଁ ଫେରାର ହୋଇଯାଇଛନ୍ତି। ଏନେଇ ମୋହନା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନିଖୋଜ ଯୁବକଙ୍କ ଗ୍ରାମରେ ଅତିରିକ୍ତ ତହସିଲଦାର ଆଶିଷ କୁମାର ପ୍ରଧାନ ପହଞ୍ଚି ବୁଝାଶୁଝା କରୁଛନ୍ତି। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ଅଡବା ଥାନା ଘାସପଦା ଗ୍ରାମର ଆନ୍ଧ୍ର ଫେରନ୍ତା ଜଣେ ପ୍ରବାସୀ ପାଚେରି ଡେଇଁ ଫେରାର୍ ହେବା ପରେ ସେ ୧୩ ତାରିଖରେ ଥାନାରେ ଆତ୍ମସମର୍ପଣ କରିଥିଲେ।

### ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୧୫।୫(ବ୍ୟୁରୋ) - ପଦୋନ୍ନତି ଦାବିରେ ଏପ୍ରିଲ ୨୫ରୁ ଚାଲିଥିବା ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଆସନ୍ତା ଅଗଷ୍ଟ ୧ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏନେଇ ଓଡ଼ିଶା ପ୍ରାଣୀ ଚିକିତ୍ସକ ସେବା ସଂଘ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ ପ୍ରାଣୀଚିକିତ୍ସକଙ୍କ ପ୍ରତିନିଧିମଣ୍ଡଳୀ ସହ ଆଲୋଚନା କରି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକ ବି କରୋନା ସମୟରେ ସରକାରଙ୍କୁ ସହଯୋଗ କରିବାକୁ ନିଷ୍ପତ୍ତି ନେବା ସହ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଯଦି ସରକାର ଅଗଷ୍ଟ ୧ ମଧ୍ୟରେ କୌଣସି ବିଧିବଦ୍ଧ ନିଷ୍ପତ୍ତି ନ ନିଅନ୍ତି, ତେବେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ରାଜ୍ୟରେ ୬ ଲକ୍ଷ ଟପିଲା ସଂକ୍ରମଣ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

## ଆଉ ୧୧,୮୦୫ ଆକ୍ରାନ୍ତ, ୨୧ ମୃତ

- ୯ ଦିନରେ ଆକ୍ରାନ୍ତ ହେଲେଣି ଲକ୍ଷେ
- ରେଡ୍ ଜୋନ୍‌ରେ ୨୬ ଜିଲା

ରାଜ୍ୟରେ ଦ୍ରୁତ ବେଗରେ ମାଡ଼ି ଚାଲିଛି ଦ୍ୱିତୀୟ ଲହର ସଂକ୍ରମଣ। ଗତବର୍ଷ ମାର୍ଚ୍ଚ ୧୫ରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ଲକ୍ଷେ ପାର୍ ପାଇଁ ପ୍ରାୟ ୫ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ଏବେ କିନ୍ତୁ ଏହି ନୂଆ ଷ୍ଟ୍ରେନ୍ ମାତ୍ର ୯ ଦିନରେ ଲକ୍ଷେ ଲୋକଙ୍କୁ ସଂକ୍ରମିତ କରୁଛି। ଗତ ୬ ତାରିଖରେ ରାଜ୍ୟରେ ୫ଲକ୍ଷ ଡେଇଁଥିଲା ସଂକ୍ରମଣ। ଗତ ୨୪ ଘଣ୍ଟାରେ ନୂଆ ୧୧,୮୦୫ ପଜିଟିଭ୍ ଚିହ୍ନଟ ହେବାପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬,୦୦,୪୯୨କୁ ବୃଦ୍ଧି ପାଇଛି।

ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୩ଟି ଜିଲାରୁ ୪ଅଙ୍କ ଛୁଇଁଛି ସଂକ୍ରମଣ। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୪୧୪ ଜଣ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ରୁ ୧୨୦୯, କଟକରୁ ୧୧୯୭ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସେହିପରି ଅନୁଗୋଳରୁ ୬୬୮, ସମ୍ବଲପୁରରୁ ୫୫୩, ବରଗଡ଼ ୪୨୧, ମୟୂରଭଞ୍ଜ ୩୭୪, ପୁରୀ ୩୮୮, ଗଞ୍ଜାମ ୩୩୧, ଯାଜପୁର ୩୯୨, ଝାରସୁଗୁଡ଼ା ୩୨୭, କଳାହାଣ୍ଡି ୩୭୭, ବଲାଙ୍ଗୀର ୩୫୮, ନୂଆପଡ଼ା ୩୦୬, ବାଲେଶ୍ୱର ୩୦୩, ଭଦ୍ରକରୁ ୩୦୦ଜଣ ଚିହ୍ନଟ ହୋଇଥିବାବେଳେ ବାକିସବୁ ଜିଲାରୁ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ୨ଶହ ତଳକୁ ରହିଛି। ତେବେ ଆକ୍ରାନ୍ତଙ୍କ ତୁଳନାରେ କମ୍ ସୁସ୍ଥ ହେଉଥିବାରୁ ସକ୍ରିୟ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଫଳରେ ୨୬ ଜିଲା ରେଡ୍ ଜୋନ୍‌ରେ ରହିଛି। ଦେବଗଡ଼ ଜିଲାରେ ସର୍ବନିମ୍ନ ମୋଟ ୩୬୮୧ ଆକ୍ରାନ୍ତ ହୋଇଥିବାବେଳେ ମାଲକାନଗିରିରେ ୬୦୮ ସକ୍ରିୟ ରୋଗୀ ରହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ଆଉ ୨୧ଜଣଙ୍କ ଜୀବନ ନେଇଛି କରୋନା। ମୃତକମାନେ ୧୧ ଜିଲାର ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ୫ଜଣ ମହିଳା ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନୁଗୋଳ ୩, କଳାହାଣ୍ଡି, କେନ୍ଦ୍ରାପଡ଼ା, ପୁରୀ, ରାୟଗଡ଼ା ଓ ସୁନ୍ଦରଗଡ଼ରୁ ୨ଜଣ ଲେଖାଏ, ବୌଦ୍ଧ, ଗଜପତି, କୋରାପୁଟ ଓ ନୂଆପଡ଼ା ଜିଲାରୁ ଜଣେ ଲେଖାଏ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁ ୨୨୯୪କୁ ବୃଦ୍ଧି ପାଇଛି। ତେବେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪୦୪ଜଣ ଥିବାବେଳେ ଏହାତଳକୁ ସୁନ୍ଦରଗଡ଼ରେ ୨୨୧ ଓ ପୁରୀରେ ୧୪୧ଜଣ ମୃତକ ରହିଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡ଼ିଛି।



ସାମୁଦ୍ରିକ ବାତ୍ୟା 'ତଉକ୍ତାଏ'ର ମୁକାବିଲା ପାଇଁ ଭୁବନେଶ୍ୱର ବିମାନବନ୍ଦରରୁ ଏନ୍‌ଡିଆର୍‌ଏଫ୍‌ର ୫ ଟିମ୍ ଶନିବାର ଜାମ୍‌ନଗର ଯାଉଛନ୍ତି।

### ବାତ୍ୟା 'ତଉକ୍ତାଏ' ମୁକାବିଲା ଜାମ୍‌ନଗର ଗଲା ଏନ୍‌ଡିଆର୍‌ଏଫ୍ ଟିମ୍

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

ଗୁଜରାଟରେ ସମ୍ଭାବ୍ୟ ସାମୁଦ୍ରିକ ବାତ୍ୟା 'ତଉକ୍ତାଏ'ର ମୁକାବିଲା କରିବାପାଇଁ ଭୁବନେଶ୍ୱରରୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଫୋର୍ସ(ଏନ୍‌ଡିଆର୍‌ଏଫ୍)ର ୫ଟି ଟିମ୍ ଶନିବାର ଜାମ୍‌ନଗର ଗସ୍ତ କରିଛି। ବାୟୁସେନାର ୨ଟି ସ୍ୱତନ୍ତ୍ର ହେଲିକପ୍ଟର(ସି ୧୩୦ଜେ) ଯୋଗେ ୧୨୬ ଏନ୍‌ଡିଆର୍‌ଏଫ୍ ଯବାନଙ୍କୁ ଜାମ୍‌ନଗର ପଠାଯାଇଛି। ବାତ୍ୟା ମୁକାବିଲାର ସମସ୍ତ ଜରୁରୀ ସାମଗ୍ରୀ ନେଇ ଏନ୍‌ଡିଆର୍‌ଏଫ୍ ଟିମ୍ ଗସ୍ତ କରିଛି। କଟକ ନିକଟ ମୁଣ୍ଡଳିସ୍ଥିତ ତୃତୀୟ ବାଟାଲିୟନର ୧୨୬ଜଣ କର୍ମଚାରୀଙ୍କୁ ନେଇ ପାଞ୍ଚଟି ଟିମ୍ ଗୁଜରାଟ ଉପକୂଳରେ ଥିବା ଦୁର୍ବଳ ଅଞ୍ଚଳରେ ନିୟୋଜିତ ହେବେ। ଏହି ଦଳ ଗୁଜରାଟ ସରକାରଙ୍କୁ ଜରୁରିକାଳୀନ କାର୍ଯ୍ୟରେ ସହାୟତା କରିବେ। ସୂଚନାଯୋଗ୍ୟ, ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ୧୮ ତାରିଖରେ ସମ୍ଭାବ୍ୟ ବାତ୍ୟା ତଉକ୍ତାଏ ଗୁଜରାଟ ଉପକୂଳ ଛୁଇଁବ। ଏଥିପାଇଁ ଗୁଜରାଟ ଓ ମହାରାଷ୍ଟ୍ର ସମେତ ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକୁ ରେଡ ୱାର୍ନିଂ ଜାରି କରାଯାଇଛି।

## ଅକ୍ଷିମୁଠି ଅନୁକୂଳ କଲେ କୃଷିମନ୍ତ୍ରୀ



ଖେଡପଡାରେ କୃଷିମନ୍ତ୍ରୀ ଡ.ଅରୁଣ କୁମାର ସାହୁ ହଳ କରୁଛନ୍ତି।

**ନୟାଗଡ଼ ଅଫିସ, ୧୫।୫**

ଅକ୍ଷୟତୃତୀୟା ଉପଲକ୍ଷେ ଶନିବାର ନୟାଗଡ଼ ବ୍ଲକ ବାଲୁଗାଁ ପଞ୍ଚାୟତର ଖେଡପଡାରେ କୃଷିମନ୍ତ୍ରୀ ଡ.ଅରୁଣ କୁମାର ସାହୁ ବିଲରେ ନଡ଼ିଆ ବାଡ଼େଇ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଗତବର୍ଷ ଚାଷୀମାନଙ୍କ ଲାଗି ଓଡ଼ିଶା କୃଷି କ୍ଷେତ୍ରରେ ଏକ ବଳକା ରାଜ୍ୟ ହୋଇପାରିଥିଲା। କରୋନା ସମୟରେ କୃଷିକୁ ପ୍ରାଧାନ୍ୟ ଦିଆଯାଇଛି। କୃଷି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନରେ ପହଞ୍ଚ ପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷକମାନଙ୍କୁ ଅଧିକ ସମ୍ମାନ ଦେଇଛନ୍ତି। ଆଜିର ଅକ୍ଷି ମୁଠି ଅନୁକୂଳ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲା ବିଜୁ କୃଷକ ଜନତା ଦଳର ସଭାପତି ଜଗନ୍ନାଥ ପଣ୍ଡା, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର କୁଅଁର ପ୍ରମୁଖ ଯୋଗଦେଇଥିଲେ।

## କୋର୍ଟ କର୍ମଚାରୀଙ୍କ ସ୍ୱତନ୍ତ୍ର କୋଭିଡ କେୟାର ସେଣ୍ଟର ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୧୫।୫**

ବଲାଙ୍ଗୀର ଲର୍କିପାଲି ପଲିଟେକ୍‌ନିକ୍ ବାଳକ ହଷ୍ଟେଲଠାରେ କୋର୍ଟ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ କେୟାର ସେଣ୍ଟର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ନିର୍ଦ୍ଦେଶରେ ବଲାଙ୍ଗୀରଠାରେ ଆରମ୍ଭ ହୋଇଥିବା ଏହି ୯ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ କେୟାର ସେଣ୍ଟରକୁ ଜିଲାଜଜ୍ ଲୋକନାଥ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନ କରାଯାଇଛି। ଏଠାରେ କୋର୍ଟ ଅଧିକାରୀ ଓ କର୍ମଚାରୀମାନେ କରୋନା ଆକ୍ରାନ୍ତ ହେଲେ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏଠାରେ ଅକ୍ସିଜେନ୍ ବ୍ୟବସ୍ଥା ସହ ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ଉଦ୍‌ଘାଟନ ସମୟରେ ରେଜିଷ୍ଟ୍ରର ଅମିତ କୁମାର ବାରିକ, କୋର୍ଟ ମେନେଜର ପ୍ରୀତିରାଣୀ ନାଗ, ଆସିଷ୍ଟାଣ୍ଟ ନାଜିର ସୁବ୍ରତ କୁମାର ମିଶ୍ର ଉପସ୍ଥିତ ଥିଲେ।





ବଲାଙ୍ଗୀର ପଲିଟେକ୍‌ନିକ୍‌ଠାରେ କୋର୍ଟ କର୍ମଚାରୀଙ୍କ ସ୍ୱତନ୍ତ୍ର କୋଭିଡ କେୟାର ସେଣ୍ଟର ଉଦ୍‌ଘାଟନ କରାଯାଉଛି।

# ଖରିଫ ପାଇଁ ୯ ହଜାର କୋଟିର ଶସ୍ୟ ଋଣ

## ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ରାଜ୍ୟସ୍ତରୀୟ ୱେବିନାର

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

କରୋନା ଯୋଗୁ ଗତ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉପୁଜିଥିବା କଠିନ ପରିସ୍ଥିତିରେ ଅନ୍ୟସବୁ କ୍ଷେତ୍ର ଅଧିକ ମାତ୍ରାରେ ପ୍ରଭାବିତ ହୋଇଥିବା ବେଳେ କୃଷି କାର୍ଯ୍ୟ ଓ କୃଷି ଅଭିବୃଦ୍ଧି ହାର ସକାରାତ୍ମକ ରହିଛି। ରାଜ୍ୟରେ ରେକର୍ଡ ପରିମାଣର ଧାନ ସଂଗ୍ରହ କରାଯାଇ ପାରିଛି। ଚଳିତ ଖରିଫରେ ମଧ୍ୟ ଭଲ ଫସଲ ଉତ୍ପାଦନ ଆଶା ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଶନିବାର ଅକ୍ଷୟ ତୃତୀୟା ଓ କୃଷକ ଦିବସ ଅବସରରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ଆନୁକୂଲ୍ୟରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ୱେବିନାରରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ରାଜ୍ୟର ୬୬ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୃଷି କ୍ଷେତ୍ର ସହିତ



ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଜଡ଼ିତ ଥିବାରୁ ରାଜ୍ୟ ସରକାର କୃଷି ଓ କୃଷକଙ୍କ ବିକାଶକୁ ପ୍ରାଥମିକତା ପ୍ରଦାନ କରୁଛନ୍ତି। ଫଳସ୍ୱରୂପ ଧାନ ସମେତ ବିଭିନ୍ନ କୃଷି ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟରେ ପରିଣତ ହୋଇପାରିଛି। ରାଜ୍ୟ ସରକାର ଚଳିତ ଖରିଫରେ ସମବାୟ ସଂସ୍ଥା ମାଧ୍ୟମରେ ୯୦୦୦ କୋଟି ଟଙ୍କାର ସ୍ୱଳ୍ପ ମିଆଦୀ ଫସଲ ଋଣ ଯୋଗାଇଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଠିକ୍ ସମୟରେ ଋଣ ପରିଶୋଧ କରୁଥିବା ଚାଷୀମାନଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଶୂନ ପ୍ରତିଶତ ସୁଧ ହାରରେ ଯୋଗାଇ ଦିଆଯାଇଛି। ଏହା ସହିତ ରିହାତି ହାରରେ ଉନ୍ନତମାନର ବିହନ, ସାର ଓ କୀଟନାଶକ ଔଷଧ ଯୋଗାଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର, ସମବାୟ ସମିତି ସମୂହ ନିବନ୍ଧକ ସୁଶାନ୍ତ କୁମାର ବାରିକ, ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକ, ଓସାମ୍ ବୋର୍ଡର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା, ଭର୍ଗିଜ୍ କୁରିୟନ୍ ସେଣ୍ଟର ଫର୍ ଏକ୍ସିଲେନ୍ସର ପ୍ରଫେସର ହରେକୃଷ୍ଣ ମିଶ୍ର ଏବଂ ମାର୍କଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ୱେବିନାରରେ ଆଲୋଚନା କରିଥିଲେ। ୱେବିନାରକୁ ୟୁନିୟନର ପ୍ରଶାସକ ଗାୟତ୍ରୀ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଏଥିରେ ସମସ୍ତ ଡିଆର୍‌ସିଏସ୍, ଏଆର୍‌ସିଏସ୍, କୃଷକ ସଂଗଠନ, କୃଷକ ନେତା ଓ ଅଗ୍ରଣୀ କୃଷକମାନେ ଭାଗ ନେଇଥିଲେ।

## ଘରୋଇ କର୍ମଚାରୀଙ୍କ ପାଇଁ 'ଇ-ପରମିଶନ'

**ଭୁବନେଶ୍ୱର, ୧୫।୫(ବ୍ୟୁରୋ)**

ଲକ୍‌ଡାଉନରେ ଘରୋଇ ସଂସ୍ଥାର ଆଇକାର୍ଡ ଦେଖାଇ ସହର ବୁଲୁ ଥିବାରୁ କଟକଣାକୁ କଠୋର କରିଛି କମିଶନରେଟ୍ ପୋଲିସ। ଏଣିକି କଟକ ଓ ଭୁବନେଶ୍ୱରରରେ ଥିବା ଘରୋଇ ସଂସ୍ଥାର କର୍ମଚାରୀମାନେ ଯିବାଆସିବା ପାଇଁ ସ୍ୱତନ୍ତ୍ର ପୋଲିସ ଅନୁମତି ନେବାକୁ ପଡ଼ିବ। ଏଥିପାଇଁ ଶନିବାର 'ଇ-ପରମିଶନ' ନାମକ ଏକ ଆପ୍ଲିକେଶନ୍ ଜାରି କରାଯାଇଛି। ଏ ସମ୍ପର୍କରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇ କହିଛନ୍ତି, ଏହି ଆପ୍ଲିକେଶନ ମାଧ୍ୟମରେ ଘରୋଇ ସଂସ୍ଥାଗୁଡ଼ିକ ନିଜ କର୍ମଚାରୀଙ୍କ ତଥ୍ୟ ଦେଇ ପଞ୍ଜୀକରଣ କରିବେ। କେତେଜଣ ଓ କେଉଁ କର୍ମଚାରୀ ଅଫିସକୁ କାର୍ଯ୍ୟ କରିବାକୁ ଆସୁଛନ୍ତି ସେ ନେଇ ସଂସ୍ଥା ଆବଶ୍ୟକ ତଥ୍ୟ ଦେବା ପରେ ଇ-ପରମିଶନ ପ୍ରଦାନ କରାଯିବ। ଏହାପରେ ସଂସ୍ଥା ନିଜ କର୍ମଚାରୀଙ୍କୁ ଉକ୍ତ ଇ-ପରମିଶନ ଦେବେ। କର୍ମଚାରୀମାନେ ଅଫିସ ଯାତାୟାତ ସମୟରେ ନିଜ ସଂସ୍ଥାର ଆଇକାର୍ଡ ସହ ଉକ୍ତ ଇ-ପରମିଶନ ଦେଖାଇଲେ ପୋଲିସ ସେମାନଙ୍କୁ ଛାଡ଼ିବ। ତେବେ ଇ-ପରମିଶନ ଜାରି ହେବାର ୨ଘଣ୍ଟା ମଧ୍ୟରେ ଦ୍ୱୈତ-ନଗରୀର ୧୦୦ରୁ ଊର୍ଦ୍ଧ୍ୱ ସଂସ୍ଥା ପଞ୍ଜୀକରଣ କରିଛନ୍ତି। ଇ-ପରମିଶନ ମାଧ୍ୟମରେ ଘରୋଇ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ତଥ୍ୟ ଡିସିପିଙ୍କ ନିକଟରେ ରହିପାରିବ। ଉକ୍ତ ସଂସ୍ଥାଗୁଡ଼ିକ କୋଭିଡ-୧୯ ଗାଇଡ୍‌ଲାଇନ୍ ଠିକ୍ ଭାବେ ପାଳନ କରୁଛନ୍ତି କି ନାହିଁ, କେତେ କର୍ମଚାରୀଙ୍କୁ ନେଇ ଅଫିସ କାର୍ଯ୍ୟ ଚାଲୁଛି ତାହାର ତଥ୍ୟ ରଖାଯାଇପାରିବ ବୋଲି ସିପି କହିଛନ୍ତି।

### ରୂପେ କିଷାନ କାର୍ଡ

# ୧୭.୪୩ କୋଟି ଅପବ୍ୟୟ

**ଯାଜପୁର ଅଫିସ, ୧୫।୫**





## ୧୮.୪୮ ଲକ୍ଷ କାର୍ଡ ଅକାମୀ

ରାଜ୍ୟ ସରକାର କିଷାନ କ୍ରେଡିଟ କାର୍ଡ (କେସିସି) ଯୋଜନାରେ କୃଷକମାନଙ୍କୁ ରୂପେ କିଷାନ କାର୍ଡ ପ୍ରଦାନ କରିବାକୁ ଗୁରୁତ୍ୱ ଦେଇଥିଲେ। ଏହିକ୍ରମରେ ୨୦୧୭ ଜୁଲାଇରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ (ଓଏସ୍‌ସିବି) ରୂପେ କିଷାନ କାର୍ଡ ଆରମ୍ଭ କରିଥିଲା। ଏଥିପାଇଁ ୧୭.୪୩ କୋଟି ଟଙ୍କା ଖର୍ଚ୍ଚରେ ୨୦୨୦ ଜାନୁୟାରୀ ପର୍ଯ୍ୟନ୍ତ ଅବଧି ଥିବା ୧୮.୪୮ ଲକ୍ଷ କାର୍ଡ ଛପାଯାଇଥିଲା। ଏହି କାର୍ଡକୁ ଚାଷୀମାନଙ୍କୁ ବିତରଣ କରିବା ପାଇଁ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ(ଡିସିସିବି) ଓ ପ୍ୟାକ୍ସମାନଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଏହି କାର୍ଡର ବୈଧତା ସମୟ ସୀମା ସରିବା ମଧ୍ୟରେ ଓଏସ୍‌ସିବି ପୁଣି ସକ୍ରିୟ କରିବାରେ ବିଫଳ ହେଲା। ଫଳରେ ରାଜ୍ୟ ସରକାରଙ୍କ ୧୭.୪୩ କୋଟି ଟଙ୍କା ବ୍ୟର୍ଥ ଯାଇଛି। ତେଣୁ ରାଜ୍ୟ ସରକାର ଏହି ଅପବ୍ୟୟର ଉତ୍ତରଦାୟୀ ନିର୍ଣ୍ଣୟ କରନ୍ତୁ ବୋଲି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

କିଷାନ କ୍ରେଡିଟ କାର୍ଡ ପାଇବା ପରେ ଚାଷୀ ସମସ୍ତ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇ ପାରିବେ ବୋଲି ଆଶା ରଖିଥିଲେ। ଥରେ ଋଣ ସୀମା ଧାର୍ଯ୍ୟ ହେବା ପରେ ଋଣ ଖିଲାପକାରୀ ହୋଇ ନ ଥିବା ଚାଷୀ ଏହି ସ୍ମାର୍ଟ କାର୍ଡ ବ୍ୟବହାର କରି ଟଙ୍କା ଉଠାଣ କରିପାରିବେ ବୋଲି କୁହାଯାଇଥିଲା। କିନ୍ତୁ କାର୍ଡର ବୈଧତା ଅବଧି ସରିବା ପରେ ମଧ୍ୟ ଓଏସ୍‌ସିବି ଏହି କାର୍ଡଗୁଡ଼ିକର ସମାପ୍ତ ତାରିଖ ଘୁଞ୍ଚାଇ ପୁନଃସକ୍ରିୟ କରିବା ପାଇଁ କୌଣସି ପଦକ୍ଷେପ ନେଇନାହିଁ। ଫଳରେ ପାକ୍ସର ସଦସ୍ୟ ଚାଷୀ ଏବଂ ଖିଲାପ କରି ନ ଥିବା କେସିସିଧାରୀ ଚାଷୀ ଟଙ୍କା ଉଠାଣରୁ ବଞ୍ଚିତ ହୋଇଥିଲେ। ୨୦୧୯ ଡିସେମ୍ବରରେ ସରକାର ଜଣାଇଥିଲେ ଯେ, ପ୍ୟାକ୍ସସ୍ତରରେ ଖରାପ ନେଟୱର୍କ ଏବଂ କୃଷକ ସଭ୍ୟଙ୍କ କରଗତ ତଥ୍ୟ ପରୀକ୍ଷା ନିରୀକ୍ଷା ନ ହେବା ଯୋଗୁ କାର୍ଡଗୁଡ଼ିକ କୋର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ବ୍ୟବହୃତ ହୋଇ ପାରି ନ ଥିଲା। କାର୍ଡଗୁଡ଼ିକୁ ପୁନଃସକ୍ରିୟ କରିବା କିମ୍ବା ନୂଆ କାର୍ଡ ପ୍ରଦାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ଦର୍ଶାଯାଇଥିଲା। ହେଲେ ବ୍ୟାଙ୍କ ସଞ୍ଚୟ ଖାତା ସହ ରୂପେ କିଷାନ କାର୍ଡର ସଂଯୋଗ ବିନା ଏହା ପ୍ରଦାନର କୌଣସି ଉଦ୍ଦେଶ୍ୟ ସାଧିତ ହେବନାହିଁ। ପାକ୍ସରେ ମଧ୍ୟ କୋର ବ୍ୟାଙ୍କିଙ୍ଗ୍‌ର ବ୍ୟବସ୍ଥା ନାହିଁ ବୋଲି ସମବାୟ ବିଭାଗ ସଚିବ ବିଦାୟୀ ସମ୍ମିଳନୀରେ କହିଥିବା ନେଇ ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ସମବାୟ ବିଭାଗ ପକ୍ଷରୁ ରୂପେ କିଷାନ କାର୍ଡ ବ୍ୟବହାର ପାଇଁ ଆବଶ୍ୟକ ପରୀକ୍ଷା ନିରୀକ୍ଷା ନ କରି ନୂତନ ବ୍ୟବସ୍ଥା ପ୍ରଣୟନ କରାଗଲା। ଫଳରେ ରାଜକୋଷ ଉପରେ ୧୭.୪୩ କୋଟି ଟଙ୍କାର ଅତିରିକ୍ତ ବୋଝ ଲଦିହୋଇଥିଲା, ଯାହା ଅପବ୍ୟୟ ଥିଲା ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

## ଘରେ ମା'ଙ୍କ ମୃତଦେହ, ପୁଅ ଗଲେ କୋଭିଡ୍ ହସ୍ପିଟାଲ

**ବ୍ରହ୍ମପୁର ଅଫିସ, ୧୫।୫**

ଗଞ୍ଜାମ ଜିଲାରେ ମହାମାରୀ କରୋନାର କରାଳ ରୂପ ଦେଖିବାକୁ ମିଳୁଛି। ଶନିବାର ବ୍ରହ୍ମପୁରରେ ଜଣେ ବୃଦ୍ଧାଙ୍କ ମୃତଦେହ ଘରେ ପଡ଼ି ରହିଥିବା ବେଳେ ତାଙ୍କ ପୁଅଙ୍କୁ କୋଭିଡ୍ ହସ୍ପିଟାଲକୁ ନିଆଯାଇଛି। ବୃଦ୍ଧାଙ୍କ ମୃତଦେହ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ଘରେ ପଡ଼ି ରହିବା ପରେ ସନ୍ଧ୍ୟାରେ ପୋଲିସ ମୃତଦେହକୁ ବଡ଼ ମେଡିକାଲକୁ ପଠାଇଛି। ଛତିଶଗଡରେ ରହୁଥିବା ବୃଦ୍ଧାଙ୍କ ଝିଅ-ଜ୍ୱାଇଁଙ୍କୁ ଏ ସମ୍ପର୍କରେ ଖବର ଦିଆଯାଇଥିବା ଟାଉନ୍ ଥାନା ଅଧିକାରୀ ସୁରେଶ ତ୍ରିପାଠୀ କହିଛନ୍ତି।

ଲୋଚାପଡା ବ୍ୟାଙ୍କ କଲୋନୀ ପ୍ରଥମ ଲାଇନ୍‌ରେ ଭଡ଼ାରେ ରହୁଥିବା ବୃଦ୍ଧାଙ୍କର ଶନିବାର ସକାଳେ ମୃତ୍ୟୁ ଘଟିଥିଲା। ତାଙ୍କ ୪୫ ବର୍ଷୀୟ ପୁଅ କରୋନାରେ ଗୁରୁତର ହୋଇ ଘରେ ଥିଲେ। ଏହାଦେଖି ଘର ମାଲିକ ପ୍ରଶାସନ ଓ ପୋଲିସକୁ ଖବର ଦେଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ଆମ୍ବୁଲାନ୍ସ ଆସି ପୁଅଙ୍କୁ କୋଭିଡ୍ ହସ୍ପିଟାଲକୁ ନେଇଥିଲା। ବୃଦ୍ଧାଙ୍କ ମୃତଦେହ ପଡ଼ି ରହିଥିଲା। ସନ୍ଧ୍ୟାରେ ଟାଉନ ଥାନା ପୋଲିସ ସେଠାରେ ପହଞ୍ଚି ବିଏମ୍‌ସି କର୍ମଚାରୀଙ୍କ ସହାୟତାରେ ବୃଦ୍ଧାଙ୍କ ମୃତଦେହକୁ ବ୍ରହ୍ମପୁର ପଠାଇଥିଲା।

**Odisha State Medical Corporation Limited**
In front of Ram Mandir, Convent Square, Unit-III, Bhubaneswar-751 007
Tel.: (0674) 2380660, Website: www.osmcl.nic.in, Email: logistics.osmcl.od@nic.in

**NOTICE INVITING BID**

**Bid Reference No.: OSMCL/2021-22/SHORT-SYRINGE/17**

No.CAD-290:- Online Bids through e-Tender portal (https://tendersodisha.gov.in) are invited from eligible bidders for supply of S02415-Auto disable syringes sterilised 0.5 ml as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1 | Date & time of release of bid | 15.05.2021, 3 P.M. | |
| 2 | Date & time of online bid submission | Start date & time | End date & time |
| | | 15.05.2021, 3 P.M. | 21.05.2021, 11 A.M. |
| 3 | Date & time of online technical bid opening | 21.05.2021, 11.15 A.M. | |
| 4 | Date of Opening of price bid | To be informed to the qualified bidders | |

The bid document with all information relating to the bidding process including prequalification criteria and terms & conditions are available in the website: www.osmcl.nic.in and https://tendersodisha.gov.in. OSMCL reserves the right to reject or modify any conditions of the tender or cancel the tender or cancel the issued purchase order at any stage without assigning any reason thereof.

OIPR-10112/11/0013/2122 **Sd./- Managing Director, OSMC Ltd., Odisha**

**GOVERNMENT OF ODISHA 'e' PROCUREMENT NOTICE**

**Bid Identification No.5 of 2021-22**

**Ph.- 06842-253314, eerwss_plb@nic.in**

No.O-160:- 1. Name of the work: Execution of different Rural Piped water supply schemes in the district of Kandhamal. (Refer DTCN available in the website: tendersorissa.gov.in)
2. Total No. of work: 24 Nos. 3. Estimated cost : Rs.9.99 lakh to Rs.49.99 lakh. 4. Eligible class of contractor: D & C, C & B and B & A. 5. Period of completion: 02 (Two) months to 6 (Six) months (Refer DTCN available in the website tendersorissa.gov.in) 6. Other details:

| Procurement Officer | Bid Identification No. | Availability of tender online for bidding | | Date and time for opening of bid |
|---|---|---|---|---|
| | | From | To | |
| Superintending Engineer, RWSS Division, Phulbani | 5 of 2021-22 | Dt.19.5.2021 at 10.00 hrs. | Dt.29.5.2021 upto 17.00 hrs. | Dt.31.5.2021 at 11.00 A.M. |

Further details can be seen from the website www.tendersorissa.gov.in. Corrigendum, if any, will be uploaded in website only.

**Sd./- Superintending Engineer**
**R.W.S. & S. Division, Phulbani**
OIPR-25006/11/0003/2122

## ମଙ୍ଗସପୁର ଜଗନ୍ନାଥ ମନ୍ଦିରରେ ଅକ୍ଷୟ ତୃତୀୟା

ସୁନ୍ଦରଗଡ଼,(ଡି.ଏନ.ଏ): ଟାଙ୍ଗରପାଲ୍ଲି ବ୍ଲକ ଅନ୍ତର୍ଗତ ମଙ୍ଗସପୁର ଗ୍ରାମରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ କରୋନା ମାର୍ଗଦର୍ଶିକାକୁ ପାଳନ କରି ଅକ୍ଷୟ ତୃତୀୟା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ଚଳିତବର୍ଷ ଭଲ ଫସଲ ଅମଳ ଓ କୃଷକଙ୍କ ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଠାକୁରଙ୍କ ପାଇଁ ତିଆରି କରାଯାଇଥିବା ପଦ୍ମପୋଖରୀ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନମୋହିଥିଲା। ମନ୍ଦିରର ପୂଜକ ଦୟାମୟ ମହାପାତ୍ରଙ୍କ ନେତୃତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ପିଙ୍କୁ ପଟେଲ, ମହେନ୍ଦ୍ର କଉଡ଼ି, ପ୍ରିତମ ମହାପାତ୍ର ପ୍ରମୁଖ ସହାୟତା କରିଥିଲେ।

## ସଂକ୍ଷେପରେ

### ସୁନ୍ଦରଗଡ଼ରେ ୨୪ ଘଣ୍ଟାରେ ୧,୨୦୯ ପଜିଟିଭ

#### ପୁଣି ଉପରମୁହାଁ କରୋନା ସଂକ୍ରମଣ

ସୁନ୍ଦରଗଡ଼, ୧୫।୫(ଡି.ଏନ୍.ଏ.): ପୁଣି ଉପରମୁହାଁ କରୋନା ସଂକ୍ରମଣକୁ ନେଇ ଚିନ୍ତା। ଗତ ୨୪ ଘଣ୍ଟାରେ ସୁନ୍ଦରଗଡ ଜିଲାରେ ୧,୨୦୯ କରୋନା ପଜିଟିଭ ଚିହ୍ନଟ ହୋଇଛି। ଏଥିମଧ୍ୟରେ ରାଉରକେଲା ସହରରେ ସର୍ବାଧିକ ୩୪୬ ଓ ହେମଗିରରେ ୨୬୬ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିସହ ସବ୍‌ଡେଗା ବ୍ଲକରେ ୯୯, ସୁନ୍ଦରଗଡ ସହରରେ ୯୭, ସଦର ବ୍ଲକରେ ୭୫, ବିଶ୍ରାରେ ୬୩, ଲହୁଣୀପଡାରେ ୧୭, ଲେଫ୍ରିପଡାରେ ୧୭ , ବଡଗାରେ ୧୯, କୁତ୍ରାରେ ୫୫, ରାଜଗାଙ୍ଗପୁର୧୪, ଟାଙ୍ଗରପାଲିରେ ୨୦, ବୀରମିତ୍ରପୁରରେ ୯, କୁଆଁରମୁଣ୍ଡାରେ ୧୯, ଲାଠିକଟାରେ ୭୩ , ବାଲିଶଙ୍କରାରେ ୪, ବଣାଇରେ ୧, ନୂଆଁଗା ୧, କୋଇଡାରେ ୨, ଗୁରୁଣ୍ଡିଆରେ ୨୩ ପଜିଟିଭ ଚିହ୍ନଟ ହୋଇଛି।

### ରାଉରକେଲା ଷ୍ଟେଶନରେ କୋଭିଡ୍ ସତର୍କତା, ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା

ରାଉରକେଲା ଅଫିସ, ୧୫।୫: କୋଭିଡ ସଂକ୍ରମଣ ନିୟନ୍ତ୍ରଣ ପାଇଁ ରାଉରକେଲା ଷ୍ଟେସନରେ ପ୍ରଶାସନ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଉଛି। ବାହାର ରାଜ୍ୟରୁ ଆସି ଓହ୍ଲାଉଥିବା ପ୍ରତ୍ୟେକ ଯାତ୍ରୀଙ୍କର ପଞ୍ଜିକରଣ କରାଯିବା ସହ ଥର୍ମାଲ ସ୍କ୍ରିନିଂ କରାଯାଉଛି। ତା' ସହିତ ଆରଟିପିସିଆର ନେଗେଟିଭ ରିପୋର୍ଟ କିମ୍ବା ଡବଲ ଡୋଜ ଟିକା ସାର୍ଟିଫିକେଟ ଯାଞ୍ଚ କରାଯାଉଛି। ଯେଉଁ ଯାତ୍ରୀଙ୍କ ପାଖରେ କିଛି ଲକ୍ଷଣ ଦେଖାଦେଉଛି ସେମାନଙ୍କର ଆଣ୍ଟିଜେନ ପରୀକ୍ଷା କରାଯାଉଛି ବୋଲି ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ରାଉରକେଲା ଷ୍ଟେସନରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ରେଳବାଇ କର୍ତ୍ତୃପକ୍ଷ ଏବଂ ମହାନଗର ନିଗମ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିଶେଷକରି ଯାତ୍ରୀମାନଙ୍କର ସ୍କ୍ରିନିଂ, ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ସବୁବେଳେ ଆମ କର୍ମଚାରୀମାନେ ଷ୍ଟେସନରେ ଉପସ୍ଥିତ ରହୁଛନ୍ତି କହିଛନ୍ତି ମହାନଗର ନିଗମ କମିଶନର। ଆଣ୍ଟିଜେନ ରିପୋର୍ଟ ପଜିଟିଭ ଆସୁଥିବା ବ୍ୟକ୍ତିଙ୍କୁ କୋଭିଡ କେୟାର ସେଣ୍ଟର କିମ୍ବା ଅସ୍ଥାୟୀ ସାସ୍ଥ୍ୟକେନ୍ଦ୍ର (ଟିଏମସି)କୁ ପଠାଯାଉଛି। ସେଠାରେ ସେମାନେ ଆଇସୋଲେସନରେ ରହୁଛନ୍ତି। ଏହାଛ ଯେଉଁ ଯାତ୍ରୀମାନେ ଆରଟିପିସିଆର ରିପୋର୍ଟ ବା ଟିକା ସାର୍ଟିଫିକେଟ ଦେଖାଉଛନ୍ତି ସେମାନଙ୍କୁ ୧୪ ଦିନିଆ ହୋମ ଆଇସୋଲେସନ ପାଇଁ ପରାମର୍ଶ ଦିଆଯାଉଛି।

### କରୋନାରେ ବରିଷ୍ଠ ସାମାଜିକ କର୍ମୀଙ୍କ ପରଲୋକ

କୁତ୍ରା, ୧୫।୫(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ଗ୍ରାମର ବରିଷ୍ଠ ସାମାଜିକ କର୍ମୀ



ତଥା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ବଳଭଦ୍ର ନାଏକ (୬୫)ଙ୍କ ପରଲୋକ ହୋଇଛି। ସେ ଗତ କିଛି ଦିନ ହେବ କରୋନାରେ ଆକ୍ରାନ୍ତହୋଇ ସୁନ୍ଦରଗଡ଼ସ୍ଥିତ ଏନ୍‌ଟିପିସି କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ଶେଷକୃତ୍ୟ ବେଦବ୍ୟାସରେ ସମ୍ପନ୍ନ ହୋଇଯାଇଛି। ସେ ଜଣେ ମେଳାପି, ପରୋପକାରୀ ଓ ସମାଜସେବୀ ଥିଲେ। ସେ କୁତ୍ରା କଳା ଜଗତର ଅନ୍ୟତମ ସ୍ରଷ୍ଟା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାଛଡା ସେ ଗଣସମାଜର ମଣ୍ଡଳ ସମ୍ପାଦକ ଥିଲେ। କୁତ୍ରା ଜଗନ୍ନାଥ କଳାପରିଷଦର ସଭାପତି, ଜଗନ୍ନାଥ ସାଂସ୍କୃତିକ କଳାପରିଷଦ ସଭାପତି, ଦୁର୍ଗାପୂଜା କମିଟିର ପୂର୍ବତନ ଉପସଭାପତି ଭାବେ ବହୁ ଦାୟିତ୍ୱ ତୁଲାଇ ଉଲ୍ଲେଖନୀୟ କାର୍ଯ୍ୟକରି ଯାଇଛନ୍ତି। ଗାଁରେ ହେଉଥିବା ସମସ୍ତ ପୂଜାପାର୍ବଣ ଓ ଅନ୍ୟାନ୍ୟ ସମାଜସେବା କାମରେ ଉପସ୍ଥିତ ରହି ସମସ୍ତ କାମରେ ସହଯୋଗ କରୁଥିଲେ। କୁତ୍ରା ବସଷ୍ଟାଣ୍ଡ ପାଖରେ ଥିବା ଶିବ ମନ୍ଦିରରେ ସେ ପୂଜକ ମଧ ଥିଲେ। ଏଭଳି ଜଣେ ସମାଜସେବୀ, ମେଳାପି ଓ ପରୋପକାରୀ ବ୍ୟକ୍ତିଙ୍କ ବିୟୋଗରେ ଜିଲା ପରିଷଦ ସଭ୍ୟ ସରତ ସା, ପ୍ରଫୁଲ୍ଲ ସାହୁ, ବୁଟୁ ଦାସ, ଶିବ ବେହେରା, ଦେବାଶିଷ ସାହୁ, ମହେନ୍ଦ୍ର ଦାସ, ରବୀନ୍ଦ୍ର ପଣ୍ଡା ତଥା କୁତ୍ରା ଅଞ୍ଚଳର ଗ୍ରାମବାସୀ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

# ଆବଶ୍ୟକ ଭିତ୍ତିଭୂମି, କର୍ମଚାରୀ ଅଭାବ

ବେଦବ୍ୟାସ, ୧୫।୫ (ଡି.ଏନ.ଏ.)

ରାଉରକେଲାର ପ୍ରବେଶ ପଥ କୁହାଯାଉଥିବା ବେଦବ୍ୟାସସ୍ଥିତ ସର୍ବପୁରାତନ ସରକାରୀ ଆୟୁର୍ବେଦିକ ଡାକ୍ତରଖାନାରେ ନାନା ସମସ୍ୟା ଲାଗି ରହିଛି। ଏହି ଡାକ୍ତରଖାନା ୧୯୭୮ ମସିହା ଅଗଷ୍ଟ ୩୦ରେ ପ୍ରତିଷ୍ଠିତ ହୋଇଥିଲା। ସବୁଠାରୁ ବଡ କଥା ରାଉରକେଲା ମହାନଗର ନିଗମ ପୂର୍ବରୁ ଓ ପରେ ଗୋଟିଏ ମାତ୍ର ସରକାରୀ ଆୟୁର୍ବେଦିକ ଡାକ୍ତରଖାନା। ପ୍ରତ୍ୟେକ ଦିନ ଅଞ୍ଚଳର ଶହ ଶହ ରୋଗୀ ଚିକିତ୍ସା ନିମନ୍ତେ ଆସନ୍ତି। ପୁରୁଣା ଡାକ୍ତରଖାନା ମନ୍ଦିର ପରିସରରେ ଥିଲା। କାଳକ୍ରମେ ଜରାଜୀର୍ଣ୍ଣ ଓ ବିପଦସଂକୁଳ ହେବା ଯୋଗୁ କାର୍ଯ୍ୟରତ ଡାକ୍ତର ମନୋଜ କୁମାର ନାୟକଙ୍କ ଉଦ୍ୟମରେ ବେଦବ୍ୟାସ ନଦୀ ଟୋଲାସ୍ଥିତ ୨୦ ଡିସିମିଲ ଜମି ଉପରେ ସରକାରଙ୍କ ପକ୍ଷରୁ ନୂତନ କୋଠା ନିର୍ମାଣ କରାଗଲା। ନୂତନ କୋଠା ଘରକୁ ଗତ ୨୦୨୦ ମସିହା ଡିସେମ୍ବର ୧ରେ ବେଦବ୍ୟାସ ସରକାରୀ ଆୟୁର୍ବେଦିକ



ବେଦବ୍ୟାସସ୍ଥିତ ସରକାରୀ ଆୟୁର୍ବେଦିକ ଡାକ୍ତରଖାନା।

ଡାକ୍ତରଖାନା ସ୍ଥାନାନ୍ତରିଣ କରି ବର୍ତ୍ତମାନ ନାନା ସମସ୍ୟା ଦେଇ କାର୍ଯ୍ୟ କରି ଆସୁଛି। କର୍ମଚାରୀ ଅଭାବ ସହ ଭିତ୍ତିଭୂମିର ଅଭାବ ଯୋଗୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡି ପଡିଛି ବୋଲି ଲାଗୁଛି। ଡାକ୍ତରଖାନାରେ କର୍ମଚାରୀ ଅଭାବ। ପଞ୍ଚକର୍ମର ବ୍ୟବସ୍ଥା ନାହିଁ। ପାନୀୟଜଳର ଘୋର ସମସ୍ୟା। ଡାକ୍ତରଖାନାର ଚାରିପାଖରେ ପାଚେରି ବ୍ୟବସ୍ଥା ନାହିଁ। ସବୁଠାରୁ ମୁଖ୍ୟ ସମସ୍ୟା ପାନୀୟ ଜଳ। ପାନୀୟ ଜଳ ନିମନ୍ତେ ଡାକ୍ତରଖାନା ଠାରୁ ପ୍ରାୟ ୫୦୦ ମିଟର ଦୂରରେ ଥିବା ଜଣେ ବସ୍ତିବାସିନ୍ଦାଙ୍କ ଘରୁ ବାଲଟିରେ ପାଣି ଆଣି ଡାକ୍ତରଖାନାରେ ବ୍ୟବହାର କରାଯାଉଛି। ଯଦିଓ ଡାକ୍ତରଖାନାର ଭିତର ପାର୍ଶ୍ୱରେ ପାଣି ପାଇପ ଲଗାଯାଇଛି ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଗ୍ରୀଷ୍ମକାଳରେ

- ସମସ୍ୟା ମଧ୍ୟରେ ବେଦବ୍ୟାସ ସରକାରୀ ଆୟୁର୍ବେଦିକ ଡାକ୍ତରଖାନା
- ଦିନ ବେଳା ଗୋରୁ ଓ ସନ୍ଧ୍ୟାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ

ଜଳ ହିଁ ଜୀବନ କୁହାଯାଉଥିବା ବେଳେ ଏଠାରେ ରୋଗୀ ଠାରୁ ନେଇ ଡାକ୍ତରଖାନାର କର୍ମଚାରୀ ପାଣି ବୁନ୍ଦାଏ ପାଇଁ ହଇରାଣ ହେଉଛନ୍ତି। ଦ୍ୱିତୀୟ ସମସ୍ୟା ପାଚେରୀ ନାହିଁ କି ଗୋଟାଏ ମୁଖ୍ୟ ଫାଟକ ନାହିଁ। ଫଳରେ ଦିନ ବେଳା ଗୋରୁ ଓ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳି ପାଲଟିଛି। ଡାକ୍ତରଖାନାରେ ୩ଜଣ କର୍ମଚାରୀଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ଜଣେ ଡାକ୍ତର ଓ ଜଣେ ସହକାରୀ ଆୟୁର୍ବେଦିକଙ୍କୁ ନେଇ ଡାକ୍ତରଖାନା ଚାଲୁଛି । ପିଟିଏସ ବା ପିଅନ ଓ ରାତ୍ର ଜଗୁଆଳି ନାହିଁ। ଏ ସଂକ୍ରାନ୍ତରେ ଡାକ୍ତରଖାନାର କାର୍ଯ୍ୟରତ ଚିକିତ୍ସାଧିକାରୀ ମନୋଜ କୁମାର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଦୁଃଖର ସହ କହିଲେ, କର୍ମକୁ ଭଗବାନ ଭାବି ଆମେ କାର୍ଯ୍ୟ କରୁଛୁ । ଡାକ୍ତରଖାନାର ଅନେକ ସମସ୍ୟା ରହିଛି। ସେହି ସମସ୍ୟାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛି। ଭରଷା ଅଛି ଖୁବ ଶୀଘ୍ର ସମାଧାନ ହୋଇଯିବ । ଏ ବିଷୟରେ ରାଉରକେଲା ବିଧାୟକଙ୍କ ପ୍ରତିନିଧି ଯୁବ ନେତା ପିଙ୍କୁ ଜୟସ୍ୱାଲଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ସାମ୍ପ୍ରତିକ କରୋନା ପରିସ୍ଥିତି ଥିଲେ ମଧ ବେଦବ୍ୟାସ ସରକାରୀ ଆୟୁର୍ବେଦିକ ଡାକ୍ତରଖାନାର ସମସ୍ତ ସମସ୍ୟା ବିଧାୟକଙ୍କ ଦୃଷ୍ଟିକୁ ଆଣି ପର୍ଯ୍ୟାୟକ୍ରମେ ସମାଧାନ କରାଯିବ। ଏ ବିଷୟରେ ମହିଳା ଆଇନଜୀବି ମୋନାଲିସା ମହାକୁଲ କହନ୍ତି, ସରକାରଙ୍କର ଯୋଜନା କାଗଜପତ୍ରରେ ଚାଲୁଛି। ବାସ୍ତବିକ କ୍ଷେତ୍ରରେ ତାହା ଓଲଟା। ସରକାର ଆୟୁର୍ବେଦିକ ଡାକ୍ତରଖାନାର ମୌଳିକ ସମସ୍ୟାକୁ ସମାଧାନ କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବା ଉଚିତ।

## ଲକ୍‌ଡାଉନ୍ ନିୟମ ମାନିଲେ ହିଁ ଆମେ କରୋନା ଚେନ୍ ଭାଙ୍ଗି ପାରିବା: ସୁନ୍ଦରଗଡ଼ ଏସ୍‌ପି

ସୁନ୍ଦରଗଡ଼, ୧୫।୫(ଡି.ଏନ.ଏ)

କୋଭିଡ ସଂକ୍ରମଣ ନିୟନ୍ତ୍ରଣ କରିବା ଲାଗି ଯେଉଁ ଲକଡାଉନ କରାଯାଇଛି ତାକୁ ଲାଗୁ କରିବା ପାଇଁ ସୁନ୍ଦରଗଡ଼ ପୋଲିସ ତତ୍ପର ରହିଛି। ଜିଲାରେ କରୋନା ଚେନ ଭାଙ୍ଗିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଉଛି। ଲକଡାଉନ ସମୟରେ ସର୍ବସାଧାରଣ ସ୍ଥାନ, ବଜାର ଓ ହାଟ ଆଦି ଅଞ୍ଚଳରେ କୋଭିଡ ନିୟମ ପାଳନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସୁନ୍ଦରଗଡ଼ ଏସପି ସାଗରିକା ନାଥ କହିଛନ୍ତି। ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରି ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ଯେ, କରୋନା ଚେନ ଭାଙ୍ଗିବାକୁ ଆମ ସମସ୍ତଙ୍କୁ ପ୍ରଥମେ ଭଲଭାବେ ମାସ୍କ ପିନ୍ଧିବାକୁ ହେବ। ଏହା ସହ ସବୁ ସ୍ଥାନରେ ସାମାଜିକ ଦୂରତା ରକ୍ଷା କରିବା। ଲକଡାଉନ ନିୟମ ମାନି ଆମେ ଘରେ ରହିଲେ ହିଁ ସୁରକ୍ଷିତ ରହିପାରିବା। ତେଣୁ ନିହାତି ଆବଶ୍ୟକ ନ ଥିଲେ କେହି ଘରୁ ବାହାରକୁ ଆସନ୍ତୁ ନାହିଁ। ସାଧାରଣ ଜନତାଙ୍କଠାରୁ ବ୍ୟବସାୟୀ ଏବଂ ଅନ୍ୟ ସମସ୍ତ ବର୍ଗ ଏହି ନିୟମ ମାନିଲେ ଆମେ କରୋନାକୁ ହରାଇ ପାରିବା। ପ୍ରଶାସନର 'ବ୍ରେକ ଦ ଚେନ' ଅଭିଯାନକୁ ସ୍ୱାଗତ କରି ଏହା କହିଛନ୍ତି ସୁନ୍ଦରଗଡ଼ ଏସପି।

# ପର୍ଯ୍ୟାପ୍ତ ସରକାରୀ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବା ନେଇ ଆଶଙ୍କା

କୁତ୍ରା, ୧୫।୫(ଡି.ଏନ.ଏ)

କରୋନା କାଳରେ ଜିଲାର ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଏବଂ କରୋନା ନିରାକରଣ ପାଇଁ ସୁନ୍ଦରଗଡ ଜିଲା ପ୍ରଶାସନ ଚେଇଁଛି। ସୁନ୍ଦରଗଡ଼ ଜିଲାପାଳ, ଆରକ୍ଷୀ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତତ୍ପରତା ଯୋଗୁ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଆସ୍ଥାନ ଜମେଇଥିବା କ୍ୱାକ ଓ ତାଙ୍କ କ୍ଲିନିକ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଅଧିକାଂଶ ଲୋକ ଏହି ପଦକ୍ଷେପକୁ ସ୍ୱାଗତ କରିଥିବାବେଳେ କିଛି ଲୋକ ପର୍ଯ୍ୟାପ୍ତ ସରକାରୀ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବା ନେଇ ଆଶଙ୍କା କରିଛନ୍ତି।

**କ୍ୱାକ୍‌ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱାଗତଯୋଗ୍ୟ**

ସେମାନଙ୍କ ମତ ହେଲା ଆମ ଅଞ୍ଚଳରେ ସରକାରୀ ସ୍ୱାସ୍ଥ୍ୟ ସେବା ପହଞ୍ଚି ପାରୁନାହିଁ। ଲୋକଙ୍କୁ ଅଧିକ ଖର୍ଚ୍ଚାନ୍ତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଯିବାକୁ ପଡୁଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ ସାଙ୍ଗକୁ ଆବଶ୍ୟକ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବ ସବୁବେଳେ ଦେଖା ଦେଇଆସିଛି। ସରକାରୀ ସ୍ତରରେ ଏହି ଭିତ୍ତିଭୂମିକୁ ପ୍ରସ୍ତୁତ କରାଗଲେ କ୍ୱାକ୍‌ଙ୍କ ଆବଶ୍ୟକତା ପଡିବ ନାହିଁ। ୨୦୨୪ ସୁଦ୍ଧା ଓଡ଼ିଶା ବଳକା ଡାକ୍ତର ଯୋଗ୍ୟ ରାଜ୍ୟ ଭାବେ ପରିଚିତ ହେବାକୁ ଯାଉଥିବା ବେଳେ କରୋନା କାଳରେ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପାଇଁ ଆଶାବ୍ୟକ୍ତ କରୁଛି କୁତ୍ରା ବ୍ଲକ। ସୂଚନା ଥାଉକି ସୁନ୍ଦରଗଡ ଜିଲାର ଅନ୍ୟତମ ବୃହତ ପଞ୍ଚାୟତ ସମିତି କୁତ୍ରାରେ ୧୬ ଗୋଟି ଗ୍ରାମ ପଞ୍ଚାୟତ ଅବସ୍ଥାପିତ। ସଦରମହକୁମା ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ସେବା ଉପରେ ଆଞ୍ଚଳିକ ଓ ଜିଲା ବାହାର ବ୍ୟକ୍ତି ନିର୍ଭର କରୁଥିବାବେଳେ ଏହାର ଅଧୀନରେ ଥିବା ପୁରକାପାଲି, ଖଡକୁରବାହଲ ଏବଂ ଗଏରବାହଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଡାକ୍ତରମାନଙ୍କ ଉପସ୍ଥିତି ନଗଣ୍ୟ। ଏପରିସ୍ଥଳେ କେବେ ଓ କେମିତି ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରସ୍ତୁତ କରାଯିବ ଏହା ପ୍ରହସନ ଓ ପ୍ରହଳିକା ନ ହେଉ ବୋଲି ନିଜ ମୃତ୍ୟୁ ପୂର୍ବରୁ ଜୀବିତ ଅବସ୍ଥାରେ ସର୍ବସାଧାରଣ ସ୍ଥାନରେ ବିଶିଷ୍ଟ ଶିକ୍ଷକ ତଥା କଂଗ୍ରେସ କର୍ମୀ ମଙ୍ଗଲୁଧର କୁଜୁର ବିଭିନ୍ନ ସ୍ଥାନରେ ବୟାନ ଦେଇଥିଲେ। ତାଙ୍କ ମତାମତ ସହିତ ଯୋଡି ହେଇଥିଲେ ବରିଷ୍ଠ କଂଗ୍ରେସ କର୍ମୀ ତଥା ସମାଜସେବୀ ପ୍ରଫୁଲ୍ଲ ସାହୁ, ହିରନ କୁଜୁର, ଭୁବନ କୁଜୁର, ବଦ୍ରୀ ପୃଷ୍ଟି, ଦେବାଶିଷ ସାହୁ, ପଙ୍କଜ ସାହୁ ତଥା ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି।

# ଆମ୍ବୁଲାନ୍ସ ଆସିଲାନି.....

ଦେବଗଡ଼,୧୫।୫(ଡି.ଏନ.ଏ)

**ଗୁରୁତର ରୋଗୀଙ୍କୁ ନିଜ ଗାଡିରେ ଡାକ୍ତରଖାନା ନେଇ ସ୍ୱାବ ପରୀକ୍ଷା କରାଇଲେ ସ୍ୱେଚ୍ଛାସେବୀ**



କରୋନା ସଂକ୍ରମଣ ଭୟରେ ଲୋକେ ସଂକ୍ରମିତଙ୍କ ପାଖ ମାଡୁନାହାନ୍ତି। ଏପରିକି କରୋନା ସଂକ୍ରମଣ ଜନିତ ମୃତଦେହ ନିକଟକୁ ନିଜର ଜ୍ଞାତି କୁଟୁମ୍ବମାନେ ଯିବାକୁ ଉଚିତ ମଣୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ,ଏଭଳି ଅସମୟରେ କରୋନା ଭୟରେ ଲୋକେ ଅଣ ସଂକ୍ରମିତ ମୃତକଙ୍କୁ କାନ୍ଧ ଦେବାକୁ ମଧ ପଛଘୁଞ୍ଚା ଦେଉଛନ୍ତି। ମାତ୍ର ଦେବଗଡ଼ ସହରର କେତେକ ସ୍ୱେଚ୍ଛାସେବୀ କରୋନା ଭୟଛାଡି ଜଣେ ସଂଦିଗ୍ଧ କରୋନା ସଂକ୍ରମିତଙ୍କୁ ନିଜର ଗାଡିରେ ଡାକ୍ତରଖାନା ନେଇ ତାଙ୍କର ସ୍ୱାବ ପରୀକ୍ଷା କରାଇବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ସାଜିବା ସହ ବିଭିନ୍ନ ମହଲରେ ଏହାକୁ ପ୍ରଶଂସା କରାଯାଉଛି। ଖବର ମୁତାବକ ଦେବଗଡ ପୌରାଞ୍ଚଳ ରଜାମୁଣ୍ଡାର ଏକ ଦମ୍ପତି କରୋନା ସଂକ୍ରମିତ ହୋଇ ଘରେ ଚିକିତ୍ସିତ ହେଉଥିବା ବେଳେ ସଂକ୍ରମିତଙ୍କ ମା' ଶନିବାର ଅପରାହ୍ନରେ ଗୁରୁତର ଅସୁସ୍ଥ ହୋଇପଡିବା ସହ ତାଙ୍କ ଶରୀରରେ କରୋନାର ବିଭିନ୍ନ ଲକ୍ଷଣ ପରିଲକ୍ଷିତ ହୋଇଥିଲା । ମାତ୍ର ସଂକ୍ରମଣ ଭୟରେ ସ୍ୱାବ ପରୀକ୍ଷା ନିମନ୍ତେ ତାଙ୍କୁ ଡାକ୍ତରଖାନା ଆଣିବାକୁ କେହି ବାହାରି ନ ଥିଲେ। ଏଣେ ପୁଅ-ବୋହୁ କରୋନାରେ ସଂକ୍ରମିତ ହୋଇ ଚିକିତ୍ସାଧିନ ଥିବାରୁ ମହିଳା ଜଣକ ଉପାୟଶୂନ୍ୟ ହୋଇପଡିଥିବାବେଳେ ଅନୁରୋଧ ସତ୍ତ୍ୱେ ଡାକ୍ତରଖାନା ନେବା ପାଇଁ ତାଙ୍କୁ ଆମ୍ବୁଲାନ୍ସ ମଧ ଉପଲବ୍ଧ ହୋଇ ନ ଥିଲା। ଫଳରେ ସହରର ସ୍ୱେଚ୍ଛାସେବୀ ସୁଧିର ବ୍ରହ୍ମା ଦୟାଶଙ୍କର ଦ୍ୱିବେଦୀ, ଶିବା ମୁଖି ଓ ରଞ୍ଜିତ ମୁଖିଙ୍କ ସହିତ ପିପିଇକିଟ୍ ପରିଧାନ କରି ଅବିଳମ୍ବେ ତାଙ୍କ ଘରେ ପହଞ୍ଚିବା ସହ ସୁଧିରଙ୍କ ନିଜ ଗାଡିରେ ବସାଇ ସ୍ୱାବ ପରୀକ୍ଷା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ସ୍ୱାବ ନମୁନା କରୋନା ପଜିଟିଭ ଚିହ୍ନଟ ହେବାପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ମହିଳାଙ୍କୁ ଘରକୁ ଆଣି ଛାଡିଥିଲେ । ସ୍ୱେଚ୍ଛାସେବୀମାନଙ୍କର ଏଭଳି ଉଦ୍ୟମକୁ ମଧ ଜିଲାର ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# କାଳବୈଶାଖୀ ବର୍ଷା ଯୋଗୁ ଚିନ୍ତାରେ ଚିନାବାଦାମ ଚାଷୀ

ଲେଫ୍ରିପଡା,୧୫।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ସରପଗଡ଼ ଡ୍ୟାମ୍ ଅଧୀନରେ ରହିଥିବା ଗିରିଙ୍ଗକେଲା ଗ୍ରାମପଞ୍ଚାୟତର ଚିନାବାଦାମ ଚାଷୀମାନେ କାଳବୈଶାଖୀ ବର୍ଷା ଯୋଗୁଁ ଚିନ୍ତାରେ ରହିଥିବା ଦେଖାଦେଇଛି। ବର୍ତ୍ତମାନ ଚିନାବାଦାମ ଚାଷ ପାକଳ ହୋଇ ଅମଳ ହେବା ସମୟରେ ବର୍ଷା ଯୋଗୁ ଗଜା ହୋଇଯିବା ସମ୍ଭାବନା ରହିଛି। ପୂର୍ବରୁ ପ୍ରାରମ୍ଭରେ ଚିନାବାଦାମ ବିହନର ଅଙ୍କୁରୋଦ୍‌ଗମ ସମସ୍ୟା ଚାଷୀଙ୍କୁ ଅଡୁଆ ସୃଷ୍ଟି କରିଥିବାବେଳେ ବର୍ତ୍ତମାନ ଅମଳ ସମୟରେ ବର୍ଷା ଦାଉ ସାଧୁଛି।





ଏହି ଅଞ୍ଚଳରେ ଦିନେ ଦୁଇ ଦିନ ଛାଡି ଛାଡି ବର୍ଷା ଲାଗି ରହିଥିବାରୁ ଚାଷୀ ମୁଣ୍ଡରେ ହାତଦେଇ ବସିଲେଣି। ଚଳିତବର୍ଷ ରବି ଚାଷ ସରପଗଡ ଡ୍ୟାମ୍ ଅଧୀନରେ ରହିଥିବା ସାଲେଟିକ୍ରା, ତେଲେନଡିହି, ବୈରାଗୀବାହାଲ, ଚକରଧରପୁର, ଗିରିଙ୍ଗକେଲା, ପଟୁଆଡିହି, କରାଡେଗା, କଦୋମାଲ ଗ୍ରାମରେ ମୋଟ୍ ୩୫୩ ହେକ୍ଟର ଜମିରେ ଚିନାବାଦାମ ଚାଷ ହୋଇଥିବା ଜଣାପଡିଛି। ଏଥି ମଧ୍ୟରେ ୭୩ ହେକ୍ଟର ବ୍ରିଡର ବିହନ ରହିଥିବା ବେଳେ ୨୩୦ହେକ୍ଟର ସାର୍ଟିଫାଏଡ୍ ବିହନ ଏବଂ ପ୍ରାୟ ୫୦ହେକ୍ଟର ଚାଷୀଙ୍କୁ ଡେମୋଷ୍ଟ୍ରେସନ ମାଧ୍ୟମରେ ଚାଷ ହୋଇଛି। ମହାମାରୀ କରୋନା ଲୋକଙ୍କୁ ଭୟଭୀତ କରିଚାଲିଥିବା ବେଳେ ଅନ୍ୟପକ୍ଷରେ ବର୍ତ୍ତମାନ କାଳବୈଶାଖି ଅଞ୍ଚଳର ଚାଷୀଙ୍କ ସମସ୍ୟା ଦ୍ୱିଗୁଣିତ କରିଦେଇଛି। ଆଉ କିଛି ଦିନ ଏହିଭଳି ବର୍ଷା ହେଲେ ଚିନାବାଦାମ ଚାଷ ବହୁ ମାତ୍ରାରେ ପ୍ରଭାବିତ ହେବା ଆଶଙ୍କା ଥିବା ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି।

# ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ: ୮ମାସ ହେଲା ଗ୍ରାମବାସୀ ହନ୍ତସନ୍ତ

ବାଲିଶଙ୍କରା,୧୫।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତିଲଡେଗା ଗ୍ରାମରେ ଆଜକୁ ପ୍ରାୟ ଆଠ ମାସ ହେବ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ଯୋଗୁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଏପଟେ ଗ୍ରାମରେ କରୋନା ସଂକ୍ରମଣ ବୃଦ୍ଧି ପାଇଥିବାବେଳେ ଦୀର୍ଘ ଆଠ ମାସ ହେବ ଲୋ-ଭୋଲଟେଜ ଯୋଗୁଁ ବିଦ୍ୟୁତ୍‌ସେବା ନ ଥିବା ସଙ୍ଗେ ସମାନ। ଗ୍ରାମର ଅନେକ ହିତାଧିକାରୀ ସେମାନଙ୍କର ବକେୟା ବିଦ୍ୟୁତ୍‌ଦେୟ ପୈଠ କରିସାରିଥିଲେ ମଧ ଏହି ସମସ୍ୟା ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରେ ଅଭିଯୋଗ କଲେ ମଧ ନାନା ଆଳଦେଖାଇ ଚୁପ ହୋଇ ବସିଛନ୍ତି। ଫଳରେ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଣୁ ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରି ଛନ୍ତି ।



ତିଲଡେଗା ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

# କରୋନା କଟକଣା ଉଲ୍ଲଂଘନ: ଚାଲିଛି ମାଛଧରା

ସୁନ୍ଦରଗଡ଼, ୧୫।୫(ଡି.ଏନ୍.ଏ.)

କରୋନାର ଦ୍ୱିତୀୟ ଲହରର ଭୟାବହତା ବଢିବଢି ଚାଲିଥିବାବେଳେ ଏହାର ମୁକାବିଲା ପାଇଁ ସବୁ ସ୍ତରରେ ଉଦ୍ୟମ ଜାରି ରହିଛି। କରୋନା ସଂକ୍ରମଣରେ ରୋକ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ପ୍ରଥମେ ରାତ୍ରିକାଳୀନ କର୍ଫ୍ୟୁ କରାଯିବା ପରେ ସପ୍ତାହର ଦୁଇଦିନ ସଟ୍‌ଡାଉନ ଓ ପରେ ସମଗ୍ର ରାଜ୍ୟରେ ଲକ୍‌ଡାଉନ ଘୋଷଣା କରାଯାଇଛି। ଜରୁରୀ କାମ ନ ଥିଲେ ଅଯଥା ଘରୁ ନ ବାହାରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ହେଲେ ବାଲିଶଙ୍କରା ବ୍ଲକ ଦେଓଭୁବନପୁର ପଞ୍ଚାୟତ ଅନ୍ତର୍ଗତ ରଷ୍ଟି ଗ୍ରାମର କେତେକ ମାଛ ଧରାଳିଙ୍କ ବେଖାତିର ପାଇଁ ଏବେ ସମ୍ପୂର୍ଣ୍ଣ ରଷ୍ଟି ଗ୍ରାମବାସୀ କରୋନା ସଂକ୍ରମଣର ଦ୍ୱାର ମୁହଁରେ ଉପନୀତ ହୋଇଛନ୍ତି। ସରକାରଙ୍କ ସବୁ କଟକଣାକୁ ବେଖାତିର ଓ ଉଲ୍ଲଂଘନ କରି ଗାଁର ଜଳାଶୟରେ ପ୍ରତ୍ୟେକ ଦିନ ମାଛଧରା ଚାଲିଛି। ଶନିବାର ମାଛଧରା ସମୟରେ ଶତାଧିକ ମହିଳା ପୁରୁଷ ଏକାଠି ହୋଇଥିବାବେଳେ କୌଣସି ଜଣେ ବି ମାସ୍କ ପରିଧାନ କରି ନ ଥିଲେ କି ସାମାଜିକ ଦୂରତ୍ୱ ରକ୍ଷା କରି ନ ଥିଲେ। ଏହା ଦ୍ୱାରା ଗ୍ରାମରେ କରୋନା ଭୟାବହ



ଶତାଧିକ ଲୋକଙ୍କ ସମାବେଶରେ ଚାଲିଛି ଧରା।

ରୂପ ଧାରଣ କରିବାର ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ଅନେକ ଭୟଭୀତ ହୋଇଛନ୍ତି। ତାଛଡା ସ୍ଥାନୀୟ ପୋଲିସ ପ୍ରଶାସନର ନୀରବତା ମଧ ସମସ୍ତଙ୍କୁ ଚକିତ କରିଛି। ଜଣେ ଗ୍ରାମବାସୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ରଷ୍ଟି ଗ୍ରାମର ତିନି ଜଣ ମାଛ ଦଲାଲଙ୍କ ପାଇଁ ଜଳାଶୟରେ ପ୍ରତ୍ୟେକ ଦିନ ମାଛଧରା ଚାଲିଛି। ପ୍ରତ୍ୟେକ ଦିନ କୁଇଣ୍ଟାଲ ପରିମାଣରେ ମାଛ ଧରା ହେଉଥିବା ବେଳେ ମୋଟା ଅଙ୍କର ବେପାର ହେଉଛି। ସେଥିପାଇଁ ମାଛ ଦଲାଲମାନେ ଗ୍ରାମର ନିରୀହ ଆଦିବାସୀ ଲୋକଙ୍କ ଜୀବନକୁ ବିପଦରେ ପକାଇ ସେମାନଙ୍କୁ ମାଛଧରା କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ତାଛଡା ମାଛଧରା ହୋଇ ସେହି ସ୍ଥାନରେ ହିଁ ବିକ୍ରି ହେଉଥିବାରୁ ଆଖପାଖ ୭ଟି ଗାଁର ଲୋକ ମଧ ମାଛ କିଣିବାକୁ ଏଠାକୁ ଆସୁଛନ୍ତି। ଫଳରେ ପ୍ରତ୍ୟେକ ଦିନ ଶତାଧିକ ଲୋକଙ୍କ ସମାଗମ ହେଉଛି। ଯାହାକି ସମ୍ପୂର୍ଣ୍ଣ ଗ୍ରାମବାସୀଙ୍କୁ କରୋନାର ଭୟାବହତା ଆଡକୁ ଠେଲି ଦେଇଛି। ସାଧାରଣ ଜନତାଙ୍କ ଜୀବନର ମୂଲ୍ୟକୁ ଗୁରୁତ୍ୱ ଦେଇ ଜିଲା ପୋଲିସ ଓ ପ୍ରଶାସନ ମାଛଧରାକୁ ଅବିଳମ୍ବେ ବନ୍ଦ କରିବା ସହିତ ମାଛ ଦଲାଲମାନଙ୍କୁ ଗିରଫ କରିବା ପାଇଁ ରଷ୍ଟି ଗ୍ରାମର ଅନେକ ସଚେତନ ପୁରୁଷ ଓ ମହିଳା ଦାବି କରିଛନ୍ତି। ଏ ସମ୍ପର୍କରେ କିଞ୍ଜିରକେଲା ଥାନା ଅଧିକାରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିବାବେଳେ ତାଙ୍କ ସହିତ ଯୋଗାଯୋଗ ସମ୍ଭବପର ହୋଇପାରିନାହିଁ।

**୨୨ରୁ ବଢ଼ିବ ତାତି**

ରାଜ୍ୟରେ ଗତ କିଛିଦିନ ହେବ ଲଗାତର ଝଡ଼ବର୍ଷା ଯୋଗୁ ଗ୍ରୀଷ୍ମର ପ୍ରକୋପ ହ୍ରାସ ପାଇଛି। ତେବେ ଶନିବାରଠାରୁ ପୁଣି ରାଜ୍ୟରେ ପାରଦ ଉପର ମୁହାଁ ହୋଇଛି। ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଛୁଇଁଥିବାବେଳେ ଭବାନୀପାଟଣା, ସୋନପୁର ଓ ଫୁଲବାଣୀରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆରବ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଯୋଗୁ ଆସନ୍ତା ୧୮ ତାରିଖରୁ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହିବ। ୨୦ କିମ୍ବା ୨୧ ତାରିଖରେ କାଁ ଭାଁ ବର୍ଷା ହୋଇପାରେ। ୨୨ ତାରିଖରୁ ପାରଦ ଉପରମୁହାଁ ହେବ। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିବ।

## ସଂକ୍ଷେପରେ

### ଅର୍ଥନୀତିଜ୍ଞ ସନାତନ ମହାନ୍ତିଙ୍କ ପରଲୋକ



**ଭଦ୍ରକ ଅଫିସ,୧୫।୫:** ଭଦ୍ରକର ସାରସ୍ୱତ ସାଧକ, ଅର୍ଥନୀତିଜ୍ଞ ପ୍ରଫେସର ଡ. ସନାତନ ମହାନ୍ତି (୯୪)ଙ୍କର ଶନିବାର ଜାନୁଗଞ୍ଜସ୍ଥିତ ବାସଭବନରେ ପରଲୋକ ଘଟିଛି। ଆଗରପଡ଼ାସ୍ଥିତ କୁଆଁଶମଡ଼ିଆ ପୈତୃକ ବାସଭବନରେ ତାଙ୍କର ଶେଷକୃତ୍ୟ କରାଯାଇଛି। ପ୍ରଫେସର ମହାନ୍ତି ରାଜ୍ୟରେ ଜଣେ ଉଚ୍ଚକୋଟୀର ଅର୍ଥନୀତି ବିଶାରଦ, ଅଧ୍ୟାପକ ଭାବେ ପରିଚିତ। ତାଙ୍କ ରଚିତ ପ୍ରଥମ ପୁସ୍ତକ 'ଇଂଲଣ୍ଡର ଅର୍ଥନୀତି ବିକାଶ' ୧୯୭୯ରେ ପ୍ରକାଶିତ ହୋଇଥିଲା। ସେ ଭଦ୍ରକ ଇନ୍‌ଟାକର ଉପଦେଷ୍ଟା, ଗାନ୍ଧୀ ବିଚାର ମଞ୍ଚ, ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦର ପ୍ରତିଷ୍ଠାତା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଉପଦେଷ୍ଟା ଓ ମହତାବ ସ୍ମାରକୀ ପରିଷଦର ସଭାପତି ଥିଲେ। ଏହାବ୍ୟତୀତ ବହୁ ସାମାଜିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାଶ, ଭଦ୍ରକ ବିଧାୟକ ସଞ୍ଜିବ କୁମାର ମଲ୍ଲିକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ବଣ୍ଡାଘାଟିକୁ ମାଡ଼ିଲା କରୋନା, ୧୨ ଆକ୍ରାନ୍ତ

**ଖଇରପୁଟ,୧୫।୫(ଡି.ଏନ.ଏ.):** ମାଲକାନଗିରି ଜିଲା ବଣ୍ଡାଘାଟିରେ ବଣ୍ଡା ସମ୍ପ୍ରଦାୟର ୧୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଣ୍ଡ୍ରାହାଲ ପଞ୍ଚାୟତର ୮ଜଣ ଓ ମୁଦୁଲିପଡ଼ା ପଞ୍ଚାୟତରୁ ୪ଜଣ ରହିଛନ୍ତି। ଲକ୍‌ଡାଉନ ଯୋଗୁ ନିଜ ଅଞ୍ଚଳରେ ଜୀବିକା ବନ୍ଦ ହେବା ଫଳରେ ଏମାନେ ପଡ଼ୋଶୀ ଆନ୍ଧ୍ରର ସାପ୍ତାହିକ ହାଟ ଉପରେ ନିର୍ଭର କରୁଥିଲେ। ସେହି ହାଟକୁ ଯାଇ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି। ବଣ୍ଡା ଜନଜାତିଙ୍କଠାରେ ଆନ୍ଧ୍ର ଷ୍ଟ୍ରେନ୍ ଚିହ୍ନଟ ହୋଇଥିବା ଜଣାପଡ଼ିବା ପରେ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ଜଣ ସୁସ୍ଥ ହୋଇଗଲେଣି। ଅନ୍ୟ ୮ଜଣ ହୋମ୍ ଆଇସୋଲେଶନରେ ରହିଛନ୍ତି।

# ମାଓବାଦୀ ଆତ୍ମସମର୍ପଣ କରନ୍ତୁ

**କୋରାପୁଟ/କାଲିମେଳା/ଏମ୍‌ଭି-୭୯/ନବରଙ୍ଗପୁର,୧୫।୫(ସ୍ୱ.ପ୍ର./ଡି.ଏନ୍.ଏ./ବି.ପ୍ର.)**

**ଡିଜିପିଙ୍କ ୩ ଜିଲା ଗସ୍ତ**

- ଏମ୍‌ଭି-୮୮ଠାରେ ନୂତନ ଫାଣ୍ଡି ଉଦ୍‌ଘାଟନ କଲେ
- ପ୍ରବାସୀଙ୍କୁ ଭେଟି ସୁବିଧା ଅସୁବିଧା ପଚାରି ବୁଝିଲେ
- କୋଭିଡ୍ କଟକଣା ଯାଞ୍ଚ, ସୁରକ୍ଷା ବ୍ୟବସ୍ଥା ଭଲ ରହିଛି



ମାଲକାନଗିରି ଜିଲା ମୋଟୁଠାରେ ଡିଜିପି ଅଭୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ପୋଲିସ ଡିଜି ଅଭୟ ଶନିବାର ଦିନିକିଆ ଅବିଭକ୍ତ କୋରାପୁଟ ଜିଲାର ୩ଜିଲା କୋରାପୁଟ,ମାଲକାନଗିରି ଓ ନବରଙ୍ଗପୁର ଗସ୍ତକରି ଫେରିଛନ୍ତି। ଏହି ଅବସରରେ ସେ ୩ ଜିଲାରେ ମାଓବାଦୀ ଦମନ ଓ ସେମାନଙ୍କ ଆତ୍ମସମର୍ପଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୋଭିଡ୍ କଟକଣା ଯାଞ୍ଚ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ତାଙ୍କ ସହ ଗୋଇନ୍ଦା ବିଭାଗ ମୁଖ୍ୟ ଆର୍.କେ. ଶର୍ମା ଓ ଆଇଜି ଏସ୍. ପ୍ରବୀଣ କୁମାର ଥିଲେ। ଭୁବନେଶ୍ୱରରୁ ଏକ ହେଲିକପ୍ଟର ଯୋଗେ ଆସି ଡିଜିପି ଅଭୟ ପ୍ରଥମେ ସୁନାବେଡା ସ୍ଥିତ ହାଲ୍ ପଡିଆରେ ଅବତରଣ କରିଥିଲେ। ଏଠାରେ ସେ ମାଓବାଦୀ ଦମନ, ଗଞ୍ଜେଇ ଚୋରାଚାଲାଣ,କୋଭିଡ୍ ସ୍ଥିତି, ଆନ୍ଧ୍ର-ଛତିଶଗଡ ସୀମା ସିଲ୍ ସମ୍ପର୍କରେ ସମୀକ୍ଷା କରିଥିଲେ। ୩ ଜିଲାରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଇଛି ବୋଲି ସୂଚନା ଦେଇ କୋଭିଡ୍ ଯୋଦ୍ଧାମାନଙ୍କୁ ଉତ୍ସାହିତ କରିଥିଲେ। ମୋଟୁଠାରୁ ୧୨ କି.ମି. ଦୂର ଏମ୍‌ଭି-୮୮ଗ୍ରାମକୁ ସଡ଼କପଥରେ ଯାଇ ଏକ ନୂତନ ଫାଣ୍ଡି ଉଦ୍‌ଘାଟନ କରିଥିଲେ। ସେଠାରେ ବିଏସ୍ଏଫ୍ କ୍ୟାମ୍ପରେ ଏକ ରୁଦ୍ଧଦ୍ୱାର ବୈଠକ କରିଥିଲେ। ପରେ ସେ ମୋଟୁ ସୀମାନ୍ତ ପ୍ରବେଶ ପଥ ନିକଟକୁ ଯାଇ ଆନ୍ଧ୍ର,ତେଲଙ୍ଗନା ଓ ଛତିଶଗଡ଼ରୁ ଆସୁଥିବା ପ୍ରବାସୀଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରେ କୋରାପୁଟ ଡିଆଇଜି ରାଜେଶ ପଣ୍ଡିତ, ଏସ୍‌ପି ବରୁଣ ଗୁଣ୍ଟୁପାଲି,ମାଲକାନଗିରି ଏସ୍‌ପି ରିଷିକେଶ ଡି. ଖିଲାରି, ବିଡିଓ ଉମାଶଙ୍କର ଦଳାଇ, ତହସିଲଦାର ଶଶାଙ୍କ କୁମାର ମିଶ୍ର ଓ ଆଇଆଇସି ସୁଶାନ୍ତ ସାହୁଙ୍କ ସହ ଆଲୋଚନା କରି କରୋନାର ସ୍ଥିତି, ପ୍ରବାସୀଙ୍କ ସୁରକ୍ଷା ବିଷୟରେ ପଚାରି ବୁଝିଥିଲେ। ଜଙ୍ଗଲରେ ମାଓବାଦୀମାନେ ନିଜ ଜୀବନକୁ ବାଜି ନ ଲଗାଇ ସମାଜର ମୁଖ୍ୟସୋତ୍ରରେ ସାମିଲହେବାକୁ ଆତ୍ମସମର୍ପଣ କରିବାପାଇଁ ଆହ୍ୱାନ ଦେଇଥିଲେ। ସେମାନେ ଯଦି କରୋନାରେ ଆକ୍ରାନ୍ତ ହୋଇଥିବେ ତେବେ ତାଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି ଡିଜିପି କହିଥିଲେ।

ପରେ ଡିଜିପି ନବରଙ୍ଗପୁର ଗସ୍ତ କରିଥିଲେ। ଜିଲା ମୁଖ୍ୟାଳୟରେ କରୋନା ଓ ଛତିଶଗଡ଼-ଓଡ଼ିଶା ସୀମାରେ ମାଓବାଦୀ କାର୍ଯ୍ୟକଳାପର ସମୀକ୍ଷାକରି ଆଦର୍ଶ ଥାନା ଓ ପୋଲିସ ରିଜର୍ଭ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ତାଙ୍କ ସହ ଗୋଇନ୍ଦା ବିଭାଗ ମୁଖ୍ୟ ଆର୍.କେ ଶର୍ମା, ଏସ୍. ପ୍ରବୀଣ କୁମାର ଥିଲେ। ରିଜର୍ଭ ପୋଲିସ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ଛତିଶଗଡ଼ ସୀମାନ୍ତରେ ମାଓବାଦୀଙ୍କ ଗତିବିଧି ଓ ସହରାଞ୍ଚଳରେ କୋଭିଡ୍ କଟକଣା ଯାଞ୍ଚ,ସୁରକ୍ଷା ବ୍ୟବସ୍ଥା ଭଲ ରହିଛି। ମାଓବାଦୀ ସମସ୍ୟା ନିୟନ୍ତ୍ରଣରେ ରହିଛି ବୋଲି ଡିଜିପି କହିଥିଲେ। ଏହି ସମୟରେ ଏସ୍‌ପି ପ୍ରହ୍ଲାଦ ସାହାଇ ମୀନା,ତହସିଲଦାର ରବୀନ୍ଦ୍ର ରାଉତ, ଥାନାଧିକାରୀ ତାରିକ ଅହମ୍ମଦ, ଏସ୍ଆଇ ରାକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରଥ ନିର୍ମାଣ ଅନୁକୂଳ



ଅକ୍ଷୟତୃତୀୟା ଅବସରରେ ରଥକାଠ ଅନୁକୂଳ କରାଯାଉଛି।

**ପୁରୀ ଅଫିସ, ୧୫।୫**

ପବିତ୍ର ଅକ୍ଷୟତୃତୀୟା ଅବସରରେ ଶନିବାର ରଥ ନିର୍ମାଣ ଅନୁକୂଳ ହୋଇଛି। ପ୍ରଥମେ ଦୁଇଜଣ ଦେଉଳ ପୁରୋହିତ ଓ ୧୧ଜଣ ଶୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ବନଯାଗ ପଦ୍ଧତିରେ ରଥଖଳା ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ବ୍ୟାରିକେଡ୍ ମଧ୍ୟରେ ୩ଖଣ୍ଡ ଧଉରା କାଠ ରଖାଯାଇଥିଲା। ଶ୍ରୀରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ରଥଖଳାରେ ପହଞ୍ଚିବା ପରେ ତିନିଜଣ ପୂଜାପଣ୍ଡା ୩ ରଥକାଠରେ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଛତିଶା ନିଯୋଗ ନାୟକ ମହାପ୍ରଭୁଙ୍କ ପାଟକନା ଦେଉଳକରଣଙ୍କୁ ପ୍ରଦାନ କରିବା ପରେ ବିଶ୍ୱକର୍ମା ମହାରଣା, ରୂପକାର, ଓଝା ସେବକମାନଙ୍କୁ ଦେଉଳକରଣ ଶାଢ଼ି ବାନ୍ଧିଥିଲେ। ପରେ ସୁବର୍ଣ୍ଣ କୁରାଢ଼ି ସ୍ପର୍ଶ କରି ରଥନିର୍ମାଣ ଅନୁକୂଳ କରାଯାଇଥିଲା। ପରେ ବିଶ୍ୱକର୍ମା ମହାରଣାମାନେ ଲୁହା କୁରାଢ଼ିରେ ରଥ ନିର୍ମାଣ ଅନୁକୂଳ କରିଥିଲେ। ଏହାପୂର୍ବରୁ ବଡଦାଣ୍ଡ, ଶ୍ରୀମନ୍ଦିର ଓ ନରେନ୍ଦ୍ର ପୋଖରୀ ଚାରିପାଖରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ସମର୍ଥ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ା ଜେଲରେ ୬୮ ପଜିଟିଭ୍

**ଜଣେ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି**

**ଝାରସୁଗୁଡ଼ା ଅଫିସ,୧୫।୫:** ଝାରସୁଗୁଡ଼ା ଉପକାରାଗାରରେ ଶନିବାର ୬୮ଜଣ ଅନ୍ତେବାସୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସମସ୍ୟା ଦେଖାଦେବାରୁ ତାଙ୍କୁ ଜିଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କୁ ପୋଲିସ ଜଗିରହିଛି। ବାକି ୬୭ଜଣଙ୍କୁ ଜେଲର ୨ ୱାର୍ଡରେ ଆଇସୋଲେଶନ୍‌ରେ ରଖାଯାଇ ଚିକିତ୍ସା କରାଯାଉଛି। ଜିଲା ପ୍ରଶାସନ ତରଫରୁ ଜେଲ୍‌କୁ କଣ୍ଟେନ୍‌ମେଣ୍ଟ କରିବା ପାଇଁ ଯୋଜନା ଚାଲିଛି।ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ଜିଲା ପ୍ରଶାସନର ଚିନ୍ତା ବଢ଼ିଛି। ଏ ନେଇ ଜିଲାପାଳ ସରୋଜ କୁମାର ସାମଲ କହିଛନ୍ତି, କରୋନା ପଜିଟିଭ୍‌କୁ ନେଇ ଜେଲ୍ ଆଇଜିଙ୍କ ନିର୍ଦ୍ଦେଶକ୍ରମେ ଏହାର ତଦାରଖ କରାଯିବ। ଜେଲ୍‌ରେ ସମୁଦାୟ ୨୮୨ଜଣ ଅନ୍ତେବାସୀ ରହୁଥିବାବେଳେ ଏମାନଙ୍କର ଗତ ୧, ୨, ୪ ଓ ୫ତାରିଖରେ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ଏଥିମଧ୍ୟରୁ ୬୮ଜଣ ଅନ୍ତେବାସୀଙ୍କ ପଜିଟିଭ୍ ବାହାରିଥିବା ଜେଲ୍‌ର ଦେବେନ୍ଦ୍ର ଥାଟୀଙ୍କ ସୂତ୍ରରୁ ଜଣାପଡିଛି। ଜେଲ୍‌ର ଥାଟୀ ମଧ୍ୟ କରୋନା ପଜିଟିଭ୍ ହୋଇ ଗତ ୮ତାରିଖରୁ ହୋମ୍ ଆଇସୋଲେଶନରେ ଚିକିତ୍ସିତ ହେଉଛନ୍ତି।

# ଶୀତଳଷଷ୍ଠୀ ଯାତ୍ରାର ଥାଳ ଉଠିଲା

**କଟକଣାରେ ପରମ୍ପରା ସମ୍ପନ୍ନ**

**ପାର୍ବତୀଙ୍କ ମାତାପିତା ଚୟନ**

**ସମ୍ବଲପୁର,୧୫।୫(ବ୍ୟୁରୋ)**

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଶନିବାର ଥାଳ ଉଠିଛି। କରୋନା କଟକଣାରେ ପରମ୍ପରା ଅନୁସାରେ ଏହା ସମ୍ପନ୍ନ ହୋଇଛି। ପ୍ରମୁଖ ଶୈବପୀଠ ବାଲିବନ୍ଧା ସୋମନାଥ ବାବା, ନନ୍ଦପଡ଼ା ଶ୍ରୀ ଶ୍ରୀ ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଶ୍ରୀ ଶ୍ରୀ ଜାଗେଶ୍ୱର ବାବା, ବୁଢ଼ାରଜା ମହାଦେବ, ବଡ଼ବଜାର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡ଼ା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଥାଳଉଠି ଯାତ୍ରା ପାଇଁ ଅନୁକୂଳ ହୋଇଛି। ପ୍ରାୟ ୪ଶହ ବର୍ଷର ଏହି ଥାଳଉଠା ପରମ୍ପରା ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପାଳିତ ହୋଇଆସୁଛି। ଚଳିତବର୍ଷ ପ୍ରତି ଶୈବପୀଠରେ ଦେବ ଦମ୍ପତିଙ୍କ ବିବାହ ପାଇଁ ଚୟନ ହୋଇଥିବା କନ୍ୟା ମାତାପିତା ଉପସ୍ଥିତ ରହି ଆଶୀର୍ବାଦ ଭିକ୍ଷା କରିଥିଲେ। ଆଜିଠାରୁ ଯାତ୍ରା କମିଟି ଓ କନ୍ୟାପକ୍ଷ ଦେବ ଦମ୍ପତିଙ୍କ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ କରିବେ। କର୍ମକର୍ତ୍ତାମାନେ ପିତଳ ଓ ରୌପ୍ୟ ଥାଳିରେ ବେଲପତ୍ର, ପଦ୍ମଫୁଲ, ହଳଦିଆ, ଲାଲ ରଙ୍ଗର ପାଟବସ୍ତ୍ର ଘୋଡାଇ ଥାଳ ପ୍ରସ୍ତୁତ କରିଥାନ୍ତି। ଭକ୍ତମାନେ ଥାଳକୁ ମାତା ପାର୍ବତୀ ଓ ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଟେକିଥାନ୍ତି, ଯାହାକୁ ଥାଳଉଠା ପର୍ବ କୁହାଯାଏ। ବାଜା, ରୋଶଣିରେ ଶୈବପୀଠ ଦୁଲୁକି ଉଠିଥାଏ। କରୋନା କଟକଣା ଯୋଗୁ ଏହା ନିରାଡ଼ମ୍ବର ଭାବରେ ପାଳନ କରିଥିଲେ। କେବଳ ଶଙ୍ଖ, ଘଣ୍ଟ ଓ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ଥାଳ ଉଠିଥିଲା।



ଝାଡୁଆପଡା ଲୋକନାଥ ବାବାଙ୍କ ଥାଳ ଉଠା।

## ଖେଳ ଖବର

# ମ୍ୟାଚ ଡ୍ର କିମ୍ବା ଟାଇ ହେଲେ କ'ଣ ହେବ

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ**

**ନୂଆଦିଲ୍ଲୀ, ୧୫।୫**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଜୁନ ୧୮ରୁ ୨୨ ପର୍ଯ୍ୟନ୍ତ ଇଂଲଣ୍ଡର ସାଉଥାମ୍ପଟନରେ ଅନୁଷ୍ଠିତ ହେବ। ଏହି ମ୍ୟାଚ ପରେ କେଉଁ ଦଳ ପ୍ରଥମ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବ ତାହା ସ୍ପଷ୍ଟ ହେବ। ତେବେ ମ୍ୟାଚ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ କୌଣସି ଟାଇବ୍ରେକର ଫର୍ମୁଲା ଘୋଷଣା କରିନାହିଁ। ତେଣୁ ଫାଇନାଲ ଯଦି ଡ୍ର କିମ୍ବା ଟାଇ ହୁଏ ତେବେ ସେ କ୍ଷେତ୍ରରେ କେଉଁ ପଦ୍ଧତି ଆପଣା ଯିବ ତାହାକୁ ନେଇ ଉତ୍ସୁକତା ବଢ଼ିଛି। ୨୦୧୯ ଆଶେସ ସିରିଜର ପ୍ରଥମ ଟେଷ୍ଟରୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ୯ଟି ଦଳ ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ପାକିସ୍ତାନ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ ୨୫ରୁ ଊର୍ଦ୍ଧ୍ୱ ସିରିଜରେ ଲଢ଼େଇ କରିବା ପରେ ଦୁଇ ଫାଇନାଲିଷ୍ଟ ନିର୍ଦ୍ଧାରିତ ହୋଇଛନ୍ତି। ଭାରତ ୬ ସିରିଜରୁ ୫୨୦ ପଏଣ୍ଟ ସହିତ ତାଲିକାର ଶୀର୍ଷରେ ରହିଛି। ଏହି ସମୟ ମଧ୍ୟରେ ଭାରତ ୧୭ଟି ଟେଷ୍ଟ ଖେଳି ୧୨ଟିରେ ବିଜୟୀ ହୋଇଥିବାବେଳେ ୪ ପରାଜୟ ଓ ୧ ଡ୍ର ରଖିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୧୧ଟି ମ୍ୟାଚ ଖେଳି ୭ ବିଜୟ ଓ ୪ ପରାଜୟ ସହ ଟେବୁଲରେ ଭାରତ ତଳକୁ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ, ଇଂଲଣ୍ଡ, ପାକିସ୍ତାନ, ୱେଷ୍ଟଇଣ୍ଡିଜ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଓ ବାଂଲାଦେଶ ପଛକୁ ପଛ ରହି ଅଭିଯାନ ଶେଷ କରିଛନ୍ତି।

ସୀମିତ ଓଭର କ୍ରିକେଟ ତୁଳନାରେ ଟେଷ୍ଟ କ୍ରିକେଟ ଗୁରୁତ୍ୱ ହରାଉଥିବାରୁ ଆଇସିସି ପକ୍ଷରୁ ଏପରି ଏକ ଚାମ୍ପିୟନଶିପ୍‌ର ପରିକଳ୍ପନା କରାଯାଇଥିଲା। ତେବେ ଅନେକ ସିରିଜ କରୋନା ଭାଇରସ୍ ମହାମାରୀ କାରଣରୁ ପ୍ରଭାବିତ ହୋଇଥିଲା। ତେଣୁ ଏଥରର ଫାଇନାଲିଷ୍ଟ ମ୍ୟାଚଭିତ୍ତିରେ ପଏଣ୍ଟ ପ୍ରତିଶତକୁ ନେଇ ନିର୍ଦ୍ଧାରିତ ହୋଇଛି। ଏବେ ଏ ସବୁ ଅତୀତ ହୋଇଥିବାବେଳେ ଫାଇନାଲ ଯଦି ଡ୍ର କିମ୍ବା ଟାଇ ରହିବ ତେବେ କ'ଣ ହେବ ଏହା ଉପରେ ସମସ୍ତଙ୍କ ନଜର ରହିଛି। ଏଥିପାଇଁ ଆଇସିସି ନିକଟରେ କୌଣସି ଟାଇବ୍ରେକର ଫର୍ମୁଲା ନାହିଁ। ତେଣୁ ଏ କ୍ଷେତ୍ରରେ ଦୁଇ ଦଳକୁ ଯୁଗ୍ମ ଚାମ୍ପିୟନ ଘୋଷଣା କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରତି ଟେଷ୍ଟ ୩୦ ଘଣ୍ଟା (ପ୍ରତି ଦିନ ୬ ଘଣ୍ଟା) ଖେଳାଯିବାର ନିୟମ ରହିଛି। ଯଦି କୌଣସି କାରଣରୁ ଖେଳିବା ସମୟ(ଖରାପ ପାଗ କିମ୍ବା ଆଲୋକ କମିବା ଯୋଗୁ)ରେ ବାଧା ହୁଏ ତେବେ ଏକ ଅତିରିକ୍ତ ଦିବସ ରଖାଯାଇ ଭରଣା କରାଯିବାକୁ ଯୋଜନା ରହିଛି। ତେବେ ଏହି ଅତିରିକ୍ତ ଦିବସକୁ ଫଳାଫଳ ନିର୍ଣ୍ଣୟ କ୍ଷେତ୍ରରେ ବ୍ୟବହାର କରାଯିବନାହିଁ।



ହଙ୍ଗେରୀର ବୁଦାପେଷ୍ଟସ୍ଥିତ ଡୁନା ଆରେନାଠାରେ ଚାଲିଥିବା ୟୁରୋପିଆନ ଆକ୍ୱାଟିକ୍ସ ଚାମ୍ପିୟନଶିପ୍ ଆର୍ଟିଷ୍ଟିକ୍ ସୁଇମିଂ ଫାଇନାଲରେ ୟୁକ୍ରେନ୍ ଦଳର ପ୍ରଦର୍ଶନ।

# ଫୁଟ୍‌ବଲ ଦଳ କାତାର ଯିବ

**ନୂଆଦିଲ୍ଲୀ, ୧୫।୫ (ପି.ଟି.)**

ଭାରତୀୟ ଫୁଟ୍‌ବଲ ଦଳ ମେ' ୧୯ରେ କାତାର ଗସ୍ତ କରିବ। ଆସନ୍ତା ମାସରେ ହେବାକୁ ଥିବା ୨୦୨୨ ବିଶ୍ୱକପ୍ କ୍ୱାଲିଫାୟର୍ସପାଇଁ ଏହାର ଖେଳାଳିମାନଙ୍କୁ ସେଠାରେ ଟ୍ରେନିଂ ଦେବା ଲାଗି ଅନୁମତି ଦେବାକୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ତରଫରୁ କରାଯାଇଥିବା ଅନୁରୋଧକୁ କାତାର ରକ୍ଷା କରିଛି। ଏପରିକି ସେଠାରେ ପହଞ୍ଚିବା ପରେ ବାଧ୍ୟତାମୂଳକ ୧୦ ଦିନ କ୍ୱାରାଣ୍ଟାଇନ୍‌ରୁ ଖେଳାଳିମାନଙ୍କୁ ଛାଡ଼ କରିବା ଲାଗି ମଧ୍ୟ ଏହି ଦେଶ ରାଜି ହୋଇଥିବା ଏଆଇଏଫ୍ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ ପ୍ରକାଶ କରିଛନ୍ତି। ସେ କହିଛନ୍ତି, କାତାର ଯିବା ପୂର୍ବରୁ ଖେଳାଳିମାନେ ନୂଆଦିଲ୍ଲୀରେ ଏକାଠି ହେବେ। ସେଠାରେ ସମସ୍ତଙ୍କର କୋଭିଡ୍ ଟେଷ୍ଟ ହେବ। ଭାରତ ଇତିମଧ୍ୟରେ ୨୦୨୨ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ ଦୌଡ଼ରୁ ବାଦ୍ ପଡ଼ିସାରିଛି। କିନ୍ତୁ ଏହା ମିଳିତ କ୍ୱାଲିଫାୟର୍ସ ହୋଇଥିବାରୁ ଭାରତ ଏ ପର୍ଯ୍ୟନ୍ତ ଏସିଆନ୍ କପ୍ ପାଇଁ ଦୌଡ଼ରେ ରହିଛି। ଏସିଆନ କପ୍ କ୍ୱାଲିଫିକେଶନ ପାଇଁ କାତାର (ଜୁନ୍ ୩), ବାଂଲାଦେଶ (ଜୁନ୍ ୭) ଓ ଆଫଗାନିସ୍ତାନ (ଜୁନ୍ ୧୫) ମ୍ୟାଚ ଭାରତୀୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ।

# ଇଂଲଣ୍ଡର ଆଇପିଏଲ୍ ଖେଳାଳି ବାଦ୍ ପଡ଼ିପାରନ୍ତି

**ଲଣ୍ଡନ,୧୫।୫ (ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷରେ ଇଂଲଣ୍ଡ ଘରୋଇ ପରିବେଶରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଖେଳିବ। ତେବେ ଟେଷ୍ଟ ଦଳରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିଥିବା ଇଂଲଣ୍ଡ ଖେଳାଳିଙ୍କୁ ସାମିଲ କରାଯାଇ ନ ପାରେ ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ଆଇପିଏଲ୍ ଖେଳିଥିବା କ୍ରିକେଟରମାନେ କ୍ୱାରାଣ୍ଟାଇନରେ ରହିଥିବାରୁ ଏପରି ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ଜୋଶ ବଟଲର, ଜନି ବେୟାରଷ୍ଟୋ, କ୍ରିସ୍ ୱକ୍ସ, ସାମ୍ କୁରାନ ଓ ମୋଇନ ଅଲୀଙ୍କ ଭଳି କ୍ରିକେଟର ୧୦ ଦିନିଆ କ୍ୱାରାଣ୍ଟାଇନ୍‌ରେ ରହୁଥିବାରୁ ନ୍ୟୁଜିଲାଣ୍ଡ ବିପକ୍ଷ ଏହି ସିରିଜରେ ସାମିଲ ହୋଇପାରିବେ ନାହିଁ।

# ଭାରତର ମୁକାବିଲା ପାଇଁ କନ୍‌ୱେଙ୍କ ସ୍ୱତନ୍ତ୍ର ରଣନୀତି

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ**

**ଅକଲାଣ୍ଡ,୧୫।୫(ପି.ଟି.)**

ଜୁନ୍ ୧୮ରୁ ୨୨ ତାରିଖ ମଧ୍ୟରେ ସାଉଥାମ୍ପଟନରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଖେଳାଯିବ। ଏହି ହାଇପ୍ରୋଫାଇଲ ଟାଇଟଲ ମୁକାବିଲା ପାଇଁ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ଡେଭନ କନ୍‌ୱେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛନ୍ତି। ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବା ପାଇଁ ସେ ନିଜକୁ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସେ ଉଇକେଟ ଉପରେ ଧୂଳି ତଥା ଅଳିଆ ପକାଇ ବ୍ୟାଟିଂ ଅଭ୍ୟାସ କରୁଛନ୍ତି। ଏହା ଫଳରେ ସେ ରବିଚନ୍ଦ୍ରନ ଅଶ୍ୱିନଙ୍କ ଭଳି ସ୍ପିନରଙ୍କ ସଫଳ ମୁକାବିଲା କରିବେ।

୨୯ ବର୍ଷୀୟ କନ୍‌ୱେ ଜୁନ୍ ୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଘୋଷିତ ୨୦ ଜଣିଆ ଦଳରେ ସ୍ଥାନ ପାଇଛନ୍ତି। ଡବ୍ଲ୍ୟୁଟିସି ଫାଇନାଲ ବେଳକୁ ଏହି ଦଳ ୧୫ଜଣରେ ସୀମିତ ରହିବ। ବୋଲରଙ୍କ ପାଦ ଚିହ୍ନରେ ପିଚ୍ ଧୂଳିଆ ତଥା ଅସମାନ ହେବ। ତେଣୁ ପିଚ୍‌ରେ ଧୂଳି ଓ ଅଳିଆ ପକାଇ ଅଭ୍ୟାସ କରୁଛି ବୋଲି ସେ କହିଛନ୍ତି। ଏହା ଦ୍ୱାରା ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବାରେ ସଫଳ ହେବି ବୋଲି ସେ କହିଛନ୍ତି। କନ୍‌ୱେ ନ୍ୟୁଜିଲାଣ୍ଡ ପାଇଁ ଏ ପର୍ଯ୍ୟନ୍ତ ୩ଟି ଦିନିକିଆ ଓ ୧୪ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଧୂଳିଆ ଉଇକେଟରେ ବ୍ୟାଟିଂ କରିବା କଷ୍ଟକର ହୋଇଥାଏ। ଏଥିରେ ବଲ ବହୁତ ଟର୍ନ କରିଥାଏ। ସ୍ପିନରଙ୍କ ବିପକ୍ଷରେ କେବଳ ରକ୍ଷଣାତ୍ମକ ଖେଳିବାକୁ ଚାହୁଁନି। ଏହା ହେଲେ କେତୋଟି ବଲ୍ ପରେ ବିଟ୍ ହେବା ଓ ଆଉଟ ହେବାର ସମ୍ଭାବନା ରହିଛି। ଡବ୍ଲ୍ୟୁଟିସି ଫାଇନାଲ ବେଶ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

ଅନ୍ୟପଟେ ଏହି ଫାଇନାଲ ମ୍ୟାଚ୍‌ରେ ଭାରତ ଅପେକ୍ଷା ନ୍ୟୁଜିଲାଣ୍ଡ ସାମାନ୍ୟ ସୁବିଧାଜନକ ସ୍ଥିତିରେ ରହିଛି ବୋଲି ପୂର୍ବତନ ବ୍ୟାଟ୍ସମ୍ୟାନ ସଞ୍ଜୟ ମଞ୍ଜରେକର କହିଛନ୍ତି। ସାଉଥାମ୍ପଟନରେ ନ୍ୟୁଜିଲାଣ୍ଡ ଘରୋଇ ପରିବେଶରେ ସୁବିଧା ହାସଲ କରିବ। ଅର୍ଥାତ୍ ସାଉଥାମ୍ପଟନ ଓ ନ୍ୟୁଜିଲାଣ୍ଡର ପରିବେଶ ପାଖାପାଖି ସମାନ ଥିବାରୁ ନ୍ୟୁଜିଲାଣ୍ଡ ଫାଇଦାରେ ରହିବ। ଫଳରେ ଭାରତ ପାଇଁ ସାମାନ୍ୟ ଚ୍ୟାଲେଞ୍ଜ ସୃଷ୍ଟି ହେବ। ଓପନର ଭାବେ ରୋହିତ ଶର୍ମା ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ମଞ୍ଜରେକର କହିଛନ୍ତି।



ରବିନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ଡେଭନ କନ୍‌ୱେ।

# ଜୋକୋଭିଚ୍‌ଙ୍କ କଷ୍ଟସାଧ୍ୟ ବିଜୟ

**ରୋମ୍, ୧୫।୫ (ଏପି)**

ଷ୍ଟିଫାନସ ସିତ୍‌ସିପାସଙ୍କ ବିପକ୍ଷରେ ବିଜୟ ହାସଲ କରି ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ନୋଭାକ୍ ଜୋକୋଭିଚ୍ ଏଠାରେ ଚାଲିଥିବା ଇଟାଲିଆନ ଓପନ୍ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବର୍ଷା ଯୋଗୁ ବିଳମ୍ବରେ ଖେଳାଯାଇଥିବା ଏହି କ୍ୱାର୍ଟରଫାଇନାଲ ମ୍ୟାଚରେ ସର୍ବୀୟ ଖେଳାଳି ପ୍ରଥମ ସେଟ୍‌ରେ ୪-୬ରେ ପରାଜିତ ହେବା ପରେ ସଫଳ ପ୍ରତ୍ୟାବର୍ତ୍ତନ ସହ ସେ ୭-୫, ୭-୫ରେ ମ୍ୟାଚ୍‌କୁ ଜିତିନେଇଥିଲେ। ସେମିଫାଇନାଲରେ ସେ ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କୁ ଭେଟିବେ। ସୋନେଗୋ କ୍ୱାର୍ଟରଫାଇନାଲରେ ୭ମ ର୍‍ୟାଙ୍କିଙ୍ଗପ୍ରାପ୍ତ ଆନ୍ଦ୍ରେ ରୁବ୍ଲେଭଙ୍କୁ ୩-୬, ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ବର୍ଷା ଯୋଗୁ ଶୁକ୍ରବାର ଏହି ମ୍ୟାଚ ଖେଳାଯାଇ ପାରି ନ ଥିଲା। ମ୍ୟାଚ ଦେଖିବା ଲାଗି ଷ୍ଟାଡିୟମ କ୍ଷମତାର ୨୫ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦିଆଯାଇଛି।

## ୟୁଟିଆଇ ମ୍ୟୁଚୁଆଲ ଫଣ୍ଡରେ ଯୋଗଦେଲେ ପେଶୋତନ ଦସ୍ତୁର

ଭୁବନେଶ୍ୱର,୧୫।୫ : ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ପେଶୋତନ ଦସ୍ତୁରଙ୍କୁ ଗ୍ରୁପ୍ ସଭାପତି ଓ ବିକ୍ରି ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ୟୁଟିଆଇର ବିକ୍ରି ରଣନୀତି ବିକଶିତ କରିବା ସହ ବିକ୍ରି ଟିମ୍‌ର ନେତୃତ୍ୱ ନେବା ଏବଂ ବଣ୍ଟନ ଓ ଅଭିବୃଦ୍ଧିର ନୂଆ ସୁଯୋଗ ସନ୍ଧାନ କରିବା ଦାୟିତ୍ୱରେ ରହିବେ ବୋଲି ଜଣାପଡ଼ିଛି। ଏହି ନିଯୁକ୍ତି ସମ୍ପର୍କରେ ୟୁଟିଆଇ ଏଏମ୍‌ସିର ସିଇଓ ଇମ୍ତିୟାଜୁର୍ ରେହମାନ କହିଛନ୍ତି, ୟୁଟିଆଇ ପରିବାରକୁ ଦସ୍ତୁରଙ୍କୁ ସ୍ୱାଗତକରି ଆମେ ଅତ୍ୟନ୍ତ ଆନନ୍ଦିତ। ଆର୍ଥିକ ସେବା କ୍ଷେତ୍ରରେ ଦୀର୍ଘ ୨୭ ବର୍ଷର ଅଭିଜ୍ଞତାକୁ ନେଇ ଦସ୍ତୁର ଆମ ସହ ଯୋଗଦେଇଛନ୍ତି। ବଣ୍ଟନ ନେଟ୍‌ୱର୍କ ବିକଶିତ ଏବଂ ସମ୍ପ୍ରସାରଣ କରିବାରେ ତାଙ୍କର ଚମତ୍କାର ବିଶେଷତା ରହିଛି।



# ୫% ବଢ଼ିଛି ଅତ୍ୟାବଶ୍ୟକ ସାମଗ୍ରୀ ଦର

ନୂଆଦିଲ୍ଲୀ,୧୫।୫

ସାରା ବିଶ୍ୱ କୋଭିଡ୍ ମହାମାରୀ ଭୟରେ ଭୟଭୀତ ହୋଇ ରହିଛି। ଏଭଳି ସମୟରେ ଭାରତରେ ପରିବାଠାରୁ ପେଟ୍ରୋଲ ପର୍ଯ୍ୟନ୍ତ ଏପରିକି ଔଷଧ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ ରହିଛି। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଏହିସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦର ୫% ବଢ଼ିଥିବା ବିଭିନ୍ନ ସର୍ଭେ ଓ ଖୁଚୁରା ବଜାର ଉପରେ ଅନୁସନ୍ଧାନ କରୁଥିବା ଅନୁଷ୍ଠାନଗୁଡ଼ିକ ପକ୍ଷରୁ କୁହାଯାଇଛି।

ଦେଶରେ ବର୍ତ୍ତମାନ କରୋନା ମହାମାରୀର ଦ୍ୱିତୀୟ ଲହର ଦ୍ରୁତଗତିରେ ବ୍ୟାପୁଛି। ଏପରି ସମୟରେ ଦରବୃଦ୍ଧି ଖାଉଟିଙ୍କ ମନୋବଳରେ ମଧ୍ୟ କିଛି ମାତ୍ରାରେ ପ୍ରଭାବ ପକାଉଛି। ଯଦି ଦେଶର ସଂକ୍ରମଣ ହାର ଏହି ଅନୁପାତରେ ବଢ଼ିଚାଲେ ତେବେ ହୁଏତ ସରକାର ସାରା ଦେଶରେ ଆଗକୁ ଆହୁରି କଡ଼ା କଟକଣା ଲାଗୁ କରିପାରନ୍ତି ବୋଲି ଆର୍‌ବିଆଇ ଆଶଙ୍କା କରିଛି। ସେହିପରି ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ଯୋଗାଣ ଶୃଙ୍ଖଳ ପ୍ରଭାବିତ ନ ହେବା ସହ ଚାହିଦା ଓ ଯୋଗାଣ ଉପରେ କଡ଼ା ନଜର ରଖିବା ପାଇଁ ରାଜ୍ୟଗୁଡ଼ିକ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କଡ଼ା ନିର୍ଦ୍ଦେଶନାମା ଜାରି କରାଯାଇଥିବା ସୂଚନା ମିଳିଛି।



ସ୍ଥିତି ଗଭୀର ହେବା ପୂର୍ବରୁ ଏ ସବୁ ବିଷୟ ପ୍ରତି ସରକାର ଧ୍ୟାନଦେବା ସହ ଯୋଗାଣ ଓ ପରିବହନ ବ୍ୟବସ୍ଥାକୁ ଠିକ୍ କରିବା ଆବଶ୍ୟକ ନ ହେଲେ ବଜାର ଦର ଆହୁରି ବଢ଼ିବା ନିଶ୍ଚିତ ବୋଲି କେନ୍ଦ୍ରୀୟ ବାଣିଜ୍ୟ ସଂଗଠନଗୁଡ଼ିକ ମତବ୍ୟକ୍ତ କରି କହିଛନ୍ତି। ସରକାର ଯଦି କରୋନା ଆୟତ୍ତ କରିବାରେ ବିଫଳ ହେଲେ ଏବଂ କଟକଣା ବୃଦ୍ଧି କଲେ ତା' ହେଲେ ବିଭିନ୍ନ ସାମଗ୍ରୀର ଚାଲାଣ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଭାବିତ ହୋଇପାରେ। ଏହାର ପ୍ରଭାବ ଯୋଗାଣ ଶୃଙ୍ଖଳା ଉପରେ ପଡିବା ଯୋଗୁ ବଜାରର ମୁଦ୍ରାସ୍ଫୀତି ବଢ଼ିବ ବୋଲି ଜଣାପଡ଼ିଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭକରି ତୈଳ ଓ ଔଷଧ ଦର ବୃଦ୍ଧି ପାଇବ ବୋଲି ଆର୍‌ବିଆଇ ଆକଳନ କରିଛି। ଆର୍‌ବିଆଇର ତଥ୍ୟ ଅନୁସାରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ମାର୍ଚ୍ଚରେ ୫.୫% ଥିଲା। ଏହା ପୂର୍ବ ମାସରେ ଏହି ହାର ୫% ପର୍ଯ୍ୟନ୍ତ ସୀମିତ ଥିବାବେଳେ ଖାଦ୍ୟ ଓ ଇନ୍ଧନ ମୂଲ୍ୟ ବୃଦ୍ଧି ହୋଇଥିଲା। ତେବେ ମେ ଓ ଜୁନ୍ ମାସରେ ମୁଦ୍ରାସ୍ଫୀତି ଆହୁରି ଅଧିକ ବଢ଼ିପାରେ ବୋଲି ଆର୍‌ବିଆଇ ଆଶଙ୍କା କରିଛି। ଏଭଳି ସମୟରେ ଓଡ଼ିଶା ବଜାରରେ ପରିବା ଦର ୨୦ରୁ ଆରମ୍ଭ ହୋଇ ୧୦୦ ଟଙ୍କା ପର୍ଯ୍ୟନ୍ତ ଥିବାବେଳେ ଡାଲି ଜାତୀୟ ଖାଦ୍ୟର ଦର ୧୦୦ରୁ ୧୫୦ ଟଙ୍କା ମଧ୍ୟରେ ରହିଛି। ସେହିଭଳି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଲିଟର ପିଛା ୯୦ ଉପରେ ରହିଥିବା ବେଳେ ଖାଇବାତେଲ ୧୨୦ରୁ ୧୮୦ ରେ ବିକ୍ରି ହେଉଥିବା ଜଣାପଡିଛି। ବର୍ତ୍ତମାନ କରୋନା ପାଇଁ ଔଷଧର ଚାହିଦା ଅଧିକ ରହିଥିବାରୁ ଏହାର ଦର ମଧ୍ୟ ୨% ବୃଦ୍ଧି ପାଇଥିବା ଜଣାପଡିଛି। ଦେଶରେ ଲଗାତର କରୋନା ସଂକ୍ରମଣ ବୃଦ୍ଧି ସହ ରାଜଧାନୀ ଦିଲ୍ଲୀରେ ଲକ୍‌ଡାଉନ ଜାରି ରହିଛି। ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ନାଇଟ୍ କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ ଆଦି ହୋଇଥିବାରୁ ରୋଜଗାର ଏବଂ ବେରୋଜଗାରୀ ସେହି ଅନୁପାତରେ ବୃଦ୍ଧି ପାଉଛି ବୋଲି ଜଣାପଡ଼ିଛି।

## ହୋଣ୍ଡା ଇଣ୍ଡିଆ ଫାଉଣ୍ଡେଶନର କୋଭିଡ୍ ସହାୟତା, ରିଲିଫ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୫।୫

ହୋଣ୍ଡା ଗ୍ରୁପ୍ କମ୍ପାନିଜ୍ ଅଫ୍ ଇଣ୍ଡିଆର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଶାଖା ହୋଣ୍ଡା ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ କୋଭିଡ୍-୧୯ ସହାୟତା ଓ ରିଲିଫ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଫାଉଣ୍ଡେଶନ ହରିୟାଣା,ରାଜସ୍ଥାନ, କର୍ନାଟକ, ଉତ୍ତରପ୍ରଦେଶ ଓ ଗୁଜରାଟ ସରକାରଙ୍କ ସହ ମିଶି କାର୍ଯ୍ୟ କରୁଥିବା ବେଳେ ରିଲିଫ ଆକାରରେ ୬୫ ନିୟୁତ ଟଙ୍କା ପ୍ରଦାନ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ହୋଣ୍ଡା ଇଣ୍ଡିଆ ଫାଉଣ୍ଡେଶନର ଅଧ୍ୟକ୍ଷ, ଆତସୁସି ଓଗାତା କହିଛନ୍ତି, କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହର ଆମ ସମସ୍ତଙ୍କୁ ଗୁରୁତର ଭାବେ ପ୍ରଭାବିତ କରିଛି। ଆମର ଆଶା ରହିଛି, ସରକାର ଏବଂ ଶିଳ୍ପ ପକ୍ଷରୁ ଏହି ଉଦ୍ୟମ ବେଶ୍ ସହାୟକ ହେବ। କମ୍ପାନୀର ହରିୟାଣାର ମାନେସରରେ ଥିବା ହୋଣ୍ଡାର ଗୋଦାମ ପରିସରରେ ଏକ ୧୦୦ ଶଯ୍ୟାର ବ୍ୟବସ୍ଥା କରାଯିବ।



ସେହିଭଳି ରାଜସ୍ଥାନର ଟାପୁକାରାରେ ଥିବା ସରକାରୀ ବାଳିକା ବିଦ୍ୟାଳୟରେ ୫୦ରୁ ୧୦୦ ଶଯ୍ୟାର ବ୍ୟବସ୍ଥା ହେଉଛି। ଆସନ୍ତା ସପ୍ତାହଠାରୁ ଏହି ସାମୟିକ କୋଭିଡ୍ କେୟାରଗୁଡ଼ିକ କାର୍ଯ୍ୟକ୍ଷମ ହୋଇଯିବ। କର୍ନାଟକ ଓ ଉତ୍ତରପ୍ରଦେଶରେ ମଧ୍ୟ ସମାନ ଧରଣର ସଙ୍ଗରୋଧ କେନ୍ଦ୍ର ସ୍ଥାପନ କରାଯିବ ବୋଲି ଜଣାପଡ଼ିଛି। କର୍ନାଟକର କୋଲାର ଜିଲା, ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗର ଏବଂ ହରିୟାଣାର ମାନେସରଠାରେ ଅକ୍ସିଜେନ୍ ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ କରିବା ଲାଗି ଫାଉଣ୍ଡେଶନ ରାଜ୍ୟ ସରକାରମାନଙ୍କ ସହ ମିଶି କାର୍ଯ୍ୟ କରୁଛି।

## ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲକୁ ଏନ୍‌ଏବିଏଚ୍ ଆକ୍ରିଡେଶନ

**ଘରୋଇ ଚିକିତ୍ସାଳୟ କ୍ଷେତ୍ରରେ ଓଡ଼ିଶାର ପ୍ରଥମ ମାନ୍ୟତା**

କଟକ, ୧୫।୫

ରାଜ୍ୟର ପ୍ରଥମ ଘରୋଇ କ୍ୟାନ୍‌ସର ହସ୍ପିଟାଲ ଭାବେ ଏନ୍‌ଏବିଏଚ୍ ଆକ୍ରିଡେଶନ ଲାଭ କରିବାରେ ଏଚ୍‌ସିଜି ପଣ୍ଡା ହସ୍ପିଟାଲକୁ ଏହି ମାନ୍ୟତା ମିଳିଛି। ରୋଗୀ ସେବା ଯୋଗାଇବା କ୍ଷେତ୍ରରେ ଏଚ୍‌ସିଜି ପଣ୍ଡା କ୍ୟୁରି ହସ୍ପିଟାଲ ପୂର୍ବରୁ ଯେଉଁ ସୁନାମ ଅର୍ଜନ କରିଛି ସେଥିରେ ଏନ୍‌ଏବିଏଚ୍ ଆକ୍ରିଡେଶନ ମାନ୍ୟତା ଅନୁଷ୍ଠାନର ସୁନାମକୁ ଦ୍ୱିଗୁଣିତ କରିପାରିଛି ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଏହି ମାନ୍ୟତା କେବଳ ଉଚ୍ଚମାନର ରୋଗୀ ସେବା ସହ ମେଡିକାଲର ଆବଶ୍ୟକ ଭିତ୍ତିଭୂମିକୁ ଆଧାରକରି ବିଶେଷଜ୍ଞଙ୍କ ରିପୋର୍ଟ ପରେ ମିଳିଥାଏ। ଏହି ମାନ୍ୟତା ଗୋଟିଏ ସଂସ୍ଥାକୁ ଅନ୍ତର୍ଜାତୀୟ କ୍ଷେତ୍ରରେ ପରିଚୟ ପ୍ରଦାନ ସହ ରୋଗୀ ସେବା ପାଇଁ ସୁନାମ ଆଣି ଦେଇଥାଏ ବୋଲି ଜଣାପଡିଛି। ଏନ୍‌ଏବିଏଚ୍ ହେଉଛି କ୍ୱାଲିଟି କାଉନସିଲ ଅଫ୍ ଇଣ୍ଡିଆ ଦ୍ୱାରା ଗଠିତ ଏକ ବୋର୍ଡ। ଏହି ବୋର୍ଡ ରୋଗୀ ସେବା ଯୋଗାଉଥିବା ମେଡିକାଲଗୁଡିକୁ ଆକ୍ରିଡେଶନ ପ୍ରଦାନ କରିଥାଏ। ଏହା ମଧ୍ୟ ଇଣ୍ଟରନ୍ୟାଶନାଲ ସୋସାଇଟି ଫର୍ କ୍ୱାଲିଟି ହେଲ୍‌ଥ କେୟାର( ଆଇଏସ୍‌କ୍ୟୁୟୁଏ)ର ସଦସ୍ୟତା ଲାଭ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏନ୍‌ଏବିଏଚ୍ ଆକ୍ରିଡେଶନ ପୂର୍ବରୁ ବୋର୍ଡ ପକ୍ଷରୁ ହସ୍ପିଟାଲଗୁଡିକର ୧୦୫ଟି ଧାର୍ଯ୍ୟ ଗୁଣବତ୍ତା ସହ ୬୮୩ ଟି ଅବ୍‌ଜେକ୍ଟିଭ ଏଲିମେଣ୍ଟକୁ ପରୀକ୍ଷା କରାଯାଇଥାଏ। ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ପକ୍ଷରୁ ଏହିସବୁ ମାନଦଣ୍ଡ ପୂରଣ ସହ ଓଡ଼ିଶାରେ କ୍ୟାନ୍‌ସର ରୋଗୀଙ୍କୁ ସେବା ଯୋଗାଇବାରେ ଏହା ସଫଳ ଓ ଅନ୍ତର୍ଜାତୀୟ ସଫଳତା ହାସଲ କରିଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ଏନ୍‌ଏବିଏଚ୍ ଆକ୍ରିଡେଶନ ଲାଭ କରିବା ହସ୍ପିଟାଲଗୁଡିକ ପାଇଁ ଏକ ସ୍ୱପ୍ନ ହୋଇଥିବା ବେଳେ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ଏହାକୁ ହାସଲ କରିବାରେ ସଫଳ ହୋଇଛି ବୋଲି ଏହାର ଉପସଭାପତି ଆଶୁତୋଷ କୁମାର ମତବ୍ୟକ୍ତ କରିଛନ୍ତି। ସେହିଭଳି କ୍ୟାନ୍‌ସର ଚିହ୍ନଟ ଓ ନିରାକରଣ କ୍ଷେତ୍ରରେ ଏହି ହସ୍ପିଟାଲ ପୂର୍ବରୁ ଯେଉଁ ସୁନାମ ଅର୍ଜନ କରିଛି ତାହା ଆଗକୁ ମଧ୍ୟ ବଳବତ୍ତର ରହିବ ଓ ଏନ୍‌ଏବିଏଚ୍ ଆକ୍ରିଡେଶନ ଆମକୁ ଆହୁରି ଗୌରବାନ୍ୱିତ କରିଛି ବୋଲି ହସ୍ପିଟାଲର ଓଡ଼ିଶା ଉପସଭାପତି ଗିରୀଶ ମିଶ୍ର କହିଥିଲେ।

## ଟିପିସିଓଡିଏଲ୍‌ର ଫନୀ ସୁଧାର କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର,୧୫।୫

ରାଜ୍ୟବାସୀଙ୍କୁ ଉନ୍ନତ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ଗଠନ କରାଯାଇଛି। ସେହି ଲକ୍ଷ୍ୟ ହାସଲ କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ମାର୍ଗଦର୍ଶନରେ ଫନୀ ଦ୍ୱାରା ପ୍ରଭାବିତ ହୋଇଥିବା ନେଟ୍‌ୱର୍କର ସୁଧାର କାର୍ଯ୍ୟ ସମ୍ପର୍କରେ ଶକ୍ତିମନ୍ତ୍ରୀ ଏକ ସମୀକ୍ଷା ବୈଠକ କରିଥିଲେ। ଫନୀ କ୍ଷତିଗ୍ରସ୍ତ ଅଞ୍ଚଳରେ ଉକ୍ତ କାର୍ଯ୍ୟକ୍ରମ ବ୍ୟାପକ ଭାବେ ଜାରି ରହିଛି।

## ଖିମ୍‌ଜୀ ପକ୍ଷରୁ ଅନ୍‌ଲାଇନ ସୁନା ବୁକିଂ ଅଫର

ଭୁବନେଶ୍ୱର,୧୫।୫

ଖିମ୍‌ଜୀ ଜୁଏଲର୍ସ ପବିତ୍ର ଅକ୍ଷୟ ତୃତୀୟାର ଶୁଭ ଅବସରରେ ଅନ୍‌ଲାଇନ ସୁନା ବୁକିଂର ଏକ ସ୍ୱତନ୍ତ୍ର ଅଫର ଆଣିଛି। ଉକ୍ତ ଅଫର ଅନୁଯାୟୀ, ଗ୍ରାହକମାନେ ନିଜ ମନ ପସନ୍ଦର ଅଳଙ୍କାର ଆଜିର ସୁନା ମୂଲ୍ୟ ଅନୁସାରେ ଖିମ୍‌ଜୀ ଜୁଏଲର୍ସ ୱେବ୍‌ସାଇଟ୍ ଜରିଆରେ ଆଗୁଆ ବୁକ୍ କରିପାରିବେ ଏବଂ ବୁକିଂ କରିଥିବା ୨୨ କ୍ୟାରେଟ୍ ହଲ୍‌ମାର୍କ ସୁନାଗହଣା ତାଲା ବନ୍ଦ ପରେ ଖିମ୍‌ଜୀ ଜୁଏଲର୍ସରୁ ଗ୍ରହଣ କରିପାରିବେ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ଏଲିନା ସାମନ୍ତରାୟଙ୍କୁ ଖିମ୍‌ଜୀ ଜୁଏଲର୍ସର ଓଡ଼ିଶା ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରାଯାଇଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଖିମ୍‌ଜୀ ଏଲିନା ସାମନ୍ତରାୟଙ୍କ ଭଳି ଜଣେ ଉଚ୍ଚକୋଟୀର ଅଭିନେତ୍ରୀଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ପାଇ ଅତ୍ୟନ୍ତ ଖୁସି ଓ ଗର୍ବିତ। ସେହିଭଳି ଏହି ମହାମାରୀ ସମୟରେ ଗ୍ରାହକଙ୍କ ସୁରକ୍ଷା ହେଉଛି ଖିମ୍‌ଜୀ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଆମେ ଚାହୁଁ ଯେ ଆମ ଗ୍ରାହକମାନେ ଘରେ ରୁହନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ। ଅକ୍ଷୟ ତୃତୀୟା ଭଳି ଶୁଭ ଉତ୍ସବରେ ଗ୍ରାହକଙ୍କ ଭାବନାକୁ ବୁଝି ଆମେ ଏପରି ପଦକ୍ଷେପ ନେଇଛୁ, ଯାହା ଶୁଭଫଳ ଆଣିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିଭଳି ଖିମ୍‌ଜୀ ସହ ଜଡିତ ହୋଇ ଏଲିନା କହିଛନ୍ତି, ଓଡ଼ିଶାର ସର୍ବବୃହତ୍ ଅଳଙ୍କାର ବ୍ରାଣ୍ଡ ଖିମ୍‌ଜୀର ପ୍ରଥମ ଓଡ଼ିଆ ଚେହେରା ହେବା ଅତ୍ୟନ୍ତ ଖୁସିର କଥା। ଅକ୍ଷୟ ତୃତୀୟା ହେଉଛି ଓଡ଼ିଆମାନଙ୍କର ଏକ ବଡ ପର୍ବ ଏବଂ ଏହି ଅବସରରେ ଖିମ୍‌ଜୀର ଅକ୍ଷୟ ତୃତୀୟା ଅଫରକୁ ଗ୍ରାହକମାନେ ଏହାର ୱେବ୍‌ସାଇଟରୁ ଅନ୍‌ଲାଇନରେ ଗହଣା ପ୍ରି ବୁକିଂ କରନ୍ତୁ ଏବଂ ତାଲାବନ୍ଦ ପରେ ଖିମ୍‌ଜୀ ଜୁଏଲର୍ସରୁ ନିଜ ନିଜ ଅଳଙ୍କାର ଗ୍ରହଣ କରନ୍ତୁ ବୋଲି ସେ କହିଥିଲେ।

KHIMJI ®
Jewellers since 1936

**ଫୁର୍‌ସତ୍**

# ୪୦ ହଜାର ଜୀବନ ନେଉଛି ଡେଙ୍ଗୁ

## ଜାତୀୟ ଡେଙ୍ଗୁ ଦିବସ

ମେ' ୧୬ରେ ଭାରତରେ ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଇଥାଏ। ଡେଙ୍ଗୁ ଜ୍ୱର ସମ୍ପର୍କରେ ସଚେତନତା ସୃଷ୍ଟି ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ଏଡିସ୍ ପ୍ରଜାତିର ମଶା ଏଡିସ ଏଜିପ୍ଟି ଦ୍ୱାରା ଡେଙ୍ଗୁ ବ୍ୟାପିଥାଏ। ଶରୀରରେ ଡେଙ୍ଗୁ ଭୂତାଣୁ ପ୍ରବେଶ କରିବାର ୩ରୁ ୧୪ଦିନ ମଧ୍ୟରେ ଲକ୍ଷଣ ପ୍ରକାଶ ପାଏ। ଜ୍ୱର, ମୁଣ୍ଡବିନ୍ଧା, ବାନ୍ତି ସହିତ ମାଂସପେଶୀ ଏବଂ ଆଣ୍ଠୁଗଣ୍ଠିରେ ପ୍ରବଳ ଯନ୍ତ୍ରଣା ହୁଏ। ଏହାର ଉପଯୁକ୍ତ ଚିକିତ୍ସା ନ କଲେ ଶେଷରେ ରୋଗୀର ମୃତ୍ୟୁ ଘଟିଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଡେଙ୍ଗୁ ପୃଥିବୀର ୧୨୦ରୁ ଅଧିକ ଦେଶରେ ମହାମାରୀର ମାନ୍ୟତା ଲାଭ କରିଛି। ପ୍ରତିବର୍ଷ ପୃଥିବୀରେ ୩୯୦ ନିୟୁତ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥାନ୍ତି। ସେଥିମଧ୍ୟରୁ ୪୦ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥାଏ। ୧୬୩୫ରେ ପ୍ରଥମେ ଡେଙ୍ଗୁ ଜ୍ୱର ୱେଷ୍ଟ୍ ଇଣ୍ଡିଜ୍‌ରେ ଦେଖାଦେଇଥିଲା। ୧୭୭୯-୮୦ରେ ଏହା ଏସିଆ, ଉତ୍ତରଆମେରିକା ଏବଂ ଆଫ୍ରିକାକୁ ବ୍ୟାପିଥିଲା। ୨୪୧ ବର୍ଷ ତଳେ ଡେଙ୍ଗୁ ଜ୍ୱର ସଂକ୍ରମଣ ଭାରତରେ ୧୭୮୦ ମସିହାରେ ପ୍ରଥମେ ଚେନ୍ନାଇଠାରେ ଦେଖାଦେଇଥିଲା। ୧୯୬୩-୬୪ରେ ଭାରତରେ ଡେଙ୍ଗୁ ଜ୍ୱର ମହାମାରୀ ରୂପ ନେଇ କୋଲକାତା ଏବଂ ଦେଶର ପୂର୍ବ ଉପକୂଳରେ ବହୁ ଲୋକଙ୍କୁ ଆକ୍ରାନ୍ତ କରିଥିଲା। ଏକ ସର୍ଭେ ଅନୁସାରେ ଏବି ବ୍ଲଡ୍ ଗ୍ରୁପ୍‌ର ବ୍ୟକ୍ତିଙ୍କୁ ଡେଙ୍ଗୁ ହେବାର ଆଶଙ୍କା ଅଧିକ ରହିଥାଏ।



ବିଶ୍ୱର ୧୨୦ରୁ ଅଧିକ ଦେଶ ଡେଙ୍ଗୁକୁ ମହାମାରୀ ଘୋଷଣା କରିଥିଲେ। ପ୍ରତିବର୍ଷ ପୃଥିବୀରେ ୩୯୦ ନିୟୁତ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ୱେଷ୍ଟ୍ ଇଣ୍ଡିଜ୍‌ରେ ୧୬୩୫ରେ ପ୍ରଥମେ ଡେଙ୍ଗୁ ଜ୍ୱର ଦେଖାଦେଇଥିଲା। ୨୪୧ ବର୍ଷ ତଳେ ଭାରତରେ ପ୍ରଥମେ ଚେନ୍ନାଇଠାରେ ଲୋକେ ଡେଙ୍ଗୁର ଶିକାର ହୋଇଥିଲେ।

## ୯ ମାସରେ ୧୪ ଥର ପ୍ଲାଜ୍‌ମା ଦାନ



**ପୁଣେ:** କରୋନାରୁ ସୁସ୍ଥ ହେବା ପରେ ଜଣେ ବ୍ୟକ୍ତି ଏବେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ପୁଣେର ଅଜୟ ମୁନୋଟ ସେ ୯ ମାସରେ ସର୍ବାଧିକ ୧୪ ଥର ପ୍ଲାଜମା ଦାନ କରି ସାରିଛନ୍ତି। ୫୦ ବର୍ଷୀୟ ଅଜୟ ଜଣେ ରଣନୀତି ପରାମର୍ଶଦାତା ଭାବେ କାର୍ଯ୍ୟ କରନ୍ତି। ଜଣେ ବ୍ୟକ୍ତି ୧୪ ଥର ପ୍ଲାଜମା ଦାନ କରିବା ଘଟଣା ପ୍ରଥମ। ଏହି ଦାବି ସତ୍ୟ ପ୍ରମାଣିତ ହେବା ପରେ 'ଇଣ୍ଡିଆ ବୁକ ଅଫ ରେକର୍ଡସ୍' ମଧ୍ୟ ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛି।

## ବଞ୍ଚିବା କଷ୍ଟକର ହୋଇପଡ଼ିଛି

**ମୁମ୍ବାଇ:** ଲକ୍‌ଡାଉନରେ ଦୁଃଖ ବଖାଣିଛନ୍ତି କମେଡିଆନ ତଥା ଅଭିନେତ୍ରୀ ସୁମୋନା ଚକ୍ରବର୍ତ୍ତୀ। 'ଦ କପିଲ ଶର୍ମା ଶୋ'ରେ ନଜର ଆସୁଥିବା ସୁମୋନାଙ୍କ ପାଖରେ ଏବେ କୌଣସି କାମ ନାହିଁ। କେବଳ ଏତିକି ନୁହେଁ, ୧୦ ବର୍ଷ ଧରି ଏକ ରୋଗ ସହ ସଂଗ୍ରାମ କରୁଛନ୍ତି। ସେ ଏହାର ଚତୁର୍ଥ ଷ୍ଟେଜ୍‌ରେ ଅଛନ୍ତି। ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ କରି ସୁମୋନା ଲେଖିଛନ୍ତି, ୨୦୧୧ରୁ ସେ ଏଣ୍ଡୋମେଟ୍ରିଓସିସ ରୋଗ ସହ ସଂଗ୍ରାମ କରୁଛନ୍ତି। ହେଲେ ଲକ୍‌ଡାଉନ ସମୟ କାଟିବା ବେଶ କଠିନ। ଏବେ ପାଖରେ କାମ ନାହିଁ। ବଞ୍ଚିବା କଷ୍ଟକର ଲାଗୁଥିଲେ ବି ମୋ ପରିବାର ଏବଂ ନିଜକୁ ଖାଇବାକୁ ଦେବାରେ ସକ୍ଷମ ବୋଲି ସେ ଲେଖିଛନ୍ତି। ନିଜର ଦୁଃଖକୁ ଆପଣଙ୍କ ସହ ବାଣ୍ଟିବି ବୋଲି ଭାବିଲି। ପ୍ରତ୍ୟେକ ଉଜ୍ଜ୍ୱଳ ଜିନିଷ ସୁନା ନୁହେଁ। ତଥାପି ଏସବୁ କହିବା ସହଜ ନ ଥିଲା ବୋଲି ସେ ଲେଖିଛନ୍ତି।



## କେମିତି ରହିବ ଆଜିର ପାଗ

**ରାଜ୍ୟ**- ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, କନ୍ଧମାଳ, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, ବୌଦ୍ଧ, ଅନୁଗୋଳ,ଢେଙ୍କାନାଳର ବିଭିନ୍ନ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୮ | ୨୬.୭ |
| ଚାନ୍ଦବାଲି | ୩୭.୨ | ୨୬.୬ |
| କଟକ | ୩୬.୪ | ୨୬.୬ |
| ପାରାଦୀପ | ୩୩.୨ | ୨୮.୮ |
| ଭୁବନେଶ୍ୱର | ୩୭.୩ | ୨୭.୫ |
| ଗୋପାଳପୁର | ୩୩.୧ | ୨୭.୯ |
| ପୁରୀ | ୩୪.୦ | ୨୯.୦ |
| ଅନୁଗୋଳ | ୩୮.୧ | ୨୭.୦ |
| ବାରିପଦା | ୩୭.୦ | ୨୬.୦ |
| ଝାରସୁଗୁଡ଼ା | ୩୭.୨ | ୨୭.୨ |
| କେନ୍ଦୁଝର | ୩୫.୨ | ୨୪.୦ |
| ସମ୍ବଲପୁର | ୩୮.୦ | ୨୭.୪ |
| ସୁନ୍ଦରଗଡ଼ | ୩୬.୦ | ୨୨.୦ |
| ହୀରାକୁଦ | ୩୬.୭ | ୨୬.୧ |
| ତାଳଚେର | ୩୮.୨ | ୨୫.୫ |
| ଭବାନୀପାଟଣା | ୩୯.୦ | ୨୫.୫ |
| ବଲାଙ୍ଗୀର | ୩୭.୫ | --- |
| କୋରାପୁଟ | ୩୪.୫ | ୨୦.୦ |
| ଫୁଲବାଣୀ | ୩୯.୦ | ୧୭.୦ |
| ଟିଟିଲାଗଡ଼ | ୩୯.୦ | ୨୫.୮ |
| ମାଲକାନଗିରି | ୪୦.୦ | ୨୪.୫ |
| ସୋନପୁର | ୩୯.୦ | ୨୬.୫ |
| ଦାରିଙ୍ଗିବାଡ଼ି | ୩୨.୦ | ୨୧.୫ |
| ନୟାଗଡ଼ | ୩୭.୫ | ୨୪.୦ |
| ବୌଦ୍ଧ | ୩୮.୦ | ୨୬.୫ |
| ଛତ୍ରପୁର | ୩୪.୫ | ୨୭.୭ |
| ପାରଳାଖେମୁଣ୍ଡି | ୩୬.୫ | ୨୫.୫ |
| ରାୟଗଡ଼ା | - | --- |

ଡିଗ୍ରୀ ସେଲ୍‌ସିୟସ୍

## ଅସ୍ତ୍ରୋପଚାର ପରେ ଭାଷା ବଦଳିଗଲା

**କାନ୍‌ବେରା:** ଅଷ୍ଟ୍ରେଲିଆର ଜଣେ ମହିଳା ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛନ୍ତି। ଏହି ମହିଳାଙ୍କ କହିବା କଥା ସେ ତାଙ୍କ ଜିଭର ଅପରେଶନ କରାଇବା ପରେ ହଠାତ୍ ନିଜ ଭାଷା ବଦଳରେ ଅଲଗା ଭାଷାରେ କଥା ହେବାରେ ଲାଗିଲେ। ୨୭ ବର୍ଷୀୟା ଆଞ୍ଜେଲା ୟେନ ଅଷ୍ଟ୍ରେଲିଆର ବ୍ରିସ୍‌ବେନ୍ ସହରରେ ରହୁନ୍ତି। ସେ ୧୯ ଏପ୍ରିଲରେ ସେ ତାଙ୍କ ଟନ୍ସିଲଲେକ୍ଟୋମିର ଅପରେଶନ କରାଇଥିଲେ। ଏହାର କିଛିଦିନ ପରେ ସେ ନିଜ ଭାଷାରେ କଥା କହିବାରେ ଅସୁବିଧାର ସମ୍ମୁଖୀନ ହେଲେ। ଅପରେଶନର ୧୦ ଦିନ ପରେ ସେ ସମ୍ପୂର୍ଣ୍ଣ ଭାବେ ଆୟରିଶ ଭାଷାରେ କଥା ହେଲେ। ଯାହାକି ଆୟରଲ୍ୟାଣ୍ଡର ଭାଷା। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ସେ କେବେ ବି ଆୟରଲ୍ୟାଣ୍ଡ ଯାଇ ନାହାନ୍ତି। ସେ ତାଙ୍କର ଏକ ଟିକ୍‌ଟିକ୍ ଭିଡିଓରେ କହିଛନ୍ତି, ମୁଁ ଜୀବନରେ କେବେ ହେଲେ ଆୟରଲ୍ୟାଣ୍ଡ ଯାଇନାହିଁ। ମୁଁ ଅଷ୍ଟ୍ରେଲିଆରେ ବଡ଼ ହୋଇଛି। ଯେତେବେଳେ ମୁଁ ୮ ବର୍ଷର ହୋଇଥିଲି ସେତେବେଳେ ଅଷ୍ଟ୍ରେଲିଆ ଆସିଥିଲି। ମାତ୍ର ଅପରେଶନର ୧୦ ଦିନ ପରେ ମୁଁ ମୋ ମୂଳ ଭାଷା କହିବା ବଦଳରେ ଆୟରିଶ ଭାଷା କହିବାରେ ଲାଗିଲି। ଡାକ୍ତରଙ୍କ କହିବାନୁଯାୟୀ, ଆଞ୍ଜେଲାଙ୍କୁ ଫରିନ ଆକ୍ସେଣ୍ଟ ସିଣ୍ଡ୍ରୋମ ନାମକ ଏକ ରୋଗ ହୋଇଥିଲା। ଏମିତି ଅବସ୍ଥାରେ ସାଧାରଣତଃ ଲୋକଙ୍କ ମୁଣ୍ଡରେ ଆଘାତ ଲାଗିଥାଏ। ଫଳରେ ରୋଗୀ ନିଜ କହିବା ଶୈଳୀକୁ ଭୁଲିଯାଏ। ୧୯୦୭ ମସିହାରୁ ଏପରି ରୋଗରେ ସମଗ୍ର ବିଶ୍ୱରେ କେବଳ ୧୦୦ ମାମଲା ସାମ୍ନାକୁ ଆସିଛି। ଏଥିମଧ୍ୟରୁ କେତେକ ସ୍ଥାୟୀ ମଧ୍ୟ।



## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଭଗବାନ ନାୟକ
ସିଙ୍ଗିରି, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୩।୦୭।୧୯୪୯
ତିରୋଧାନ: ୦୬।୦୫।୨୦୨୧
ଆପଣ ଆମକୁ ଛାଡ଼ି ଚାଲିଯିବେ ବୋଲି ଆମେ ବିଶ୍ୱାସ କରି ପାରୁନାହୁଁ। ଆପଣଙ୍କ ଅକାଳ ବିୟୋଗ ତଥା ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ତଥା ମାର୍ଗଦର୍ଶନ ଆମ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। **ଶୋକସନ୍ତପ୍ତ:** ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଅନ୍ୟ ବନ୍ଧୁ, ପରିବାରବର୍ଗ।
ଧ-୨୦୨୨୦

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଚଞ୍ଚଳା ଦାଶ
(ସ୍ୱାଧୀନତା ସଂଗ୍ରାମୀ)
ସ୍ୱାମୀ: ସ୍ୱର୍ଗତ ଲକ୍ଷ୍ମୀଧର ଦାଶ
ସା: ପଦାବଡ଼ଙ୍ଗା, ପୋ:ଅ: ହଳଦୀପଦା, ଜି.- ବାଲେଶ୍ୱର
ଆବିର୍ଭାବ: ୦୩।୦୧।୧୯୨୯
ତିରୋଧାନ: ୦୬।୦୫।୨୦୨୧
ତୁମର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମ ହୃଦୟରେ ଅଭୁଲା ସ୍ମୃତି ହୋଇ ରହିବ। ପ୍ରଭୁଙ୍କଠାରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ହରେନ୍ଦ୍ର, ବୃହସ୍ପତି, ଶ୍ରୀବତ୍ସ, ପୁତ୍ରବଧୂ: ଲୀଳାବତୀ, ପ୍ରଭାତୀ, ପୁଷ୍ପିତା, ଝିଅ: ବାଣୀ, ବୀଣା, ଅମ୍ବିକା, ଜ୍ୱାଇଁ: ଚନ୍ଦ୍ରଶେଖର, ଶ୍ରୀକାନ୍ତ, ପ୍ରଫୁଲ୍ଲ ଏବଂ ନାତି/ନାତୁଣୀ, ବନ୍ଧୁବାନ୍ଧବ, ପରିବାରବର୍ଗ।
ଧ-୨୦୨୨୩

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ଅନ୍ତର୍ଯ୍ୟାମୀ ସାହୁ
ବେଣୀପୁର, କେନ୍ଦ୍ରାପଡ଼ା
ପ୍ଲଟ୍ ନଂ ୪୧୨/୧୫୧୭, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ : ୨୦.୧୨.୧୯୩୮
ତିରୋଧାନ : ୦୭.୦୫.୨୦୨୧
ବାପା, ତୁମେ ଆମ୍ଭମାନଙ୍କୁ ହଠାତ୍ ସବୁଦିନ ପରକରି ଚାଲିଯିବ ବୋଲି ଆଶା ତ ନଥିଲା। ତୁମର ଆକସ୍ମିକ ବିୟୋଗରେ ଆମ ପରିବାର ଓ ଆତ୍ମୀୟସ୍ୱଜନ ମର୍ମାହତ। ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଆରାଧ୍ୟଦେବତା ଶ୍ରୀ ଆଖଣ୍ଡଳମଣିଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ : ପରିବାରବର୍ଗ
ଧ-୨୦୨୧୯



# ଅଦିନିଆ ବର୍ଷା



ବର୍ତ୍ତମାନ କରୋନା ମହାମାରୀ ମଣିଷ ସମାଜକୁ ଆତଙ୍କିତ କରି ରଖିଛି। ଏମିତିରେ ଅତ୍ୟଧିକ ଗରମ ସାଙ୍ଗକୁ ଅଦିନିଆ ବର୍ଷା ଲାଗି ହେଉଥିବା ପାଣିପାଗ ପରିବର୍ତ୍ତନ ଅଧିକାଂଶଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟାକୁ ଆହୁରି ବଢ଼ାଇ ଦେଉଛି। ତେଣୁ ଏ ସମୟରେ ସୁସ୍ଥ ରହିବା ଅନ୍ତରାଳରେ କେବଳ ସତର୍କତା ଓ ସଚେତନତା ହିଁ ଏକମାତ୍ର ଉପାୟ...







ବର୍ତ୍ତମାନ କରୋନା ମହାମାରୀ ସମଗ୍ର ପୃଥିବୀରେ ହଇଚଇ ସୃଷ୍ଟି କରିଛି। ଏଭଳି ପରିସ୍ଥିତିରେ କିଛିଦିନ ହେବ ପ୍ରବଳ ଖରାରେ ହଠାତ୍ ବର୍ଷା, ପବନ ଲାଗି ହେଉଥିବା ପାଣିପାଗ ପରିବର୍ତ୍ତନ ଅନେକଙ୍କ ଝାଡ଼ା, ଥଣ୍ଡା, କାଶ, ଜ୍ୱର ଆଦି ଭଳି ସମସ୍ୟାର କାରଣ ସାଜୁଛି। କେବଳ ଏତିକି ନୁହେଁ, ବେଳେବେଳେ ପ୍ରବଳ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ଯୋଗୁ ମଧ୍ୟ ଅନେକ ଧନ ଜୀବନ ହାନି ହେଉଛି। ଏଭଳି ବିଷମ ପରିସ୍ଥିତିରେ ଯଦିଓ ଏହି ପ୍ରାକୃତିକ ବିପତ୍ତିକୁ ରୋକିବା ମଣିଷପକ୍ଷେ ସହଜ ନୁହେଁ, ହେଲେ ସୁରକ୍ଷା ନିମନ୍ତେ କେତୋଟି ଦିଗ ପ୍ରତି ସଚେତନ ହେଲେ ଏସବୁକୁ କିଛି ମାତ୍ରାରେ ରୋକାଯାଇ ପାରିବ। ଜାଣିରଖନ୍ତୁ...

**ବଢ଼ାନ୍ତୁ ରୋଗ ପ୍ରତିରୋଧକ ଶକ୍ତି:** – କରୋନା ସଂକ୍ରମଣ ସାଙ୍ଗକୁ ହଠାତ୍ ପାଣିପାଗ ପରିବର୍ତ୍ତନ ଯୋଗୁ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବା ସିଜନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡରଠାରୁ ନିଜକୁ ଦୂରେଇ ରଖିବା ଲାଗି ଖାଦ୍ୟପେୟ ପ୍ରତି ବିଶେଷ ଦୃଷ୍ଟି ଦିଅନ୍ତୁ। ବିଶେଷକରି ପ୍ରଚୁର ପରିମାଣରେ ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଏଦିନେ ଶରୀର ପାଇଁ ବେଶ୍ ଜରୁରୀ। ଏଥିପାଇଁ ମାଛ ଖାଆନ୍ତୁ।

➤ତେଲ ମସଲାଯୁକ୍ତ ଖାଦ୍ୟ କିମ୍ବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ପରିବର୍ତ୍ତେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ।

➤ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟ ଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ।

➤ଯଦି କାଶ ହୁଏ, ତେବେ ସକାଳୁ ଖାଲିପେଟରେ ଅଦାରସ, ମହୁ କିମ୍ବା ତୁଳସୀ ରସ ଖାଆନ୍ତୁ । ଉଷୁମ କ୍ଷୀର ପିଇବା ଦ୍ୱାରା ମଧ୍ୟ ଆପଣ ଉପକୃତ ହେବେ। ରସୁଣ ମଧ୍ୟ ଖାଇବା ଏଦିନେ ବେଶ୍ ଉପକାରୀ। ପ୍ରଚୁର ପରିମାଣରେ ପାଣି ପିଅନ୍ତୁ।

**ବର୍ଷା ସମୟରେ:**

➤ଏ ସମୟରେ ବାହାରକୁ ନ ଯିବା ଭଲ। ବିଶେଷକରି ପାଗ ମେଘୁଆ ହୋଇଗଲେ ବା ବର୍ଷାର ଆଶଙ୍କା ଥିଲେ ଆଦୌ ବାହାରକୁ ବାହାରନ୍ତୁ ନାହିଁ। ନିହାତି ଆବଶ୍ୟକ ଥିଲେ ଯଦି ବାହାରକୁ ଯାଉଛନ୍ତି ତେବେ ବର୍ଷା, ଘଡ଼ଘଡ଼ି କିମ୍ବା ବିଜୁଳି ମାରିଲେ ବାହାରେ ଆଦୌ ନ ରହି ତତ୍‌କ୍ଷଣାତ୍ ଘର ଭିତରକୁ କିମ୍ବା କୌଣସି ସୁରକ୍ଷିତ ସ୍ଥାନକୁ ଚାଲିଯାଆନ୍ତୁ।

➤ଟ୍ରାଭେଲ୍ କରୁଥିବା ସମୟରେ ହଠାତ୍ ବିଜୁଳି, ଘଡ଼ଘଡ଼ି ଆରମ୍ଭ ହୋଇଯାଏ ; ତେବେ ଆଗକୁ ନ ଯାଇ ଆଶ୍ରୟ ଲାଗି ତୁରନ୍ତ ନିକଟରେ ଥିବା କୌଣସି ଘର, ହୋଟେଲ୍ ଆଦିକୁ ଚାଲି ଯାଆନ୍ତୁ। ହେଲେ ମନେରଖନ୍ତୁ, ଏଭଳି ସ୍ଥାନରେ ଠିଆ ହେବା ବେଳେ ଉପସ୍ଥିତ ଅନ୍ୟମାନଙ୍କଠାରୁ ଯଥାସମ୍ଭବ ସାମାଜିକ ଦୂରତା ରକ୍ଷା କରନ୍ତୁ।

➤ପାଣି ସ୍ଥାନରେ ଏ ସମୟରେ ଆଦୌ ରୁହନ୍ତୁ ନାହିଁ। କାରଣ ପାଣି ହେଉଛି ବିଦ୍ୟୁତ୍ ସୁପରିବାହୀ। ତେଣୁ ବିଜୁଳି ମାରିଲେ କରେଣ୍ଟ ଲାଗିବାର ଆଶଙ୍କା ଥାଏ। ତା'ଛଡ଼ା ପାଣିରେ ରହିବା ଦ୍ୱାରା ଥଣ୍ଡା, କାଶ, ଜ୍ୱର ହେବା ଯୋଗୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମୁଥିବାରୁ କରୋନା ସଂକ୍ରମଣ ସହଜରେ ହେବାର ଆଶଙ୍କା ବୃଦ୍ଧି ହୋଇଥାଏ।

➤ବର୍ଷା ପାଗରେ ବାହାରକୁ ଯାଉଥିଲେ ପାଖରେ ଏକ ସେଟ୍ ଡ୍ରେସ୍, ଟାୱେଲ୍, ମାସ୍କ ଆଦି ରଖନ୍ତୁ। ଯଦି କୌଣସି କାରଣରୁ ଓଦା ହୋଇଯାଆନ୍ତି, ତେବେ ତୁରନ୍ତ ଓଦା ପୋଷାକ ବଦଳରେ ଏସବୁ ପିନ୍ଧି ଦିଅନ୍ତୁ। ନଚେତ୍ କେବଳ ଥଣ୍ଡା, ଜ୍ୱର ନୁହେଁ ବରଂ ଓଦାରେ ଅଧିକ ସମୟ ରହିବା ଦ୍ୱାରା ଭାଇରସ୍ ସଂକ୍ରମଣ ଏବଂ ଫଙ୍ଗାଲ୍ ଇନ୍‌ଫେକ୍ସନ୍‌ର ଭୟ ବେଶି।

➤ମନେରଖନ୍ତୁ, ବର୍ତ୍ତମାନର ସମ୍ବେଦନ ସମୟରେ ସର୍ବଦା ବାହାରକୁ ଯିବା ପୂର୍ବରୁ ରେଡିଓ, ଟିଭି, ଇଣ୍ଟରନେଟ୍ ଆଦିରୁ ପାଣିପାଗ ସୂଚନା ଦେଖିନିଅନ୍ତୁ।

➤ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଘଡ଼ଘଡ଼ି ମାରୁଥିବା ସମୟରେ ମୋବାଇଲ୍ ଫୋନ୍‌ରେ କଥା ହେବାଠାରୁ ଦୂରେଇ ରୁହନ୍ତୁ। ଏହାର ଡାଟା ଅନ୍ ଥିଲେ ଅଫ୍ କରନ୍ତୁ, ଚାର୍ଜରେ ବସିଥିଲେ ତୁରନ୍ତ କାଢ଼ିଦିଅନ୍ତୁ। ଫୋନ୍ ସୁଇଚ୍‌ଅଫ୍ କରିଦେବା ଭଲ। ନଚେତ୍ ଏହା ବ୍ଲାଷ୍ଟ ହେବା ଯୋଗୁ କାନ ନଷ୍ଟ ହେବା କିମ୍ବା ଜୀବନ ଯିବାର ବି ଆଶଙ୍କା ରହିଛି।

**ୟୁଥ୍ ଆଲର୍ଟ**

# ଅନ୍‌ଲାଇନ୍ ଜୋତା କିଣୁଥିଲେ...



ବର୍ତ୍ତମାନ ବିଭିନ୍ନ ଅନ୍‌ଲାଇନ୍ ଶପିଂ ସାଇଟ୍‌ରେ ଭଳିକି ଭଳି ଜୋତା ଉପଲବ୍ଧ। ତେଣୁ ଘରେ ବସି ଖୁବ୍ ସହଜରେ ଅନେକେ ବିଶେଷ କରି ଯୁବପିଢ଼ି ନିଜ ପସନ୍ଦର ଜୋତା ଅର୍ଡର କରିପାରୁଛନ୍ତି। ହେଲେ ଅନ୍‌ଲାଇନ୍‌ରେ ଜୋତା ମଗାଇବା ବେଳେ କେତେକ କଥା ପ୍ରତି ଧ୍ୟାନ ନ ଦେଲେ ପରବର୍ତ୍ତୀ ସମୟରେ ଏହା ଟାଇଟ୍ ହେବା, ପାଦକୁ କଷ୍ଟ ହେବା କିମ୍ବା ଚାଲିବା ବେଳେ ଆଣ୍ଠୁରେ ପ୍ରେସର ହେବା ଭଳି ସମସ୍ୟା ଉପୁଜିଥାଏ। ତେଣୁ ଅନ୍‌ଲାଇନ୍‌ରେ ଜୋତା ମଗାଉଥିଲେ ଏସବୁ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ...

➔ଅନ୍‌ଲାଇନ୍‌ରେ ଜୋତା ମଗାଇବା ଲାଗି ସର୍ବଦା ବିଶ୍ୱସ୍ତ ଶପିଂ ସାଇଟ୍ ହିଁ ବ୍ୟବହାର କରନ୍ତୁ। ସେହିପରି ଜୋତା ବ୍ରାଣ୍ଡ ମଧ୍ୟ ଦେଖିବାକୁ ଭୁଲନ୍ତୁ ନାହିଁ।

➔ଜୋତା ଅର୍ଡର କରିବା ପୂର୍ବରୁ ପ୍ରଥମେ ନିଜ ପାଦକୁ ମାପି ଏହାର ଠିକ୍ ସାଇଜ୍ ଜାଣନ୍ତୁ। ଅନ୍‌ଲାଇନ୍‌ରେ ଅଧିକାଂଶ ବ୍ରାଣ୍ଡ ୟୁରୋପିଆନ୍ ସାଇଜ୍ ବ୍ୟବହାର କରୁଥିବାରୁ ଏହି ଅନୁସାରେ କେତେ ନମ୍ବର ଚପଲ ଆପଣଙ୍କୁ ଫିଟ୍ ଜାଣିଲେ କିଣିବା କିମ୍ବା ପିନ୍ଧିବା ବେଳେ ଅସୁବିଧା ହେବ ନାହିଁ।

➔ବାଛୁଥିବା ଜୋତାରେ ରିଟର୍ନ କିମ୍ବା ଏକ୍ସଚେଞ୍ଜ ଆଦି ଅପ୍ସନ ଅଛି ନା ନାହିଁ ଚେକ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ସାଇଜ୍ ଦେଖି କିଣିବା ପରେ ବି ପିନ୍ଧିବା ବେଳେ ଜୋତା ଅନେକଙ୍କୁ କଷ୍ଟ ଦିଏ। ଏମିତିକି କେବେକେବେ ତାହା ଖୁବ୍ ଛୋଟ କିମ୍ବା ବଡ଼ ମଧ୍ୟ ହୋଇପାରେ। କେବେକେବେ ଚପଲର ସାଇଜ୍ ପାଦକୁ ଠିକ୍ ହେଉଥିଲେ ବି ପିନ୍ଧି ଚାଲିବା ବେଳକୁ କମ୍ଫର୍ଟେବଲ୍ ଲାଗି ନ ଥାଏ। ତେଣୁ ଡେଲିଭରିମ୍ୟାନ୍ ଜୋତା ଦେବା ପରେ ଏହାକୁ ମାପନ୍ତୁ ଏବଂ ଘରେ ପିନ୍ଧି ଚାଲନ୍ତୁ। ପାଦକୁ ଠିକ୍ ଫିଟ୍ ନ ହେଲେ ଯେପରି ଫେରାଇ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

➔ଯେକୌଣସି ଜୋତା ଅନ୍‌ଲାଇନ୍‌ରେ କିଣୁଥିଲେ, ଏହାର ପ୍ରଡକ୍ଟ ଡିଟେଲ୍ସକୁ ଭଲ ଭାବେ ପଢ଼ନ୍ତୁ। ଫୁଲ୍ କିମ୍ବା ହାଫ୍ ସୁଜ୍ କିଣୁଥିଲେ ଏହାର ସୋଲ୍ ଅଠା ପେଷ୍ଟ ନ ହୋଇ ସିଲେଇ ହୋଇଥିଲେ ଭଲ।



## ଏ ସପ୍ତାହର ପ୍ରଶ୍ନ

୧– ଲର୍ଡ୍ସ ରେଜିଷ୍ଟାନ୍ସ ଆର୍ମି........ ଦେଶରେ ଦେଖିବାକୁ ମିଳେ ?
୨– ବନ୍ୟପ୍ରାଣୀ ସପ୍ତାହ............ ମାସରେ ପାଳନ କରାଯାଏ ?
୩– ଜିଆଣ୍ଟ ଉଡ୍ ମଥ୍ ନାମକ ପୃଥିବୀର ସବୁଠାରୁ ଭାରି କୀଟ.......... ଠାରେ ଦେଖାଯାଏ ?
୪– ନିକଟରେ ଜାପାନରେ................. ନାମକ ଏକ ଡାଇନୋସର୍ସ ପ୍ରଜାତି ଆବିଷ୍କାର କରାଯାଇଛି ?
୫– ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଫରେଷ୍ଟ ଏକାଡେମୀର ହେଡ୍ କ୍ୱାର୍ଟର.......ରେ ରହିଛି ?

## ଗତ ଥରର ଉତ୍ତର

୧ ଇଣ୍ଡିଆନ୍ ଆର୍ମି
୨ ଭାକ୍ସିନ୍ସ ବ୍ରିଙ୍ଗ୍ ଅସ୍ କ୍ଲୋଜର୍
୩ ଇଂଲଣ୍ଡ
୪ ପୋଲାଣ୍ଡ
୫ ଡୋଗରୀ

## ଉତ୍ତରଦାତା



ରବୀନ୍ଦ୍ର କୁମାର ସ୍ୱାଇଁ, ଜଗତ୍‌ସିଂହପୁର



ପ୍ରମିଳା ତ୍ରିପାଠୀ, ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ୨୦୨୧ରେ ପୃଥିବୀର ସବୁଠାରୁ ଧନୀ ବ୍ୟକ୍ତି



୧– ଜେଫ୍ ବେଜସ୍.........ଆମେରିକା
୨– ଏଲନ୍ ଆର୍ ମାସ୍କ......... ଆମେରିକା
୩– ବର୍ନାଡ୍ ଆର୍ନାଅଲ୍ ଆଣ୍ଡ ଫ୍ୟାମିଲି......... ଫ୍ରାନ୍ସ
୪– ବିଲ୍ ଗେଟ୍ସ......... ଆମେରିକା
୫– ମାର୍କ ଜୁକରବର୍କ......... ଆମେରିକା
୬– ୱାରେନ୍ ବଫେଟ୍......... ଆମେରିକା
୭– ଲ୍ୟାରି ଏଲିଶନ୍......... ଆମେରିକା
୮–ଲ୍ୟାରି ପେଜ୍ ......... ଆମେରିକା
୯–ସର୍ଗେ ବ୍ରିନ୍......... ଆମେରିକା
୧୦– ମୁକେଶ ଅମ୍ବାନି......... ଭାରତ

# ଦୃଢ଼ ମାନସିକତା ଦିଏ ସଫଳତା

ପ୍ରତ୍ୟେକ ଯୁବତୀ ଯୁବକ ଜୀବନରେ ସଫଳତାର ସ୍ୱାଦ ଚାଖିବାକୁ ଚାହାନ୍ତି। ହେଲେ ଏଥିରେ କେବଳ ସେଇମାନେ ହିଁ ସଫଳ ହୁଅନ୍ତି, ଯେଉଁମାନେ ମାନସିକ ସ୍ତରରେ ଦୃଢ଼। ତେଣୁ କିପରି ନିଜକୁ ମାନସିକ ସ୍ତରରେ ଦୃଢ଼ କରିପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...



➧ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିର କରନ୍ତୁ। ପ୍ରଥମରୁ ମନରେ କୌଣସି ନକାରାତ୍ମକ ଚିନ୍ତା ରଖନ୍ତୁ ନାହିଁ। କାରଣ ଏହା ଆଗକୁ ବଢ଼ିବା ବଦଳରେ ମାନସିକ ସ୍ତରରେ ଦୁର୍ବଳ କରିଦିଏ। ତେଣୁ ସକାରାତ୍ମକ ଚିନ୍ତା କରି ଦୃଢ଼ତାର ସହ ଲକ୍ଷ୍ୟପଥରେ ଅଗ୍ରସର ହୁଅନ୍ତୁ।

➧ଏଥିପାଇଁ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମନୋବଳ ଦୃଢ଼ କରି ସମସ୍ତ ଆବଶ୍ୟକ ଜ୍ଞାନ ଏବଂ ଦକ୍ଷତା ହାସଲ କରନ୍ତୁ। ନିଜକୁ ସେହି ପର୍ଯ୍ୟନ୍ତ ଅପ୍‌ଗ୍ରେଡ୍ କରନ୍ତୁ, ଯେଉଁ ପର୍ଯ୍ୟନ୍ତ ଆପଣ ସମ୍ପୂର୍ଣ୍ଣ ସକ୍ଷମ ବୋଲି ଅନୁଭବ ନ କରିଛନ୍ତି।

➧ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହେବା ଲକ୍ଷ୍ୟରେ ଆଗେଇବା ଏବଂ ବିଫଳ ହେଲେ ଲକ୍ଷ୍ୟପଥରୁ ବିଚ୍ୟୁତ ହେବା ଭଳି ମନୋବୃତ୍ତି ଆଦୌ ରଖନ୍ତୁ ନାହିଁ। ସମସ୍ତ ଅସାଧାରଣ ପ୍ରତିଭା ପ୍ରଥମେ ସାଧାରଣ ହିଁ ଥିଲେ ଏବଂ ସେମାନଙ୍କ ଦୃଢ଼ ବିଶ୍ୱାସ ଓ କର୍ମନିଷ୍ଠା ବଳରେ ସଫଳତାର ସ୍ୱାଦ ଚାଖିପାରିଲେ। ଏକଥାକୁ ହୃଦୟଙ୍ଗମ କରନ୍ତୁ।

➧ପୂର୍ବରୁ ପାଇଥିବା ସଫଳତାଗୁଡ଼ିକ ସମ୍ପର୍କରେ ମନେପକାନ୍ତୁ। ତାହା କିପରି ମିଳିଥିଲା ଏବଂ ଏଥର କିପରି ମିଳିପାରିବ ତର୍ଜମା କରନ୍ତୁ।

➧ନିଜ ଉପରେ ବିଶ୍ୱାସ ରଖନ୍ତୁ। ବିଫଳ ହେଲେ ମାନସିକ ସ୍ତରରେ ଦୁର୍ବଳ ନ ହୋଇ ଏହାକୁ କେବଳ ଏକ ଅବସର ଭାବେ ଗ୍ରହଣ କରି ଅଧିକ ପ୍ରସ୍ତୁତି ସହ ଆଗାମୀ ଅବସରକୁ ଅପେକ୍ଷା କରନ୍ତୁ।

➧ସମାଜରେ ପ୍ରତିଷ୍ଠିତ ହୋଇଥିବା ଅଧିକାଂଶ ବ୍ୟକ୍ତି ଜୀବନରେ ବହୁ କଷ୍ଟ ଏବଂ ବିଫଳତାର ସାମ୍ନା କରି ସଫଳ ହୋଇଛନ୍ତି। ସେମାନଙ୍କୁ ନିଜର ପ୍ରେରଣା ଭାବି ସେମାନଙ୍କ ଆତ୍ମଜୀବନୀ ପଢ଼ନ୍ତୁ। ଏହା ଆପଣଙ୍କୁ ମାନସିକ ସ୍ତରରେ ଦୃଢ଼ କରିବାରେ ସାହାଯ୍ୟ କରିବ ଏବଂ ସଫଳତାର ମାର୍ଗ ସରଳ କରିବ।

# ସୁଶୀଲଙ୍କ ବିରୋଧରେ ଗିରଫ ପରୱାନା

ନୂଆଦିଲ୍ଲୀ, ୧୫।୫


ସୁଶୀଲ କୁମାର

ଦୁଇଥର ଅଲିମ୍ପିକ ପଦକ ବିଜୟୀ ରେସ୍‌ଲର ସୁଶୀଲ କୁମାରଙ୍କ ବିରୋଧରେ ଦିଲ୍ଲୀର ଏକ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି। କେବଳ ସୁଶୀଲ ନୁହନ୍ତି ପୂର୍ବତନ ଜାତୀୟ ଜୁନିୟର ରେସ୍‌ଲିଂ ଚାମ୍ପିୟନ ୨୩ ବର୍ଷୀୟ ସାଗର ରାଣାଙ୍କୁ ହତ୍ୟା ମାମଲାରେ ଅନ୍ୟ ୯ଜଣଙ୍କୁ ମଧ୍ୟ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି। ସୁଶୀଲ କୁମାର ନିଖୋଜ ହୋଇଯିବା ପରେ ପୂର୍ବରୁ ଦିଲ୍ଲୀ ପୋଲିସ ତାଙ୍କ ବିରୋଧରେ ଏକ ଲୁକ୍‌ଆଉଟ ନୋଟିସ ଜାରି କରିଥିଲା। ପୋଲିସ ଶୁକ୍ରବାର ଦିଲ୍ଲୀ ସରକାରଙ୍କ ନିକଟକୁ ଏକ ଚିଠି ଲେଖିଛି। ଏକ ହତ୍ୟା ମାମଲାରେ ଅଭିଯୁକ୍ତ ହୋଇଥିଲେ ମଧ୍ୟ ସୁଶୀଲ କୁମାର ଏବେ ସୁଦ୍ଧା ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି(ଓଏସ୍‌ଡି) ପଦବୀରେ ରହିଛନ୍ତି ବୋଲି ଏଥିରେ ଉଲ୍ଲେଖ କରିଛି। ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛି। ପୋଲିସ ମଧ୍ୟ ସୁଶୀଲଙ୍କୁ ଧରିବା ଲାଗି ପୁରସ୍କାର ଘୋଷଣା କରିବା ଲାଗି ବିଚାର କରି ଦେଖୁଛି। ଛତ୍ରସାଲ ଷ୍ଟାଡିୟମରେ ଗଣ୍ଡଗୋଳ ଘଟଣାର ଅନ୍ୟତମ ଅଭିଯୁକ୍ତ ସୁଶୀଲ ନିଜକୁ ନିର୍ଦ୍ଦୋଷ ବୋଲି କହୁଛନ୍ତି। ଖବର ଅନୁସାରେ ଦୁଇ ଗୋଷ୍ଠୀ ରେସ୍‌ଲରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କ୍ରମେ ଉତ୍ତେଜନା ବୃଦ୍ଧିପାଇବାରୁ ଉଭୟ ପକ୍ଷ ପରସ୍ପରକୁ ଗୁଳିଚାଳନା କରିଥିଲେ। ଗୁଳିମାଡ଼ରେ ପୂର୍ବତନ ଜାତୀୟ ଜୁନିୟର ରେସଲିଂ ଚାମ୍ପିୟନ ସାଗରଙ୍କର ମୃତ୍ୟୁ ଘଟିଥିଲା। ସେହିଦିନଠାରୁ ସୁଶୀଲ ନିଖୋଜ ଅଛନ୍ତି। କିନ୍ତୁ ସେ କହୁଛନ୍ତି ଏହି ଗଣ୍ଡଗୋଳ ସହ ସେ କିମ୍ବା ତାଙ୍କ ରେସ୍‌ଲରମାନଙ୍କ ସମ୍ପୃକ୍ତି ନାହିଁ। କେତେଜଣ ଅଜଣା ବ୍ୟକ୍ତି ଷ୍ଟାଡିୟମ ପରିସରରେ ପ୍ରବେଶ କରି ଏହି କାଣ୍ଡ ଭିଆଇଛନ୍ତି।

# ଅଲିମ୍ପିକ୍ସରୁ ବାସନ୍ଦ ହେଲେ ୟୁଏସ୍ ଟ୍ରିପଲ ଜମ୍ପର

ଜେନେଭା, ୧୫।୫ (ଏପି)


ଓମାର କ୍ରାଡକ୍

ଡୋପିଂ ଟେଷ୍ଟରେ ଅନୁପସ୍ଥିତ ରହିବାରୁ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍) ଟ୍ରିପଲ ଜମ୍ପର ଓମାର କ୍ରାଡକ୍ ୨୦ ମାସ ବାସନ୍ଦ ହୋଇଛନ୍ତି। ଫଳରେ ସେ ଟୋକିଓ ଅଲିମ୍ପିକ୍ସ ଓ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇପାରିବେ ନାହିଁ। ୨୦୧୯ ପାନ୍ ଆମେରିକାନ୍ ଗେମ୍ସ ଚାମ୍ପିୟନ ୧୨ ମାସ ମଧ୍ୟରେ ୩ ଥର 'ହୋୟାର ଏବାଉଟ୍ସ' ନିୟମ ଉଲ୍ଲଂଘନ କରିଥିବା ଟ୍ରାକ୍ ଆଣ୍ଡ ଫିଲ୍ଡ ଇଣ୍ଟିଗ୍ରିଟି ୟୁନିଟ୍ ପକ୍ଷରୁ ଅଭିଯୋଗ ହୋଇଥିଲା। କ୍ରାଡକ୍ ୨୦୧୯ ଅଗଷ୍ଟରେ ପ୍ରଥମଥର ନିୟମ ଉଲ୍ଲଂଘନ କରିଥିଲେ। ସେତେବେଳେ ସେ ବିଶ୍ୱ ର୍‌ୟାଙ୍କିଙ୍ଗରେ ତାଙ୍କ ଦେଶର ୱିଲ କ୍ଲେଇ ଓ କ୍ରିଷ୍ଟିଆନ୍ ଟେଲରଙ୍କ ପଛକୁ ତୃତୀୟ ସ୍ଥାନରେ ରହିଥିଲେ। ସେହି ସିଜନରେ ସେ ତାଙ୍କ ଜୀବନର ଶ୍ରେଷ୍ଠ ପ୍ରଦର୍ଶନ ସହ ୧୭.୬୮ ମିଟର ଡିଆଁ ମାରିଥିଲେ। ସେତେବେଳେ ଆଣ୍ଟି ଡୋପିଂ ଅଫିସିଆଲମାନେ ବିନା ନୋଟିସ୍‌ରେ କ୍ରାଡକ୍‌ଙ୍କ ଡୋପ୍ ଟେଷ୍ଟ କରିବାକୁ ଚାହିଁଥିଲେ। ମାତ୍ର ସେ ଉପଲବ୍ଧ ହୋଇ ନ ଥିଲେ। ପୁନଶ୍ଚ ଗତ ବର୍ଷ ଜୁନ୍‌ରେ ତାଙ୍କ ଅବସ୍ଥିତି ସମ୍ପର୍କରେ କୌଣସି ସୂଚନା ଆଣ୍ଟି ଡୋପିଂ ଅଫିସିଆଲଙ୍କୁ ଦେଇ ନ ଥିଲେ। ବ୍ଲାକ୍ ଲାଇଭ୍ସ ମ୍ୟାଟର୍ସ ବିରୋଧରେ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିବାରୁ ସେ ଉପଲବ୍ଧ ହୋଇପାରିଲେନି ବୋଲି ସଫେଇ ଦେଇଥିଲେ।

# ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗନେବେ ଲାଲ୍‌ରିନୁଙ୍ଗା, ଶିଉଲି

ନୂଆଦିଲ୍ଲୀ, ୧୫।୫(ପି.ଟି.)


ଜେରେମି ଲାଲରିନୁଙ୍ଗା

ତାସ୍‌କେଣ୍ଟରେ ମେ' ୨୩ରୁ ୩୧ ପର୍ଯ୍ୟନ୍ତ ହେବାକୁଥିବା ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ଭାଗ ନେବା ଲାଗି ୟୁଥ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଭାରୋତ୍ତୋଳକ ଜେରେମି ଲାଲରିନୁଙ୍ଗା (୬୭କେଜି) ମଙ୍ଗଳବାର ଗସ୍ତ କରିବେ। ତାଙ୍କ ସହିତ ଅଚିନ୍ତା ଶିଉଳି(୭୩କେଜି) ମଧ୍ୟ ଯିବେ। ଭାରତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଲ୍‌ଏଫ୍)ତରଫରୁ ସେମାନଙ୍କ ଗସ୍ତ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଦୁଇଜଣଙ୍କ ଲାଗି ବିମାନ ଟିକେଟ ହୋଇସାରିଥିବା ଆଇଡବ୍ଲ୍ୟୁଏଲ୍‌ଏଫ୍ ସମ୍ପାଦକ ସହଦେବ ଯାଦବ ସୂଚନା ଦେଇଛନ୍ତି। ଉଜବେକିସ୍ତାନରେ ଲାଲ୍‌ରିନିଙ୍ଗା ଓ ଶିଉଲିଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ ନାହିଁ। ସେମାନଙ୍କୁ କେବଳ ନେଗେଟିଭ ସାର୍ଟିଫିକେଟ ଦେବାକୁ ପଡ଼ିବ। ମୁଖ୍ୟ କୋଚ୍ ବିଜୟ ଶର୍ମାଙ୍କ ଅନୁପସ୍ଥିତିରେ ଦୁଇ ଭାରୋତ୍ତୋଳକଙ୍କ ସହ କୋଚ୍ ପ୍ରମୋଦ ଶର୍ମା ଓ ବିଜାଇ ରୋହିଲା ଯିବେ। ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁଙ୍କ ସହ ଆମେରିକାରେ ଅଛନ୍ତି। ବିଜୟ ଶର୍ମା ବର୍ତ୍ତମାନ ଅଲିମ୍ପିକ

# ବେଲଜିୟମ-ଆର୍ଜେଣ୍ଟିନା ମ୍ୟାଚ ସ୍ଥଗିତ

ଲାଉସାନେ, ୧୫।୫(ପି.ଟି.)

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍**

ବେଲଜିୟମ ଓ ଆର୍ଜେଣ୍ଟିନା ମଧ୍ୟରେ ମେ'୨୨ ଓ ୨୩ରେ ଖେଳାଯିବାକୁ ଥିବା ଏଫ୍.ଆଇ.ଏଚ୍. ହକି ପ୍ରୋ ଲିଗ୍ ମ୍ୟାଚ୍‌କୁ ସ୍ଥଗିତ ରଖାଯାଇଛି। ସମଗ୍ର ବିଶ୍ୱରେ କରୋନା ସଂକ୍ରମଣ ବୃଦ୍ଧି ପାଇଥିବାରୁ ଯାତାୟାତ କଟକଣା ଯୋଗୁ ଏହି ନିଷ୍ପତ୍ତି ନିଆଯାଇଛି। ମ୍ୟାଚ ଖେଳିବା ଲାଗି ଆର୍ଜେଣ୍ଟିନା ହକି ଦଳକୁ ନେଦରଲାଣ୍ଡ ପଥ ଦେଇ ବେଲଜିୟମ ଯିବାକୁ ହେବ। ବର୍ତ୍ତମାନ ନେଦରଲାଣ୍ଡକୁ ବିମାନ ଯାତ୍ରା କଟକଣା ରହିଛି। ଆର୍ଜେଣ୍ଟିନା ବିକଳ୍ପ ବ୍ୟବସ୍ଥା ମଧ୍ୟ କରିପାରି ନାହିଁ। ଅନ୍ୟପକ୍ଷରେ ବେଲଜିୟମର ଜାତୀୟ ମହିଳା ଦଳ ଆଣ୍ଟୱେର୍ପଠାରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ଜୁନିୟର ଚୟନକର୍ତ୍ତା ପାଇଁ ସୁରିନ୍ଦରଙ୍କ ଆବେଦନ

ନୂଆଦିଲ୍ଲୀ,୧୫।୫(ପି.ଟି.)


ସୁରିନ୍ଦର ଅମରନାଥ

ଭାରତୀୟ ଜୁନିୟର କ୍ରିକେଟ ଦଳର ଚୟନକର୍ତ୍ତା ହେବାକୁ ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ସୁରିନ୍ଦର ଅମରନାଥ ଆବେଦନ କରିଛନ୍ତି। ୫ଟି ପଦ ପାଇଁ ଗତମାସ ଶେଷ ତାରିଖ ରହିଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏ ନେଇ ଖୁବ୍‌ଶୀଘ୍ର ଚୟନ ପ୍ରକ୍ରିୟା ଆରମ୍ଭ କରିବ।

ସୁରିନ୍ଦର କ୍ରିକେଟ କିମ୍ବଦନ୍ତୀ ଲାଲା ଅମରନାଥଙ୍କ ପୁଅ। ସେ ଭାରତ ପାଇଁ ୧୦ଟି ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ୧୪୫ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି ଓ ୮୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଆମ ଜାତୀୟ ଦଳ ଭଲ ପ୍ରଦର୍ଶନ କରୁଛି। ଦେଶରେ କ୍ରିକେଟ ବ୍ୟବସ୍ଥା ଓ ସଂସ୍କୃତି ଉଚ୍ଚକୋଟୀର ରହିଛି। ତେଣୁ ପ୍ରତିଭାସମ୍ପନ୍ନ କ୍ରିକେଟର ଦେଶରେ ସୃଷ୍ଟି ହେଉଛନ୍ତି ବୋଲି ୭୨ ବର୍ଷୀୟ ସୁରିନ୍ଦର କହିଛନ୍ତି। ଭଲ କ୍ରିକେଟ ଖେଳିବା ସହ କୋଚିଂରେ ମଧ୍ୟ ସୁରିନ୍ଦରଙ୍କ ଭଲ ଅଭିଜ୍ଞତା ରହିଛି। ସେ କୋଚ୍ ଭାବେ ମରୋକ୍କୋରେ କାର୍ଯ୍ୟ କରିଛନ୍ତି। ଗୋଆ କ୍ରିକେଟ ଆସୋସିଏଶନ ପାଇଁ ସେ ମୁଖ୍ୟ କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟ କରିଛନ୍ତି। ୧୯୭୪ରେ ସେ ଅକଲାଣ୍ଡରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ଡେବ୍ୟୁରେ ସେ ଶତକ ହାସଲ କରିଥିଲେ। ଏହି ମ୍ୟାଚ୍‌ରେ ସେ ସୁନୀଲ ଗାଭାସ୍କରଙ୍କ ସହ ଇନିଂସ ଓପନ କରି ୨୦୪ ରନର ଭାଗୀଦାରି ସ୍ଥାପନ କରିଥିଲେ। ସ୍କୁଲ କ୍ରିକେଟରେ ସେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ଭାରତୀୟ ସ୍କୁଲ ଟେଷ୍ଟ ଟିମ୍ ତରଫରୁ ପ୍ରତିନିଧିତ୍ୱ କରି ସେ ଲର୍ଡ୍ସରେ ଶତକ ହାସଲ କରିଥିଲେ। ଶେଷ ଦୁଇଟି ବଲ୍‌ରେ ଭାରତ ବିଜୟ ପାଇଁ ୯ ରନ ଆବଶ୍ୟକ କରୁଥିବା ବେଳେ ସେ ଦୁଇଟି ଛକା ମାରି ଦଳକୁ ଜିତାଇଥିଲେ।

# ମୋତେ ବଦନାମ କରିବାକୁ ଅଭିଯାନ ଚାଲିଛି: ରମଣ

ନୂଆଦିଲ୍ଲୀ,୧୫।୫(ପି.ଟି.)


ଡବ୍ଲ୍ୟୁ.ଭି. ରମଣ

ଭାରତୀୟ ମହିଳା ସିନିୟର ଦଳର କୋଚ୍ ପଦରୁ ବହିଷ୍କୃତ ହେବା ପରେ ଡବ୍ଲ୍ୟୁ.ଭି. ରମଣ ଏବେ ମୁହଁ ଖୋଲିଛନ୍ତି। ମୋତେ ବଦନାମ କରିବାକୁ ଅଭିଯାନ ଚାଲିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ଷଡ଼ଯନ୍ତ୍ର ତଥା ଅଭିଯାନକୁ ରୋକିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲିଙ୍କୁ ନିବେଦନ କରିଛନ୍ତି।

ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ରାହୁଲ ଦ୍ରାବିଡ ଓ ଗାଙ୍ଗୁଲିଙ୍କୁ ଇ- ମେଲ୍ ଜରିଆରେ ଚିଠି ଲେଖି ସେ ଏ ନେଇ ଅବଗତ କରାଇବାକୁ ପ୍ରୟାସ କରିଛନ୍ତି। କୋଚ୍ ଭାବେ ଅଯୋଗ୍ୟ ହେବା ଛଡା ଅନ୍ୟ କାରଣ ପାଇଁ ତାଙ୍କୁ ବହିଷ୍କାର କରାଯିବା ଚିନ୍ତାଜନକ ବୋଲି ସେ ଉଲ୍ଲେଖ କରିଛନ୍ତି। କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ହେଡ୍ କୋଚ୍ ପଦରୁ ରମଣଙ୍କୁ ହଟାଇ ପୂର୍ବତନ କ୍ରିକେଟର ରମେଶ ପାୱାରଙ୍କୁ ନିଯୁକ୍ତ କରିଛି। ରମଣଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଗତବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ମହିଳା ଟି୨୦ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରି ଅସାଧାରଣ ସଫଳତା ପାଇଥିଲା।

ମୋ ବିରୋଧରେ ଚାଲିଥିବା ଏହି ଅବାଞ୍ଛିତ ଅଭିଯାନକୁ ସ୍ଥାୟୀ ଭାବେ ରୋକା ଯିବା ନିହାତି ଜରୁରୀ। ଏହି ଅଭିଯାନରେ ବିସିସିଆଇର କେତେଜଣ ବରିଷ୍ଠ ଅଧିକାରୀ ମଧ୍ୟ ସାମିଲ ରହିଛନ୍ତି। ଯଦି ଆବଶ୍ୟକ ହୁଏ ତେବେ ଏ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଦେବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଯଦି ଅକ୍ଷମତା ପାଇଁ ମୋତେ ବହିଷ୍କାର କରାଯାଇଛି ତା'ହେଲ ଏଥିରେ ଆଦୌ ଦୁଃଖ କରିବାର ଆବଶ୍ୟକତା ନାହିଁ। କିନ୍ତୁ ଯଦି ଅନ୍ୟ କାରଣ ପାଇଁ ମୋତେ ଅଣଦେଖା କରାଯାଇଛି ତା'ହେଲେ ଏହା ନିଶ୍ଚିତ ଭାବେ ଚିନ୍ତାଜନକ ଓ ଏ ନେଇ କାର୍ଯ୍ୟାନୁଷ୍ଠାନ ହେବା ନିହାତି ଜରୁରୀ। ରମଣ ଭାରତ ପାଇଁ ୧୯୮୮ରୁ ୧୯୯୭ ମଧ୍ୟରେ ୧୧ ଟେଷ୍ଟ ଓ ୨୭ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ତେବେ ଚିଠିରେ ରମଣ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରିନାହାନ୍ତି। ଅବସର ନେବା ପରେ ରମଣ ଦୀର୍ଘ ୨୦ ବର୍ଷ କୋଚ୍ ଭାବେ ସଫଳତାର ସହ କାର୍ଯ୍ୟ କରିଆସୁଛନ୍ତି।







Orissa S.S. : Orissa Drug Distributor (Cuttack) : 2308926, 2308090, 6371713025, Angul : 232710, 231021, 233578, 9861121114, 9439138737, Aska : 9437424001, 272476, Balasore : 9040605196, 8984225824, 266871, 9437754792, 264594, 9437296785, 260025, 260611, 263459, Bamra : 229249, 9937581962, 229266, Barbil : 277283, Bargarh : 246906, 231319, 9437344300, 9777189794, 8093836557, 233089, 230244, Baripada : 9437320423, 9861138256, 9438250003, 9437188717, 257155, 9437320602, Begunia (Khurda) : 9437429268, Berhampur : 9437438256, 9438430070, 9437062015, 2250508, 2250732, 8093328828, 2250789, 9437114236, 9439643040, 2250815, 2250741, Bhadrak : 9437215761, 9040193860, 325007, Bhawanipatna : 233203, Bhubaneswar : 2530442, 9861289000, 9937070886, 2531215, 9437353502, 2530804, 9853451234, 2303977, 9437359374, 2536051, 9040057896, 9437307031, 2532184, 2507586, Bolangir : 9437093264, 233055, 9437210750, 235303, Boudh : 9437154867, Cuttack : 9437247237, 9861102904, 2526335, 6548643, 9583910000, 2308918, 2308627, 2518862, 9937541732, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, 9338620009, Jaraka : 273230, 9437073032, Jatni : 9437162097, Jeypore : 9437406230, 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437689233, 9437250042, 271023, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, 9437070921, Khandapada : 7873439046, 9438424230, Khelar : 9437884540, Khurda : 220419, 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 233156, 9937071720, 225819, Rayagada : 9437643418, 222791, 9937060531, 223356, Rourkela : 2522187, 2522975, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 2532553, 9937065848, 2511996, 9439027507, 2400281, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385

Orissa S.S. : Orissa Drug Distributor (Cuttack) : 2308926, 2308090, 6371713025, Angul : 232710, 231021, 233578, 9861121114, 9439138737, Aska : 9437424001, 272476, Balasore : 9040605196, 8984225824, 266871, 9437754792, 264594, 9437296785, 260025, 260611, 263459, Bamra : 229249, 9937581962, 229266, Barbil : 277283, Bargarh : 246906, 231319, 9437344300, 9777189794, 8093836557, 233089, 230244, Baripada : 9437320423, 9861138256, 9438250003, 9437188717, 257155, 9437320602, Begunia (Khurda) : 9437429268, Berhampur : 9437438256, 9438430070, 9437062015, 2250508, 2250732, 8093328828, 2250789, 9437114236, 9439643040, 2250815, 2250741, Bhadrak : 9437215761, 9040193860, 325007, Bhawanipatna : 233203, Bhubaneswar : 2530442, 9861289000, 9937070886, 2531215, 9437353502, 2530804, 9853451234, 2303977, 9437359374, 2536051, 9040057896, 9437307031, 2532184, 2507586, Bolangir : 9437093264, 233055, 9437210750, 235303, Boudh : 9437154867, Cuttack : 9437247237, 9861102904, 2526335, 6548643, 9583910000, 2308918, 2308627, 2518862, 9937541732, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, 9338620009, Jaraka : 273230, 9437073032, Jatni : 9437162097, Jeypore : 9437406230, 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437689233, 9437250042, 271023, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, 9437070921, Khandapada : 7873439046, 9438424230, Khelar : 9437884540, Khurda : 220419, 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 233156, 9937071720, 225819, Rayagada : 9437643418, 222791, 9937060531, 223356, Rourkela : 2522187, 2522975, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 2532553, 9937065848, 2511996, 9439027507, 2400281, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ରାଜସ୍ୱ ରଥର ଶୁଭାରମ୍ଭ, ଜମିପଟ୍ଟା ପ୍ରଦାନ

**ଅମ୍ବାଭୋନା/ଝାରବନ୍ଧ:** ବରଗଡ଼ ଜିଲା ଅମ୍ବାଭୋନା ତହସିଲ କାର୍ଯ୍ୟାଳୟରେ ଶନିବାର ରାଜସ୍ୱ ରଥର ଶୁଭାରମ୍ଭ କରିଛନ୍ତି ତହସିଲଦାର ସୀତାରାମ ଭୋଇ। ତହସିଲ କର୍ମଚାରୀ, ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ତହସିଲଦାର ଘରକୁ ଘର ଯାଇ ୧୦ଜଣ ଜମିପଟ୍ଟା ଆବେଦନକାରୀଙ୍କୁ ଜମିପଟ୍ଟା ପ୍ରଦାନ କରିଥିଲେ। ଝାରବନ୍ଧରେ ତହସିଲଦାର ସୀମା ସବିତା କୁଲ୍ଲୁ, ସୁପରଭାଇଜର ନବୀନ କୁମାର ରାଉତ, ଟିକେଲାଲ ସାହୁ, ଭୋପାଳ ସାହୁ, ହେମାନନ୍ଦ ବାରିକ ରାଜସ୍ୱ ରଥର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ତହସିଲ ଅନ୍ତର୍ଗତ ଅଡ଼ାପାଣି ଏବଂ ଝାରବନ୍ଧରେ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା।

# ଧାନ କିଣାବିକା ଆରମ୍ଭରୁ ଫଲ୍ସ ଏଣ୍ଟ୍ରି

**ବରଗଡ଼ ଅଫିସ୍, ୧୫।୫**

- ଟୋକନ କଟକଣାରୁ ବଢୁଛି ସମସ୍ୟା
- ଚାଷୀଙ୍କ ଲାଭ ଉଠାଉଛନ୍ତି ବେପାରୀ
- କାର୍ଯ୍ୟାନୁଷ୍ଠାନ ନେବାକୁ ସ୍କ୍ୱାଡ଼ ଗଠନ

ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ କଟନୀଛଟନୀ ଆଳ, ଫଲ୍ସ ଏଣ୍ଟ୍ରି ଅଭିଯୋଗ ହୋଇଛି। ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୬୮ ଏବଂ ଗ୍ରେଡ୍ ଏ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୮୮ ଟଙ୍କା ରହିଛି । କିନ୍ତୁ ସେଭଳି ଅନିୟମିତତା କ୍ଷେତ୍ରରେ ଚାଷୀଙ୍କ ଶହେରୁ ୨ଶହ ଟଙ୍କା କ୍ଷତି ସହିବାକୁ ପଡୁଛି। ବେପାରୀ(ମଧ୍ୟସ୍ଥ), ମିଲର୍ସ ଏହାର ଫାଇଦା ଉଠାଉଛନ୍ତି । ଧାନକ୍ରୟ ସଂସ୍ଥାର କର୍ମଚାରୀ, ସ୍ଥାନୀୟ ଜନ ପ୍ରତିନିଧିଙ୍କ ଭୂମିକା ସନ୍ଦେହଜନକ ହୋଇପଡ଼ିଛି । ସେମାନଙ୍କ ମିଳିଭଗତ୍‌ରେ ଅନିୟମିତତା ଚାଲିଥିବା ଅଭିଯୋଗ ହୋଇଛି। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ପଚାରିବାରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ବିଭିନ୍ନ ମଣ୍ଡି ପରିଦର୍ଶନ କରିବାକୁ ଏକ ସ୍କ୍ୱାଡ଼ ଗଠନ କରାଯାଇଛି। ଯେଉଁଠାରୁ ସେଭଳି କିଛି ଅଭିଯୋଗ ଆସିଲା ଉକ୍ତ ସ୍କ୍ୱାଡ଼କୁ ସେଠାକୁ ପଠାଯାଉଛି। ସେମାନଙ୍କ ତଦନ୍ତ ରିପୋର୍ଟକୁ ଭିତ୍ତି କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ଏକ ଅଭିଯୋଗ ପାଇବା ପରେ ଶନିବାର ସ୍କ୍ୱାଡ଼କୁ ଗୋଡ଼ଭଗା ମଣ୍ଡିକୁ ପଠାଯାଇଥିଲା। ସେମାନେ ତଦନ୍ତ ରିପୋର୍ଟ ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ବରଗଡ଼ ଉପଜିଲାପାଳଙ୍କୁ ପ୍ରଦାନ କରିବେ। ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ, ଟୋକନ ପାଇବା ପରେ ଚାଷୀ ମଣ୍ଡିକୁ ବିକ୍ରି ପାଇଁ ଧାନ ଆଣି ପାରିବ। ଏହାପରେ କ୍ରୟ ସଂସ୍ଥା ଧାନ କିଣିବ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ହାରରେ ଚାଷୀଙ୍କୁ କ୍ରୟଧାନର ପ୍ରାପ୍ୟରାଶି ଅନଲାଇନରେ ପ୍ରଦାନ କରିବ। ଧାନକ୍ରୟ ସଂସ୍ଥାଠାରୁ ମିଲର୍ସ ଧାନ ନେଇ ତାକୁ ମିଲିଂ କରିବ ଏବଂ ଯୋଗାଣ ନିଗମକୁ ଚାଉଳ ଦେବ। କଷ୍ଟମ ମିଲିଂ ବାବଦକୁ ଧାର୍ଯ୍ୟ ଦର ହାରରେ ମିଲିଂ ବାବଦକୁ ଯୋଗାଣ ନିଗମଠାରୁ ମିଲର୍ସ ପ୍ରାପ୍ୟରାଶି ପାଇବ। କିନ୍ତୁ କେତେକ କ୍ଷେତ୍ରରେ ଏହାର ବାସ୍ତବତାରେ ଭିନ୍ନଚିତ୍ର ପରିଲକ୍ଷିତ ହୋଇଥାଏ। ମିଲର୍ସଙ୍କ ମର୍ଜିରେ ମଣ୍ଡିରେ ଧାନ କିଣାବିକା ଚାଲୁଛି। ଅନେକ ସମୟରେ ମଣ୍ଡି ବଦଳରେ ମିଲ୍‌କୁ ସିଧାସଳଖ ଧାନ ଯାଉଛି ଏବଂ ତାକୁ ଫଲ୍ସ ଏଣ୍ଟ୍ରି କରାଯାଉଥିବା ଅଭିଯୋଗ ହୋଇଛି।

ଧାନ କିଣାବିକାରେ ଏଭଳି ଅନିୟମିତତାକୁ ସରକାରଙ୍କ ଧାନ ସଂଗ୍ରହ ନୀତି ବେଶ ସୁହାଉଛି ବୋଲି ବରଗଡ଼ର ଜଣେ ଚାଷୀନେତା ସୁରେଶ୍ବ ନେକାଣ୍ଟି କହିଛନ୍ତି। ଟୋକନ ଅବଧିକୁ ଏକ ମାସରୁ ୧୫ଦିନକୁ ହ୍ରାସ କରାଯାଇଛି। ଟୋକନରେ ନିର୍ଦ୍ଧାରିତ ଦିବସର ୧୨ଦିନ ମଧ୍ୟରେ ମଣ୍ଡିକୁ ଧାନ ଅଣା ନଗଲେ ତାକୁ କିଣାଯିବ ନାହିଁ ବୋଲି ପ୍ୟାକ୍ସ କର୍ମଚାରୀମାନେ କହୁଛନ୍ତି। କିନ୍ତୁ କାଳବୈଶାଖୀ, କୃଷି ଶ୍ରମିକ ଅଭାବ ଯୋଗୁ ଅମଳ ବିଳମ୍ବିତ ହୋଇଛି। ଫଳରେ ଏଭଳି ସ୍ୱଳ୍ପ ସମୟ ମଧ୍ୟରେ ସେମାନେ ମଣ୍ଡିକୁ ଧାନ ଆଣିବା ସମ୍ଭବ ନୁହେଁ। ଫଳରେ ଟୋକନ ଅବଧି ସରିଯିବା ଆଶଙ୍କା କରି କେତେକ ଚାଷୀ ବିଭାଗୀୟ କର୍ମଚାରୀ, ମିଲର୍ସଙ୍କୁ ହାତଗୁଞ୍ଜା ଦେଇ ଫଲ୍ସ ଏଣ୍ଟ୍ରି ପାଇଁ ବାଧ୍ୟ ହେଉଥିବା ପରିଲକ୍ଷିତ ହେଉଛି ବୋଲି ନେକାଣ୍ଟି କହିଥିଲେ। ସେହିପରି ଯେଉଁ ଚାଷୀଙ୍କ ଧାନ ଅମଳ ସରିଛି, ସେଭଳି ଅନେକ ଚାଷୀଙ୍କୁ ଏଯାଏ ଟୋକନ ମିଳି ନାହିଁ। ଫଳରେ ସେମାନେ ମଣ୍ଡିକୁ ଧାନ ନେଇ ପାରୁନାହାନ୍ତି। ଝଡ଼ବର୍ଷା ଲାଗି ରହୁଥିବା ଯୋଗୁ କେତେକ ଚାଷୀ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଶହେ, ୨ଶହ ଟଙ୍କା କମ୍ ଦରରେ ବେପାରୀଙ୍କ ହାତରେ ଧାନ ଟେକି ଦେବାକୁ ବାଧ୍ୟ ହେଉଛନ୍ତି ବୋଲି ଜୟ କିଶାନ ଆନ୍ଦୋଳନ ସମ୍ପାଦକ ହର ବଣିଆ କହିଛନ୍ତି।


ଅତାବିରା ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଧାନ।

## ଏସ୍ଆଇ, ଏଏସ୍ଆଇସ୍ତରରେ ଅଦଳବଦଳ

**ସୋନପୁର, ୧୫।୫(ନି.ପ୍ର.)**

**ସୁବର୍ଣ୍ଣପୁର ଜିଲା**

ସୁବର୍ଣ୍ଣପୁର ଏସ୍‌ପି ସୀତାରାମ ଶତପଥୀ ଜିଲାରେ ଯୋଗଦେବା ପରେ ପ୍ରଥମ ଥର ପାଇଁ ଏସଆଇ ଓ ଏଏସଆଇ ସ୍ତରରେ ଅଦଳବଦଳ କରିଛନ୍ତି। ଖାଲି ପଡିଥିବା ପଦବୀ ଓ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୋଟ ୩୨ ପୋଲିସ ଅଧିକାରୀଙ୍କୁ ବିଭିନ୍ନ ଥାନା, କୋର୍ଟ ଓ ଫାଣ୍ଡିକୁ ବଦଳି କରାଯାଇଛି। ଏସଆଇ ଶିଶୁପାଳ ନାଗଙ୍କୁ ବିନିକା କୋର୍ଟରୁ ସୋନପୁର କୋର୍ଟ, ପୁଷ୍ପାଞ୍ଜଳି ଲେଙ୍କାଙ୍କୁ ସୋନପୁରରୁ ବିନିକା ଥାନା, ସୁବ୍ରତ କୁମାର ପାଣିଗ୍ରାହୀଙ୍କୁ ସୋନପୁର ଥାନାରୁ ଡୁଙ୍ଗୁରିପାଲି ଥାନା, କୃଷ୍ଣଚନ୍ଦ୍ର ମେହେରଙ୍କୁ ସୋନପୁର ଥାନାରୁ ବୀରମହାରାଜପୁର ଆଦର୍ଶ ଥାନା, ପୀୟୂଷରାଜ ନାୟକଙ୍କୁ ତରଭା ଥାନାରୁ ସୁବଳୟା ଥାନା, ପ୍ରିୟଙ୍କା ବେହେରାଙ୍କୁ ତରଭା ଥାନାରୁ ସୋନପୁର ଥାନାକୁ ବଦଳି କରାଯାଇଛି। ସେହିପରି ଶରତ କୁମାର ଆଚାର୍ଯ୍ୟଙ୍କୁ ଉଲୁଣ୍ଡା ଥାନାରୁ ସୋନପୁର, ଚଞ୍ଚଳା ନାୟକଙ୍କୁ ବିନିକା ଥାନାରୁ ଉଲୁଣ୍ଡା, ସୁଦର୍ଶନ ଦେହୁରୀଙ୍କୁ ବୀରମହାରାଜପୁର ଥାନାରୁ ତରଭା, ଦୀପ୍ତିରଞ୍ଜନ ଡିଗାଲଙ୍କୁ ସୁବଳୟା ଥାନାରୁ ସୋନପୁର ଥାନା, ଆରତୀ କହଁରଙ୍କୁ ଡିଆଇବି ସୋନପୁରରୁ ତରଭା ଥାନାକୁ ବଦଳି ହୋଇଛି।

ଏଏସଆଇ ବୁଦ୍ଧୁ ଭୋଇଙ୍କୁ ସୋନପୁର କୋର୍ଟରୁ ବିନିକା ଥାନା, ଆର୍ତ୍ତତ୍ରାଣ ପଣ୍ଡାଙ୍କୁ ରାମପୁର କୋର୍ଟରୁ ଡୁଙ୍ଗୁରିପାଲି କୋର୍ଟ, ବିଭୀଷଣ ଜଗଦଲାଙ୍କୁ ଏସଡିପିଓ ଅଫିସ ସୋନପୁରରୁ ବିନିକା କୋର୍ଟ, ଏକାଦୋଶିଆ ପଧାନଙ୍କୁ ସୋନପୁର ଥାନାରୁ ହରଡଖୋଲ ଫାଣ୍ଡି, ସବ୍ୟସାଚୀ ପଧାନଙ୍କୁ ସୋନପୁର ଥାନାରୁ ବିନିକା ଥାନା, ପର୍ଶୁରାମ ମାଝିଙ୍କୁ ହରଡଖୋଲ ଫାଣ୍ଡିରୁ ବିନିକା କୋର୍ଟ, ଚିତ୍ତରଞ୍ଜନ ମହାନନ୍ଦିଆଙ୍କୁ ତରଭା ଥାନାରୁ ଧର୍ମଶାଳା ପାଣ୍ଡିକୁ ବଦଳି ହୋଇଛି। ସେହିପରି ନାରାୟଣ ସାହାଙ୍କୁ ତରଭା ଥାନାରୁ ସୁବଳୟା ଥାନା, ଗଜାନନ ଭୋଇଙ୍କୁ ବିନିକା ଥାନାରୁ ସୋନପୁର ଥାନା, ମୋହନ ବରିହାଙ୍କୁ ରାମପୁର ଥାନାରୁ ଡୁଙ୍ଗୁରିପାଲି ଥାନା, ସୁରୁ ବିଶ୍ୱାଳଙ୍କୁ ବୀରମହାରାଜପୁର ଥାନାରୁ ଡୁଙ୍ଗୁରିପାଲି ଥାନା, ସନ୍ତୋଷ କୁମାର ଗୌଡାଙ୍କୁ ବୀରମହାରାଜପୁର ଥାନାରୁ ବୀରମହାରାଜପୁର କୋର୍ଟ, ସୁନ୍ଦରମଣି ମାଝୀଙ୍କୁ ଧର୍ମଶାଳା ଫାଣ୍ଡିରୁ ତରଭା ଥାନା, ପ୍ରସାଦି ପଧାନଙ୍କୁ ସୁବଳୟା ଥାନାରୁ ଏସ୍‌ଡିପିଓ ଅଫିସ ସୋନପୁର, ମାଘ ବାରିକଙ୍କୁ ସୁବଳୟା ଥାନାରୁ ଲଛିପୁର ଫାଣ୍ଡି, ସୁରଞ୍ଜ ସେଠୀଙ୍କୁ ଡୁଙ୍ଗୁରିପାଲି ଥାନାରୁ ରାମପୁର ଥାନା, ପ୍ରତାପ ଚନ୍ଦ୍ର ନାଏକଙ୍କୁ ଡୁଙ୍ଗୁରିପାଲି ଥାନାରୁ ସୋନପୁର ଥାନା, ପ୍ରଦୀପ କୁମାର ବାଘଙ୍କୁ ଡୁଙ୍ଗୁରିପାଲି ଥାନାରୁ ରାମପୁର କୋର୍ଟ, ହେଡକ୍ୱାର୍ଟର୍ସରେ ଥିବା ବିପିନ ବିହାରୀ ଜାନୀଙ୍କୁ ତରଭା ଥାନା, ଗୋପାଳଜୀ ଭୋରାସାଗରଙ୍କୁ ବୀରମହାରାଜପୁର ଥାନା ଓ ହୀରାଲାଲ ମିଶ୍ରଙ୍କୁ ସୁବଳୟା ଥାନାକୁ ବଦଳି କରାଯାଇଛି।

**ସଂକ୍ଷେପରେ**

### ମନ୍ଦିର ପୂଜାରୀଙ୍କୁ ଆକ୍ରମଣ, ଜଣେ ଗିରଫ

**ଟିଟିଲାଗଡ, ୧୫।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ନିକଟ ଝାରଦେବନ୍ଧ ଶିବ ମନ୍ଦିରର ପୂଜାରୀ ହରେ ମହାପାତ୍ର ଓ ତାଙ୍କ ସହଯୋଗୀଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ ହୋଇଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଟିଟିଲାଗଡ ଥାନା ପୋଲିସ ପଙ୍କଜ ନାଗଙ୍କୁ ଶନିବାର ଗିରଫ କରିଛି। ଏ ନେଇ ଦଫା ୩୦୭, ୩୪୧, ୪୨୭ ୨୯୪, ୩୨୪ରେ ଏକ ମାମଲା(ନଂ. ୧୬୭/୨୧) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନରେ ହରେ ମହାପାତ୍ର ଓ ତାଙ୍କ ସାଥୀ ପୂଜା ସାରି ବାହାରକୁ ଆସୁଥିବା ବେଳେ ଅଭିଯୁକ୍ତ ପଙ୍କଜ ମନ୍ଦିର ସମ୍ମୁଖରେ ଥିବା ଏକ ଗଛ କାଟିବା ପାଇଁ ପ୍ରସ୍ତୁତ ହେଉଥିଲେ। ହରେ ଗଛ କାଟିବା ପାଇଁ ତାଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଉତ୍ତ୍ୟକ୍ତ ହୋଇ ପଙ୍କଜ ଧରିଥିବା ଟାଙ୍ଗିଆରେ ହରେଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ରକ୍ଷା କରିବାକୁ ଯାଇ ତାଙ୍କ ସହ ଥିବା ସହଯୋଗୀ ମଧ ଆକ୍ରମଣର ଶିକାର ହୋଇଥିଲେ।

### ଭୂମିପୂଜନ ଉତ୍ସବ

**ବିନିକା, ୧୫।୫(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ଗାଁ ଗୋପାଳଜୀ କଳା ପରିଷଦର ନୂତନ ଗୃହ ନିର୍ମାଣ ଲାଗି ଭୂମିପୂଜା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ କରୋନା ଗାଇଡ୍ ଲାଇନ ଅନୁଯାୟୀ ଗାଁ ଉପକଣ୍ଠରେ ଚିହ୍ନଟ ହୋଇଥିବା ସରକାରୀ ଜାଗାରେ ଗୃହ ନିର୍ମାଣ ପାଇଁ ଭୂମିପୂଜା କରିଥିଲେ। କଳା ପରିଷଦ ସଦସ୍ୟମାନେ ବ୍ଲକ ଅଧକ୍ଷଙ୍କୁ ସିଲାଟି ଛକରେ ସ୍ୱାଗତ ଜଣାଇ ଭଣ୍ଡାରକୁ ପାଛୋଟି ନେଇଥିଲେ। ଭୂମିପୂଜନ ଉତ୍ସବରେ ପରିଷଦର ସଭାପତି ଦେବେନ୍ଦ୍ର ମାଝୀ, କୋଷାଧକ୍ଷ ସଂଗ୍ରାମ ଶେଖର ହୋତା, ୱାର୍ଡମେମ୍ବର, ସାମାଜିକ କର୍ମୀ ମନୋଜ ସାହୁ, ଆଶିଷ ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ପର୍ଶୁରାମ ଜୟନ୍ତୀ ପାଳିତ

**ମନମୁଣ୍ଡା, ୧୫।୫(ଡି.ଏନ.ଏ.):** ବୌଦ୍ଧ ଜିଲା ମନମୁଣ୍ଡା ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।ଏହି ଅବସରରେ ଶ୍ରୀଦଧିବାମନଜୀଉ ମନ୍ଦିରରେ ପୂଜକ ଗୋପୀନାଥ ହୋତା ପ୍ରଭୁ ପର୍ଶୁରାମଙ୍କ ପୂଜାର୍ଚ୍ଚନା କରିଥିଲେ। ବ୍ରାହ୍ମଣ ସମାଜ ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ, ସମ୍ପାଦକ ବୈଦ୍ୟନାଥ ହୋତା, ଉପଦେଷ୍ଟା ଜ୍ୟୋତିର୍ବିଦ ବିନାୟକ ରଥ, ବରିଷ୍ଠ ସଭ୍ୟ ନିରଞ୍ଜନ ହୋତା ପ୍ରମୁଖ ପର୍ଶୁରାମଙ୍କ ପୂଜାର୍ଚ୍ଚନା କରି ଜୟନ୍ତୀ ପାଳନ କରିଥିଲେ।

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

**ଭବାନୀପାଟଣା, ୧୫।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କ ଅଧକ୍ଷତାରେ ଭାର୍ଚୁଆଲ ମାଧ୍ୟମରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶକ୍ତିମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ନର୍ଲା ବିଧାୟକ, ଭୁପେନ୍ଦ୍ର ସିଂହ, ଧର୍ମଗଡ ବିଧାୟକ ମୌଷଧି ବାଗ ଓ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଉପସ୍ଥିତ ରହି ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ବିଶେଷ କରି ବନ୍ୟା ସମୟରେ ଗୋଖାଦ୍ୟ ମହଜୁଦ୍, ରିଲିଫ ସାମଗ୍ରୀ, ବନ୍ୟା ପ୍ରତିରୋଧ ଯନ୍ତ୍ରପାତି, ବନ୍ୟା ଆଶ୍ରିତ ଗୃହ ଓ ସାମାଜିକ ଆଶ୍ରୟସ୍ଥଳି, ଅଗ୍ନିଶମ ବିଭାଗ ତତ୍‌ପରତା, ଜଳସେଚନ ଓ ଉଠାଜଳ ସେଚନ, ବିଶୁଦ୍ଧ ପାନୀୟ ଜଳ ଓ ପରିମଳ, ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ଗୃହ ନିର୍ମାଣ, କୃଷି, ପଶୁପାଳନ, ଜାତୀୟ ରାଜପଥ, ବିଦ୍ୟୁତ୍ ଆଦି ୧୬ଟି ମୁଖ୍ୟ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲାର ୧୩ଟି ବ୍ଲକରେ ଯୋଗାଣ ବିଭାଗ ପକ୍ଷରୁ ଦୁର୍ଗମ ଅଞ୍ଚଳରେ ଚୁଡା, ଗୁଡ, ଡିଆସିଲି, ବିସ୍କୁଟ୍, ମହମବତୀ, ଚାଉଳ, ଖାଇବା ତେଲ ମହଜୁଦ କରି ରଖିବା ସହିତ ବନ୍ୟା ଅଞ୍ଚଳରେ ପଲିଥିନ୍ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ବିଭାଗର ଆବଶ୍ୟକ ଔଷଧ, ଓଆର୍‌ଏସ୍, ମ୍ୟାଲେରିଆ ଔଷଧ ଆଦି ବିଭିନ୍ନ ସବ୍‌ସେଣ୍ଟର, ପିଏଚ୍‌ସି, ସିଏଚ୍‌ସିରେ ମହଜୁଦ୍ ରଖିବା, ପଶୁପାଳନ ବିଭାଗ ପକ୍ଷରୁ ଗୃହପାଳିତ ପଶୁମାନଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ସହିତ ପୂର୍ତ୍ତ ବିଭାଗ, ପିଏଚ୍‌ଡି, ଆର୍‌ଡବ୍ଲୁ ଏସ୍‌ଏସ୍ ଆଦି ବିଭାଗ ଅଧିକାରୀମାନେ ସଜାଗ ରହି ପ୍ରଭାବିତ ଲୋକମାନଙ୍କୁ ଉଦ୍ଧାର ଓ ସେମାନଙ୍କ ସୁବିଧା ଉପରେ ଆଲୋଚନା କରାଯାଇଥିଲା। ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆଗାମୀ ବର୍ଷା ଋତୁରେ ବନ୍ୟାଜନିତ ମୁକାବିଲା ଓ ସତର୍କତା ଭାବେ ନିଜ କାର୍ଯ୍ୟ ସୁଚାରୁ ରୂପେ ତୁଲାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏସ୍‌ପି ଡ. ଶ୍ରବଣ ବିବେକ ଏମ୍, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ପିଡିଡିଆର୍‌ଡିଏ, ଧର୍ମଗଡ ଓ ଭବାନୀପାଟଣା ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଆଲୋଚନାରେ ଭାଗ ନେଇଥିଲେ। ଜିଲା ଜରୁରୀ ବିଭାଗ ଅଧିକାରୀ ସୁଶ୍ରୀ ପ୍ରଧାନ ବୈଠକ ସଞ୍ଚାଳନା କରିଥିଲେ।

## ମନମୁଣ୍ଡାରେ ଅଖିମୁଠି ଅନୁକୂଳ

**ମନମୁଣ୍ଡା, ୧୫।୫(ଡି.ଏନ.ଏ.)**

ବୌଦ୍ଧ ଜିଲା ମନମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଚାଷୀମାନେ ଅଖିମୁଠି ଅନୁକୂଳ କରି ଚାଷ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ବୌଦ୍ଧ ଜିଲା ବିଜୁ କୃଷକ ସଭାପତି ଶାନ୍ତନୁ ଥାଟି ବରଗୋଛାଠାରେ ଅଖି ମୁଠି ଅନୁକୂଳ କରି କୃଷକମାନଙ୍କ ଫସଲ ଅଧିକ ହେବାର ପ୍ରାର୍ଥନା କରିଥିଲେ। ସେହିପରି ଦମାମୁଣ୍ଡାରେ ସଂକୀର୍ତ୍ତନ ପ୍ରଧାନ, ରତାଖଣ୍ଡିରେ ନିରଞ୍ଜନ କର୍ଣ୍ଣ, ନଦିଆନଗରରେ ନାରାୟଣ କର୍ମୀ, ନୂର୍ପାରେ କୃଷ୍ଣଚନ୍ଦ୍ର ମହଲା, ଗୁନା ଦାନୀ, ଶିବ ଚୋଉଳିଆ, ଭଲିଆପଦରରେ ବାବୁଲାଲ ମହାକୁଡ଼, ଜାମୁପାଲିରେ ଶିବଶଙ୍କର ବହିଦାର, ମନମୁଣ୍ଡାରେ ମିଳନ ସାହୁ ଅଖିମୁଠି ଅନୁକୂଳ କରିଥିଲେ। ପାଇଥିଲେ।

## ମାଟି ମା'ର ପୂଜାର୍ଚ୍ଚନା କଲେ ଚାଷୀ


ମାଟି ମା'ର ପୂଜା କରାଯାଉଛି।

**କର୍ଲାମୁଣ୍ଡା, ୧୫।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତ ସିଲେଟପଡାଠାରେ ଗ୍ରାମ ବିକାଶ କମିଟି ପକ୍ଷରୁ ଚାଷୀମାନେ କୋଭିଡ୍ ନିୟମ ପାଳନ କରିବା ସହ ଶନିବାର ଅକ୍ଷୟ ତୃତୀୟା ଅବସରରେ ମାଟି ମା'ର ପୂଜାର୍ଚ୍ଚନା କରିଥିଲେ। ଏଥିରେ ଗ୍ରାମର ଚାଷୀ ଭାବଗ୍ରାହୀ ସାହୁ, ଜଳନ୍ଧର ଭୋଇ, ଦ୍ରୋଣ ସାହୁ, ଲକ୍ଷ୍ମୀଧର ମାଝି, ବିଭିଷଣ ମାଝି, ନରେଶ ସାହୁ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଖରିଫ ଋତୁରେ ଗ୍ରାମର ସବୁ ଚାଷୀମାନେ ଜୈବିକ ପଦ୍ଧତିରେ ଧାନଚାଷ କରିବା ପାଇଁ ଶପଥ ନେଇଥିଲେ। ସେହିପରି ବ୍ଲକର ଗଜବାହାଲ ପଞ୍ଚାୟତ କଅଁସିଲ, ବିଜାପାଟିଠାରେ ମଧ ମାଟି ମା'ର ପୂଜା କରି ଜୈବିକ ପଦ୍ଧତିରେ ବିହନକୁ ବିଶୋଧନ କରାଯାଇଥିଲା।

### କରୋନାରେ ଯୁବଉଦ୍ୟୋଗୀଙ୍କ ମୃତ୍ୟୁ

**ଜୁନାଗଡ଼, ୧୫।୫ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ଼ ସହରର ଯୁବଉଦ୍ୟୋଗୀ ତଥା ସାମାଜିକ କର୍ମୀ



ପ୍ରୀତମ (ବଣ୍ଟି) ଅଗ୍ରୱାଲଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅସ୍ଥାରେ ରୋନାରେ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୩୮ ବର୍ଷ ହୋଇଥିଲା। ଗତ କିଛି ଦିନ ହେଲା ସେ କରୋନାରେ ଆକ୍ରାନ୍ତ ହୋଇ ବିଶାଖାପାଟଣାସ୍ଥିତ ଏକ ଘରୋଇ କୋଭିଡ୍ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ଅନେକ ବ୍ୟକ୍ତି ତାଙ୍କ ଫୋଟକୁ ସୋସିଆଲ ମିଡିଆରେ ପୋଷ୍ଟ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେହିପରି ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଶୋକ ପ୍ରକାଶ କରିଛନ୍ତି। ସେ ଜଣେ ଯୁବ ଉଦୌଗି ତଥା ସାମାଜିକ କର୍ମୀ ଭାବେ ଜିଲାରେ ଜଣାଶୁଣା ଥିଲେ।

### ସ୍ୱାମୀ ରାମପ୍ରିୟନନ୍ଦ ସରସ୍ୱତୀଙ୍କ ଦେହାନ୍ତ

**ବଲାଙ୍ଗୀର ଅଫିସ, ୧୫।୫:** ବଲାଙ୍ଗୀର ଚିନ୍ମୟ ମିଶନର ସ୍ୱାମୀ ରାମପ୍ରିୟନନ୍ଦ



ସରସ୍ୱତୀଙ୍କ ଶନିବାର ଦେହାନ୍ତ ହୋଇଯାଇଛି। କିଛି ଦିନ ତଳେ ସେ କରୋନା ସଂକ୍ରମିତ ବୋଲି ଚିହ୍ନଟ ହୋଇଥିଲା। ତିନିଦିନ ତଳେ ସ୍ଥାନୀୟ କିସ୍ କୋଭିଡ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିଲା। ସ୍ୱାମୀଜୀ ବଲାଙ୍ଗୀର ଚିନ୍ମୟ ମିଶନଠାରେ ପ୍ରତ୍ୟହ ଯୋଗଶିକ୍ଷା ଦେବା ସହ ଆତ୍ମଜ୍ଞାନ ବିଷୟରେ ଜନସାଧାରଣଙ୍କୁ ପ୍ରବଚନ ଦେଉଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଶୋକ ପ୍ରକାଶ ପାଇଛି।

## ବନ ବିଭାଗ ଅଫିସ ସାମ୍ନାରେ ଗଣଧାରଣା

**ଗୋଲାମୁଣ୍ଡା, ୧୫।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଫରେଷ୍ଟ ଅଧୀନ ଡୁଡୁକେଲ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ କୂଅ ଖନନ କରିବା ଅଭିଯୋଗରେ କେଗାଁ ବନ ବିଭାଗ ଏକ ଜେସିବି ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରି କୋର୍ଟଚଲାଣ କରିଛି। ଏହାର ପ୍ରତିବାଦରେ ଶନିବାର କେଗାଁ ଅଞ୍ଚଳର ସଚେତନ ନାଗରିକ ପକ୍ଷରୁ କେଗାଁ ବନ ବିଭାଗ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ବେନିୟମ ତଥା ମାଲିକଙ୍କୁ ଆକ୍ରୋଶ ମନୋଭାବ ରଖି ଏଭଳି କରାଯାଇଥିବା ଧାରଣାକାରୀମାନେ ଅଭିଯୋଗ କରିଛନ୍ତି । ଗଣଧାରଣାରରେ ଦିଗାମ୍ବର ରଣା, ତ୍ରିଲୋଚନ ସାହୁ, ଜୟରାମ ମାଝି, ମିନିକେତନ ପୁଟେଲ, ଜନାର୍ଦ୍ଦନ ଭଇଁସାଲ, ଘସିରାମ ରଣା, ରାଧାମୋହନ ସାହୁ, ଅଖିଳ ଭୋଇ ପ୍ରମୁଖ ସାମିଲ ହୋଇଥିଲେ।



## ଛେଳିବାହାଲ କଣ୍ଟେନ୍‌ମେଣ୍ଟ ଜୋନ

**ବାଉଁଶୁଣୀ, ୧୫।୫ (ଡି.ଏନ.ଏ):** ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଅନ୍ତର୍ଗତ ଛେଳିବାହାଲ ଗ୍ରାମରେ ଶୁକ୍ରବାର ୧୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସଂକ୍ରମଣ ଯେପରି ନ ବ୍ୟାପେ ସେଥିପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଉଁଶୁଣୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରାଣବନ୍ଧୁ ପ୍ରଧାନ ୨୦ତାରିଖ ପର୍ଯ୍ୟନ୍ତ ଛେଳିବାହାଲ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ଗାଁ ମୁଣ୍ଡରେ କଣ୍ଟା ଘେରା ଦେଇ ସିଲ୍ କରିଛନ୍ତି। ଏହି ସମୟରେ ବାହାର ଗାଁର ଲୋକ ଛେଳିବାହାଲ ଗ୍ରାମକୁ ଓ ଛେଳିବାହାଲ ଗ୍ରାମରୁ ଅନ୍ୟ ଗ୍ରାମକୁ ନ ଯିବା ପାଇଁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କରାଯାଇଛି।ଏହାକୁ ଅବମାନନା କଲେ କୋଭିଡ-୧୯ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଚେତାଇ ଦିଆଯାଇଛି ।

## ପ୍ରବାସୀଙ୍କ ଘରବାହୁଡ଼ା ଚିନ୍ତା ବଢ଼ାଉଛି

**ବାଉଁଶୁଣୀ, ୧୫।୫(ଡି.ଏନ.ଏ.)**

**ଅନ୍ୟ ରାଜ୍ୟ ବସ ଦେଖି ଲୋକେ ଆତଙ୍କିତ**

ବର୍ତ୍ତମାନ ରାଜ୍ୟ ତଥା ଦେଶରେ କରୋନାର ଦ୍ୱିତୀୟ ଲହର ବଢି ଚାଲିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପ୍ରତି ରାଜ୍ୟର ସୀମା ସିଲ୍ କରିବା ପାଇଁ ରାଜ୍ୟଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ଯେପରି ପ୍ରବାସୀ ଶ୍ରମିକ ନିଜ ରାଜ୍ୟକୁ ନ ଫେରନ୍ତି ସେଥିପାଇଁ କଡା ପଦକ୍ଷେପ ନିଆଯିବାକୁ କୁହାଯାଇଥିଲା। ଏହା ମଧ ଠିକ ଠାକ୍ ଚାଲିଥିଲା। କିନ୍ତୁ ଗତ କିଛି ଦିନ ହେଲା ଅନ୍ୟ ରାଜ୍ୟର ବସ ଯୋଗେ ପ୍ରବାସୀ ଓଡ଼ିଆଙ୍କ ଘର ବାହୁଡ଼ା ଯୋଗୁ ଅଞ୍ଚଳବାସୀଙ୍କ ଚିନ୍ତା ବଢିଛି । କିଛି ଦିନ ତଳେ ଜିଲା ପ୍ରଶାସନ ପ୍ରବାସୀ ଓଡ଼ିଆଙ୍କ ପାଇଁ କ୍ୱାରେନ୍‌ଟାଇନ ସେଣ୍ଟର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୌଦ୍ଧ ବ୍ଲକ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ୱାରେନ୍‌ଟାଇନ ସେଣ୍ଟର ପାଇଁ ପ୍ରସ୍ତୁତି ଶେଷ ହୋଇଥିଲା। ୨୦ଟି ଶଯ୍ୟା ବ୍ୟବସ୍ଥା ହୋଇଥିଲା । ଜିଲାପାଳ ଓ ବିଡ଼ିଓ ମଧ ଏହାର ତଦାରଖ କରିଥିଲେ। ମାତ୍ର ନିକଟରେ ବାହାର ରାଜ୍ୟର ଏକ ବସ ( ନଂ କେଏଲ-୦୨-ଏ ୱାଇ -୦୩୦୬ )ଜହ୍ନାପଙ୍କ ଅଞ୍ଚଳର ଶ୍ରମିକମାନଙ୍କୁ ଆଣି ଗାଁ ଗାଁରେ ଛାଡିଯାଉଥିବା ଦେଖିବାକୁ ମିଳିଥିଲା। ୨ ଦିନ ତଳେ ଏହି ବସ କିଛି ସମୟ ପାଇଁ ଜହ୍ନାପଙ୍କ ଛକରେ ଠିଆହୋଇଥିଲା ଓ ପରେ କମିରା ରାସ୍ତାରେ ଚାଲି ଯାଇଥିଲା। ତେବେ ଘରକୁ ଫେରିଥିବା ଶ୍ରମିକଙ୍କ ଦ୍ୱାରା ଏବେ ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ବଢୁଥିବା ସନ୍ଦେହ କରାଯାଉଛି। ପୂର୍ବରୁ ଆଶାକର୍ମୀମାନଙ୍କ ଦ୍ୱାରା ଗାଁରେ ସର୍ଭେ କରାଯାଇଥିଲା। ଏହି ତଥ୍ୟକୁ ଦେଖିଲେ କିଏ କିଏ ବାହାରେ ଥିଲେ ତାହା ସ୍ପଷ୍ଟ ହୋଇଯିବ ଏବଂ ସେମାନଙ୍କ କୋଭିଡ ଟେଷ୍ଟ କରାଗଲେ ସଂକ୍ରମଣ ବଢିବା ଚେନ୍‌କୁ ଭାଙ୍ଗିହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ଜହ୍ନାପଙ୍କ ଛକରେ ବାହାର ରାଜ୍ୟର ବସ୍।



ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୧୬ ମେ, ୨୦୨୧

## ପୁଣି ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ଗ୍ରାମର ଜଣେ ୬୬ବର୍ଷୀୟ ବ୍ୟକ୍ତିଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ସେ ଆଜକୁ ପ୍ରାୟ ୭ଦିନ ହେଲା କରୋନାରେ ଆକ୍ରାନ୍ତ ହୋଇ ବୁର୍ଲା କୋଭିଡ୍ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। କୋଭିଡ୍ ନିୟମ ଅନୁଯାୟୀ ବୁର୍ଲାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସେବା ସମବାୟ ସମିତିର ସମ୍ପାଦକଭାବେ କାର୍ଯ୍ୟ କରି ସେ ଅବସର ନେଇଥିଲେ। ସପ୍ତାହକ ମଧ୍ୟରେ ଖଣ୍ଡହତା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୫ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏବେ ବି ଅନେକ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକେ ଗୁରୁତର ଅବସ୍ଥାରେ ବିଭିନ୍ନ କୋଭିଡ୍ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।



**ସଂକ୍ଷେପରେ**

## କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ରୁଗୁଡ଼ିପାଲି

**ଦେଓଗାଁ,୧୫।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ରୁଗୁଡ଼ିପାଲି କଣ୍ଟେନମେଣ୍ଟ ଜୋନ ଘୋଷିତ ହୋଇଛି। କରୋନା ସଂକ୍ରମଣକୁ ଆଖି ଆଗରେ ରଖି ବ୍ଲକ ପ୍ରଶାସନ ଶୁକ୍ରବାର ଏହି ନିଷ୍ପତ୍ତି ନେଇଛି। ଗାଁରେ ପୂର୍ବରୁ ୮ଜଣ ଆକ୍ରାନ୍ତ ହୋମ ଆଇସୋଲେଶନରେ ଥିବାବେଳେ ଶୁକ୍ରବାର ଅନ୍ୟ ୩୦ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ଫଳରେ ସଂପୃକ୍ତ ପଞ୍ଚାୟତର ସରପଞ୍ଚ ବାଳକ ପଧାନ ବ୍ଲକ ପ୍ରଶାସନ ସହ ଆଲୋଚନା ପରେ ବିଡିଓ ମୁରଲୀଧର ନାଏକ, ଏବିଡିଓ ରୁଦ୍ରପ୍ରସାଦ ସୁନା ଗାଁରେ ପହଞ୍ଚି ଏକ ସପ୍ତାହ ପାଇଁ ରୁଗୁଡ଼ିପାଲିକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏଥିସହ ଗାଁର ଉଭୟ ମୁଣ୍ଡରେ ବାଉଁଶ ବ୍ୟାରିକେଡ ଲଗାଯାଇ ସିଲ୍ କରାଯାଇଛି। ଏହି ଅବସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ବୀରେନ୍ଦ୍ର ନାଗ, ସରପଞ୍ଚ ପଧାନ, ଗ୍ରାମ ରୋଜଗାର ସେବକ ରାଜେଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଏହି ଗାଁରେ ଯେଉଁମାନଙ୍କ ସାମାନ୍ୟ ଲକ୍ଷଣ ରହିଛି ସେମାନଙ୍କ କୋଭିଡ ପରୀକ୍ଷା ପାଇଁ ସରପଞ୍ଚ ପଧାନ ଦାବି କରିଛନ୍ତି।

## କରୋନା ନେଲା ଆଉ ଏକ ଜୀବନ

**ବେଲପଡା, ୬।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ବ୍ଲକରେ ଆଉ ଜଣେ କରୋନା ସଂକ୍ରମିତଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତକ ଜଣକ କାନୁଟ ଗ୍ରାମର। ୫୨ବର୍ଷୀୟ ଏହି ବ୍ୟକ୍ତି ଜଣକ ଗତ ୪ତାରିଖ ସଂକ୍ରମିତ ଚିହ୍ନଟ ପରେ ହୋମ ଆଇସୋଲେଶନରେ ଥିଲେ। ଅବସ୍ଥା ଗୁରୁତର ହେବାରୁ ୪ଦିନ ତଳେ ବଲାଙ୍ଗୀର କୋଭିଡ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଅପରପକ୍ଷରେ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ୮୦ଜଣଙ୍କ କୋଭିଡ ପରୀକ୍ଷା କରାଯାଇଥିବାବେଳେ ୧୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତ ରୋଗୀଙ୍କୁ ଆବଶ୍ୟକ ଔଷଧ ଦେବା ସହ ହୋମଆଇଶୋଲେସନରେ ରହିବାପାଇଁ ପରାମର୍ଶ ଦିଆଯାଇଥିବା ମେଡିକାଲ ଅଫିସର ଡାକ୍ତର ରବୀନ୍ଦ୍ର ମେହେର ସୂଚନା ଦେଇଛନ୍ତି।

## ପାରୋଲରେ ଗଲେ ୬ ବନ୍ଦୀ

**ବୌଦ୍ଧ ସ୍ୱତନ୍ତ୍ର ଉପକାରାଗାର**

- ଆଉ ଯିବାକୁ ଅଛନ୍ତି ୫ ବନ୍ଦୀ

**ବୌଦ୍ଧ,୧୫।୫(ସ୍ୱ.ପ୍ର.):** ରାଜ୍ୟର ବିଭିନ୍ନ ଜେଲରେ ଅନ୍ତେବାସୀ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏଣୁ ସଂକ୍ରମଣ ବୃଦ୍ଧି ଆଶଙ୍କାକୁ ଦୃଷ୍ଟିରେ ରଖି ସରକାର ଜେଲରେ ଥିବା ବନ୍ଦୀମାନଙ୍କୁ ପାରୋଲରେ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୩ ତାରିଖରେ ବୌଦ୍ଧ ସ୍ୱତନ୍ତ୍ର ଉପକାରାଗାରରେ ୧୯ ଜଣ ଅନ୍ତେବାସୀ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ନିୟମ ଅଧାରରେ ବୌଦ୍ଧ ସ୍ୱତନ୍ତ୍ର ଉପକାଗାଗାରରେ ସଜା କାଟୁଥିବା ୬ ଜଣ ବନ୍ଦୀଙ୍କୁ ଗତ ୧୩ ତାରିଖରେ ପାରୋଲରେ ଛଡା ଯାଇଛି। ଆଗାମୀ ଦିନରେ ଆଉ ୫ ଜଣ ବନ୍ଦୀଙ୍କୁ ପାରୋଲରେ ଛଡାଯିବାର ଅଛି ବୋଲି ସହକାରୀ ଜେଲ ସୁପରିଟେଣ୍ଡେଣ୍ଟ ଟୁନା ମଲ୍ଲିକ ସୁଚନା ଦେଇଛନ୍ତି। ବନ୍ଦୀମାନଙ୍କୁ ୯୦ ଦିନ ପାଇଁ ପାରୋଲରେ ଛଡାଯାଇଛି। ବର୍ତ୍ତମାନ ସ୍ୱତନ୍ତ୍ର ଉପ କାରାଗାରରେ ୩୦୦ ଜଣ ବନ୍ଦୀ ରହିଥିବା ବେଳେ ସେଥିମଧ୍ୟରୁ ୬୦ ଜଣ ସଜା କାଟୁଥିବା ବନ୍ଦୀ ରହିଛନ୍ତି। ବାକି ସମସ୍ତ ବିଚାରଧୀନ ବନ୍ଦୀ ଅଛନ୍ତି। ବର୍ତ୍ତମାନ ଜେଲରେ ଥିବା ୧୩ ଜଣ ବନ୍ଦୀ କରୋନାରେ ଆକ୍ରାନ୍ତ ଅଛନ୍ତି। ଆକ୍ରାନ୍ତମାନଙ୍କୁ ସୁରକ୍ଷିତ ଭାବରେ ରଖାଯାଇଛି।

## ପୂର୍ବତନ କାଉନ୍‌ସିଲରଙ୍କ ପରଲୋକ

**କଣ୍ଟାବାଞ୍ଜି,୧୫।୫(ଡି.ଏନ.ଏ.):** ପୂର୍ବତନ ସର୍ବଭାରତୀୟ ଫୁଟବଲ ଖେଳାଳି, ପ୍ରାକ୍ତନ କାଉନ୍‌ସିଲର ଶେଖ୍ ନାଜିରୁଲ୍ଲା(୮୩)ଙ୍କ କଣ୍ଟାବାଞ୍ଜି ଆଶ୍ରମପଡାସ୍ଥିତ ବାସଭବନରେ ଶନିବାର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ, ପୁଅ, ପୁତ୍ରବଧୂ ଏବଂ ବଡଝିଅ ଉପସ୍ଥିତ ଥିଲେ। ନାଜିରୁଲା ବିଭିନ୍ନ ଓଡିଆ ଓ ହିନ୍ଦୀ ଖବରକାଗଜରେ ଖବରଦାତାଭାବେ କାମ କରିଛନ୍ତି। ଏଥିସହିତ ଜୀବନକାଳରେ ସେ ୨୦ଥର ରକ୍ତଦାନ କରିଛନ୍ତି। ନାଜିରୁଲ୍ଲା କଣ୍ଟାବାଞ୍ଜି ଏନ୍‌ଏସିର ୱାର୍ଡ ନଂ.୧୦ର କାଉନ୍‌ସିଲର ଭାବେ ଅନେକଥର ନିର୍ବାଚିତ ହୋଇ କାର୍ଯ୍ୟ କରିଥିଲେ। ନାଜିରୁଲ୍ଲାଙ୍କ ବିୟୋଗରେ ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ଆୟୁବ ଖାନ୍ ଶୋକପ୍ରକାଶ କରିଛନ୍ତି।

# କାଳବୈଶାଖୀ ଆଣିଲା ଦୁଃଖ



ଉତ୍ପାଦିତ ପିଆଜ।

**ନୂଆପଡ଼ା ଅଫିସ,୧୫।୫**

ନୂଆପଡା ଜିଲା କୋମନା ବ୍ଲକରେ କାଳବୈଶାଖୀ ପବନ ବର୍ଷା ଚାଷୀକୂଳକୁ ଚିନ୍ତାରେ ପକାଇଛି। ଗତ ମଙ୍ଗଳବାର କାଳବୈଶାଖୀ ବର୍ଷା ହୋଇଥିଲା। ସେହି ଦିନଠାରୁ ବର୍ଷା ଲାଗି ରହି ଜମିରେ ପାଣି ଜମି ରହିଛି। ଏଥିଯୋଗୁ ରବିଧାନ, ଚିନାବାଦାମ, ପିଆଜ ଗଜା ହୋଇ ନଷ୍ଟ ହୋଇଛି। କୋମନା ବ୍ଲକର ଅଧିକାଂଶ ଗାଁରେ ଚାଷୀ ଉଠା ଜଳସେଚନ ମାଧ୍ୟମରେ ଧାନଠାରୁ ଆରମ୍ଭ କରି ପନିପରିବା, ଚିନାବାଦାମ, ପିଆଜ ଆଦି ଚାଷ କରିଥାନ୍ତି। ଚଳିତବର୍ଷ କୋମନା ବ୍ଲକର କାଣ୍ଡେତରା, ନୂଆଗାଁ, ଡୁକଲାପଡା, ଲୋହୋଣ୍ଡୋପାଲି, ଠୁଟିବର, କେନ୍ଦୁଭଟା, କାଳିମାଟି, ଦାନୋଝଲା, ମହୁଲଭଟା, ମୂଷାପାଲି, ଶୁକ୍ଲିମୁଣ୍ଡି, କାସିପଲା, ବାଗମୁଣ୍ଡା, ବେଲାରଦନା ସମେତ ବ୍ଲକର ଅଧିକାଂଶ ଗାଁରେ ଚାଷୀ ଅଧିକ ପିଆଜ ଚାଷ କରିଥିଲେ। ଏବର୍ଷ ପିଆଜ ଅମଳ ମଧ୍ୟ ଭଲ ହୋଇଛି। ହେଲେ ଅଦିନିଆ ବର୍ଷା ଯୋଗୁ ସବୁ ପଚିସଢି ନଷ୍ଟ ହେଉଛି । ଚାଷୀଙ୍କଠାରେ ପିଆଜ ରଖିବା ପାଇଁ ଉପଯୁକ୍ତ ସ୍ଥାନ (ଶିତଳ ଭଣ୍ଡାର) ନ ଥିବାରୁ ଅଳ୍ପ ଦିନରେ ପିଆଜ ନଷ୍ଟ ହୋଇଯାଉଛି। ଜିଲାରେ ପିଆଜ ପାଇଁ ମଣ୍ଡି କିମ୍ବା ସ୍ୱତନ୍ତ୍ର ବଜାର ନ ଥିବା ଯୋଗୁ ଚାଷୀ କୋଚିଆ ବେପାରୀଠାରେ ଶାଗମାଛ ଦରରେ କିଲୋ ପ୍ରତି ୧୦ରୁ ୧୨ ଟଙ୍କାରେ ବିକ୍ରି କରୁଛନ୍ତି। ବର୍ତ୍ତମାନ ବଜାରରେ ବେପାରୀମାନେ ୨୫/୩୦ ଟଙ୍କାରେ ବିକ୍ରି କରି ଲାଭବାନ ହେଉଛନ୍ତି। ଚାଷୀ ପରିଶ୍ରମ କରି ଉର୍ପାଜିତ କରୁଥିବା ବେଳେ ଠିକରେ ପାଉଣା ନ ପାଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଚାଷୀ ଋଣ କିମ୍ବା ଧାର କରଜ କରି ଚାଷ କରନ୍ତି। ଅମଳ ହେଲେ ବିକ୍ରୀ କରି ଋଣ ଶୁଝନ୍ତି। ଏପରି ସ୍ଥିତିରେ ଚାଷୀ ଚିନ୍ତାରେ ପଡ଼ିଛି। ଏ ସଂକ୍ରାନ୍ତରେ କୋମନା ତହସିଲଦାର ପୂର୍ଣ୍ଣାନନ୍ଦ ପଟେଲଙ୍କୁ ପଚାରିବାରୁ ଅଦିନିଆ ବର୍ଷା ଯୋଗୁ କ୍ଷୟକ୍ଷତି ହୋଇଛି। ହଲଟିକଲଚର ଓ ଏଗ୍ରିକଲଚର କ୍ଷୟକ୍ଷତିର ଆକଳନ କରି ଦେବେ ଆମେ ଉପର ସ୍ତରକୁ ପଠାଇବୁ। ଆସିଲା ପରେ ପ୍ରୋତ୍ସାହନ ରାଶି ଚାଷୀଙ୍କୁ ଦିଆଯିବ ବୋଲି କହିଥିଲେ।

- ପିଆଜ ଚାଷ ନଷ୍ଟ, ଚାଷୀ ଅଭାବୀ ବିକ୍ରିର ଶିକାର
- ରଖିବା ପାଇଁ ଶୀତଳ ଭଣ୍ଡାର ବ୍ୟବସ୍ଥା ନାହିଁ

**ସେମାନଙ୍କ ମୁହଁରୁ...**



"ଖରା, ବର୍ଷା, ଶୀତରେ ଆମେ ପରିଶ୍ରମରେ ଚାଷ କରି ଉତ୍ପାଦନ କରିଥାଉ । ଅମଳ ହେଲା ବେଳକୁ ବର୍ଷା ଝଡତୋଫାନ ଯୋଗୁ ଚାଷ ନଷ୍ଟ ହେଉଛି। ଅନ୍ୟପଟେ ଅଭାବୀ ବିକ୍ରିର ଶିକାର ହେଉଛୁ। ସ୍ୱତନ୍ତ୍ର ମଣ୍ଡି କିମ୍ବା ବଜାର ବ୍ୟବସ୍ଥା କରାଗଲେ ଚାଷୀ ଉପଯୁକ୍ତ ପାଉଣା ପାଇବା ସାଙ୍ଗେ ଠିକଣା ସମୟରେ ବିକ୍ରି କରିପାରନ୍ତା।"

**ଜଗବନ୍ଧୁ ବେମାଲ, ଠୁଟିବର ଗ୍ରାମର ଚାଷୀ।**



"ଆମ ଅଞ୍ଚଳରେ ପ୍ରତିବର୍ଷ ହଜାର ହଜାର କୁଇଣ୍ଟାଲ ପିଆଜ ଉତ୍ପାଦନ ହେଉଛି। ରଖିବା ପାଇଁ ସ୍ଥାନ ନାହିଁ। ସରକାର ପକ୍ଷରୁ ପିଆଜ ରଖିବା ପାଇ ଶିତଳ ଭଣ୍ଡାର ନିର୍ମାଣ କଲେ ଚାଷୀ ଅଧିକ ଦିନ ରଖିବା ସହିତ ଉଚିତ ସମୟରେ ବିକ୍ରି କରିପାରନ୍ତା। ସାଧାରଣ ଖାଉଟି ମଧ୍ୟ ଠିକ ସମୟରେ ପାଇପାରନ୍ତେ।"

**ନିରଞ୍ଜନ ନାଗ, କେନ୍ଦୁଭଟା ଗାଁର ଚାଷୀ।**



"ସାଧାରଣ ଦୋକାନକୁ ଗଲେ ଯେକୌଣସି ଜିନିଷ ଚଢ଼ା ଦର ଦେଇ କିଣୁଛୁ। କିଷାନର ଉତ୍ପାଦିତ ଫସଲର ଉଚିତ ମୂଲ୍ୟନାହିଁ। ଏଥିପ୍ରତି ପ୍ରଶାସନ ଅବଗତ ହେଲେ ଚାଷୀ ଉପକୃତ ହୋଇ ପାରିବେ।"

**ପାର୍ବତୀ ସୁନା, ମହିଳା ଚାଷୀ**



"ଜିଲାର ପିଆଜ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ଚାଷ ପାଇଁ ଆନୁଷଙ୍ଗିକ ଯନ୍ତ୍ରପାତି ଓ ଚାଷ ଉପରେ ତାଲିମ ଦିଆଯାଉ। ଏହା ହେଲେ ଉତ୍ପାଦନ କ୍ଷମତା ବଢିବା ଓ ଚାଷୀ ଜାଣି ପାରିବେ।"

**ଉଦ୍ଧବ ଶବର, ସାମାଜିକ କର୍ମୀ।**

## ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ଦାବି

**ସୋନପୁର,୧୫।୫(ନି.ପ୍ର.)**

କରୋନା ମହାମାରୀର ମୁକାବିଲା ପାଇଁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନା ଓ କୋଭିଡ ହସ୍ପିଟାଲରେ ଆବଶ୍ୟକ ବ୍ୟବସ୍ଥା କରିବା ପାଇଁ ଭାଜପା ପକ୍ଷରୁ ଦାବି ହେଉଛି। ଏକ ସିଟି ସ୍କାନ ମେସିନ, ଅଧିକ ସଂଖ୍ୟକ ଭେଣ୍ଟିଲେଟର ଓ ଆଇସିୟୁର ବ୍ୟବସ୍ଥା ଯୁଦ୍ଧକାଳୀନ ଭିତ୍ତିରେ କରାଯାଉ। ଏସବୁକୁ ପରିଚାଳନା ପାଇଁ ରାଜ୍ୟ ସରକାର ବିଶେଷଜ୍ଞ ଓ ଟେକ୍‌ନିସିଆନ ନିଯୁକ୍ତି କରନ୍ତୁ ବୋଲି ଗୁରୁବାର ଅନୁଷ୍ଠିତ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ର ଦାବି କରିଛନ୍ତି।

ଜିଲାରେ ବହୁ ଡାକ୍ତର ପଦବୀ ଖାଲି ପଡିଛି। ସେଗୁଡିକୁ ଶୀଘ୍ର ପୂରଣ କରାଯାଉ। ଅଧିକାଂଶ ରୋଗୀଙ୍କୁ ଜିଲାର ଡାକ୍ତରଖାନାଗୁଡିକରେ ଚିକିତ୍ସା କରା ନ ଯାଇ କଟକ, ବଲାଙ୍ଗୀର ଓ ବୁର୍ଲା ରେଫର କରାଯାଉଛି। ତେଣୁ ଗୁରୁତର ରୋଗୀଙ୍କୁ ଦୂର ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସରକାର ଆଡଭାନ୍ସ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ଯୋଗାଇ ଦିଅନ୍ତୁ। ଜିଲାର ସମସ୍ତ ୫୯ଟି ଟିକାକରଣ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ସହିତ ୧୮ରୁ ୪୫ ବର୍ଷର ଲୋକଙ୍କୁ ପୂର୍ବ ଘୋଷଣା ଅନୁଯାୟୀ ଟିକା ଦିଆଯାଉ। ସେହିପରି ସଂକ୍ରମଣକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣରେ ଅକ୍ସିଜେନ ସିଲିଣ୍ଡର ମହଜୁଦ ରଖାଯାଉ ବୋଲି ଦଳ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଛି।

## ଲକ୍‌ଡାଉନ୍ ଭିତରେ ଅକ୍ଷିମୁଠି ଅନୁକୂଳ

**ବଲାଙ୍ଗୀର ଅଫିସ, ୧୫।୫**



ପବିତ୍ର ଅକ୍ଷୟତୃତୀୟା ଅବସରରେ ଜନକପୁର ଗାଁରେ ସୌମେନ୍ଦ୍ର ପରିଚ୍ଛା ଅକ୍ଷିମୁଠି ଅନୁକୂଳ କରୁଛନ୍ତି।

**ଜନକପୁର ଗାଁରେ ଅକ୍ଷୟ ତୃତୀୟା**

ବଲାଙ୍ଗୀର ସଦର ବ୍ଲକ ଜନକପୁର ଗାଁରେ ଜିଲା କୃଷକ ମହାସଂଘ ପକ୍ଷରୁ ଶନିବାର ଅକ୍ଷୟ ତୃତୀୟା ପାଳନ କରାଯାଇ ଅକ୍ଷିମୁଠି ଅନୁକୂଳ କରାଯାଇଛି। କରୋନା ସଂକ୍ରମଣ ଭୟ ଓ କୋଭିଡ କଟକଣା ଭିତରେ ଗାଁର କେତେଜଣ ଚାଷୀ ବିଧିରକ୍ଷା କରିବାକୁ ଯାଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛାଙ୍କ ସାନଭାଇ ସୌମେନ୍ଦ୍ର ପରିଚ୍ଛା ଗାଁର ଚାଷୀଙ୍କ ସହ କ୍ଷେତକୁ ଯାଇ ପାରମ୍ପରିକ ଅକ୍ଷିମୁଠି ଅନୁକୂଳ କରିଥିଲେ। ଚାଷୀ ପିତାମ୍ବର ବିଶି, ନୀଳକଣ୍ଠ ଭୋଇ ହଳିଆ ଗୀତ ଗାଇଥିଲେ। ଚାଷୀ ବେଣୁଧର ବିଶି, ବିନୋଦ ରାଉତ, ପଞ୍ଚାନନ ବିଶି, ବିଷ୍ଣୁ ବିଶି, ବସନ୍ତ ରାଉତ, ହେମନ୍ତ ରାଉତ, ନେପାଳ ବିଶି, ବୀଣା ରାଉତ, ଲଙ୍ଗରାଜ ରାଉତ କ୍ଷେତରେ ହଳ ଧରିଥିଲେ। ଜିଲା କୃଷକ ମହାସଂଘ ସଭାପତି ଡା ପରିଚ୍ଛା ଗତବର୍ଷ କରୋନା ସଂକ୍ରମଣରୁ ମୁକ୍ତ ହୋଇଥିଲେ ମଧ୍ୟ ତାଙ୍କର ଶାରୀରିକ ଅସୁସ୍ଥତା ଲାଗିରହିଥିଲା। ଏହି କାରଣରୁ ସେ ଏବେବି ହାଇଦ୍ରାବାଦ୍‌ର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ନିର୍ଦ୍ଦେଶକ୍ରମେ ସାନଭାଇ ସୌମେନ୍ଦ୍ର ଶନିବାର ପାରମ୍ପରିକ ଅକ୍ଷୟ ତୃତୀୟା ପୂଜାର୍ଚ୍ଚନା ସହ ଅକ୍ଷିମୁଠି ଅନୁକୁଳ କରିଛନ୍ତି। ବଲାଙ୍ଗୀର ଜିଲା କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର ଅକ୍ଷୟ ତୃତୀୟା ଅବସରରେ ଜିଲାର ସମସ୍ତ ଚାଷୀଭାଇଙ୍କୁ ଅଭିନନ୍ଦନ ଜଣାଇ କୋଭିଡ କଟକଣା ଭିତରେ ଚଳିତବର୍ଷ ଚାଷକାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। କୋଭିଡ କଟକଣା ଯୋଗୁଁ ସରକାରୀସ୍ତରରେ ଅକ୍ଷୟ ତୃତୀୟ ଉତ୍ସବ ପାଳନ ହୋଇନାହିଁ । ଏଠାରେ ମଧ ବିଧିରକ୍ଷା ପାଇଁ କେବଳ ପୂଜାର୍ଚ୍ଚନା କରାଯାଇଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର ମହାନ୍ତି କହିଛନ୍ତି।

## ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୫ ପ୍ରବାସୀ ଶ୍ରମିକ

**କର୍ଲାମୁଣ୍ଡା, ୧୫।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମସି)ରେ ୪୫ ପ୍ରବାସୀ ଶ୍ରମିକଙ୍କୁ ରଖାଯାଇଛି। ଏହି ଶ୍ରମିକମାନେ ଶୁକ୍ରବାର ତେଲେଙ୍ଗାନାରୁ ଏକ ବସ୍ ଯୋଗେ ଆସିଥିଲେ। ସେମାନଙ୍କ ମଧ୍ୟରେ ୧୯ଜଣ ମହିଳା ଓ ୨୬ ପୁରୁଷ ଶ୍ରମିକ ରହିଛନ୍ତି। ସେମାନେ ସମସ୍ତେ ଧର୍ମଗଡ ଓ ଜୁନାଗଡ ଅଞ୍ଚଳର ବୋଲି ଜଣାପଡ଼ିଛି। ଏହି ଅବସରରେ ସ୍ଥାନୀୟ ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ରାଜପୁର ସରପଞ୍ଚ ମହେନ୍ଦ୍ର ରଣା, ପିଇଓ ଶଙ୍କର ପଧାନ ପ୍ରମୁଖ ଉପସ୍ଥିତ ରହି ପ୍ରବାସୀ ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## ରୋଗୀଙ୍କ ଘରେ ପହଞ୍ଚାଇଲେ ଅମ୍ଳଜାନ ସିଲିଣ୍ଡର

**ବଲାଙ୍ଗୀର ଅଫିସ, ୧୫।୫**

କରୋନା ମହାମାରୀ ସମୟରେ ମାହେଶ୍ୱରୀ ସଙ୍ଗଠନ ସଦସ୍ୟମାନେ ବଲାଙ୍ଗୀର ଉପକଣ୍ଠସ୍ଥ ମଲମଣ୍ଡା ଗ୍ରାମର ଜଣେ କରୋନା ଆକ୍ରାନ୍ତ ଯୁବକଙ୍କୁ ସହାୟତା ଯୋଗାଇଛନ୍ତି। ଯୁବ ଜଣକ ଘରେ ରହି ଚିକିତ୍ସିତ ହେଉଥିଲେ । ହଠାତ୍ ତାଙ୍କ ଅମ୍ଳଜାନ ସ୍ତର ତଳକୁ ଖସି ଯାଇ ମୁମୂର୍ଷୁ ଅବସ୍ଥାକୁ ଚାଲିଯାଇଥିଲେ। ଖବର ପାଇ ମାହେଶ୍ୱରୀ ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ, ସଭାପତି ଶୋଭାନ କୁମାର ଅଗ୍ରୱାଲ, ସଂଯୋଜକ ପ୍ରୀତିଶ କୁମାର ସାହୁ, ସାହିଲ ସିଂ ଗଡତ୍ୟା ଅମ୍ଳଜାନ ସିଲିଣ୍ଡର ତାଙ୍କ ଘରେ ପହଞ୍ଚାଇଥିଲେ । ଅମ୍ଳଜାନ ସିଲିଣ୍ଡର ଲଗାଇବା ପରେ ଯୁବକ ଜଣକ ନିଶ୍ୱାସ ପ୍ରଶ୍ୱାସ ଜନିତ କଷ୍ଟରୁ ମୁକ୍ତି ପାଇଛନ୍ତି ।

## ପାତାଳି ଶ୍ରୀକ୍ଷେତ୍ର: ରଥକାଠ ପୂଜାର୍ଚ୍ଚନା



ପାତାଳି ଶ୍ରୀକ୍ଷେତ୍ରରେ ରଥକାଠ ପୂଜା କରାଯାଉଛି।

**ଅମରପାଲି,୧୫।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ପ୍ରସିଦ୍ଧ ପାତାଳି ଶ୍ରୀକ୍ଷେତ୍ରରେ ଅକ୍ଷୟତୃତୀୟାରେ ରଥ ନିର୍ମାଣ ପାଇଁ ରଥକାଠ ପୂଜାର୍ଚ୍ଚନା ହୋଇଯାଇଛି। ପାତାଳି ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା ପାଇଁ ଶ୍ରୀଜୀଉମାନଙ୍କ ରଥ ନିର୍ମାଣ ଆରମ୍ଭ ହୋଇଛି। ଚଳିତବର୍ଷର ରଥକୁ ଆକର୍ଷଣୀୟ କରିବା ପାଇଁ ପୁରୀ ଜିଲା ପିପିଲିର ନିରଞ୍ଜନ ମହାରଣା, ଅପର୍ତ୍ତି ମହାରଣା, ମନୋରଞ୍ଜନ ମହାରଣା, ସନାତନ ମହାରଣା, ସଞ୍ଜୟ ମହାରଣା, ନିର୍ମଳ ମହାରଣା ପ୍ରମୁଖ ରଥ ନିର୍ମାଣର ଦାୟିତ୍ୱ ନେଇଛନ୍ତି। ଶନିବାର ଅକ୍ଷୟତୃତୀୟାରେ ରଥଖଳାରେ ତିନିରଥର କାଠଗୁଡ଼ିକୁ ବିଧିମତେ ପୂଜାର୍ଚ୍ଚନା କରାଯାଇଛି। ପୂର୍ବରୁ ରଥକାଠ ସଂଗ୍ରହ କରାଯାଇଥିଲା। କୋଟସମଲାଇର ଶରଦ କର୍ଣ୍ଣ, ମସିଣାପାଲିର କୁନା ରଥ ଓ ଜାନକିସମ ଦେହୁରୀ, ସାରସଜାନର ଅନନ୍ତ ପଧାନ, ରାତ୍ରା ପଧାନ ଓ ଗୁଞ୍ଜିପାଲି ଏବଂ ଖଜୁରିଆପାଲି ଗ୍ରାମବାସୀ ରଥକାଠ ଯୋଗାଇ ଦେଇଛନ୍ତି। ଚଳିତବର୍ଷ ତାଳଧ୍ୱଜ ରଥ ୧୬ଫୁଟ, ଦେବଦଳନ ୧୪ଫୁଟ ଓ ନନ୍ଦିଘୋଷ ରଥ ୧୮ଫୁଟ ଉଚ୍ଚତାର ହେବ। ଏହାସହିତ ଅଶ୍ୱ, ସାରଥି, ପାର୍ଶ୍ୱଦେବଦେବୀ, କପଡ଼ା କାମ ଆଦି ପିପିଲିରେ ହେବା ସ୍ଥିର ହୋଇଛି। ସୁବର୍ଣ୍ଣପୁର ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଲୁଣ୍ଡା ରେଞ୍ଜ ଅଧିକାରୀ ଶିବ ପ୍ରସାଦ ନାଏକ, ବନପାଳ ଦିନେଶ ମାଝି, ପ୍ରଶନ୍ନ କୁମାର ନାୟକ ପ୍ରମୁଖ ସହଯୋଗ କରୁଛନ୍ତି। ଏହାସହିତ ପାତାଳି ସେନାର ସଦସ୍ୟ ଓ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ରଥ ନିର୍ମାଣ ପରିଚାଳନା କରୁଛନ୍ତି।

## ସୀମାନ୍ତ ଚେକ୍‌ପୋଷ୍ଟ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

**ନୂଆପଡ଼ା ଅଫିସ,୧୫।୫**



ସୀମାନ୍ତରେ ଥିବା ଚେକପୋଷ୍ଟ ଜିଲାପାଳ ଅନୁଧ୍ୟାନ କରିଛନ୍ତି।

ନୂଆପଡା ଜିଲାରେ କରୋନାର ମୂଳ ଉତ୍ପାଟନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅଣ୍ଟା ଭିଡି କୋଭିଡ୍ କଟକଣାକୁ କଡାକଡି କରି ଯାଞ୍ଚ ପ୍ରକ୍ରିୟାକୁ ଜାରି ରହିଛି। ଶୁକ୍ରବାର ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ ସିଲଦାସ୍ଥିତ କୋଭିଡ୍ ହସ୍ପିଟାଲ ଅନୁଧ୍ୟାନ କରି ସୀମାନ୍ତରେ ଥିବା ଖରିଆର ରୋଡ ଚେକପୋଷ୍ଟ ଅନୁଧ୍ୟାନ କରିଛନ୍ତି। ସେଠାକାର ସ୍ଥିତି ସମ୍ପର୍କରେ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ସୀମାନ୍ତରେ ପୋଲିସ ପ୍ରଶାସନ ପକ୍ଷରୁ ୨୪ ଘଣ୍ଟା ଯାଞ୍ଚ କରାଯାଉଛି । ବିନା ପ୍ରମାଣରେ କାହାକୁ ଛଡା ଯାଉନାହିଁ। ଯାହାର ଆଣ୍ଟିଜେନ ବା ଆରଟିପିସିଆର ରିପୋର୍ଟ ନେଗେଟିଭ ଥିଲେ ଛତିଶଗଡ ହେଉ ବା ଓଡିଶା ସୀମାକୁ ଯିବାକୁ ଅନୁମତି ଦିଆଯାଉଛି। ସେଠାରେ ଡାକ୍ତରୀ ଦଳ ଅଛନ୍ତି। ଯାହାର କୌଣସି ରିପୋର୍ଟ ନାହିଁ। ତାହାକୁ ସେଠାରେ ଆଣ୍ଟିଜେନ ଟେଷ୍ଟ କରାଯାଉଛି । ଯାହାକୁ ପଜିଟିଭ ବାହାରିଲେ ଔଷଧ ଦେଇ ହୋମ ଆଇସୋଲେଶନରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି ।

## ଯୁବକ ସଂଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**କୋକସରା, ୧୫।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡେଙ୍ଗାଗୁଡା ଗ୍ରାମର ଉଦ୍ୟମି ଯୁବକ ସଂଘ ନବ ଜ୍ୟୋତି ପରିଷଦ ପକ୍ଷରୁ ଶନିବାର ଗାଁ ସଫେଇ କରାଯାଇଛି। ଯୁବକମାନେ ଗ୍ରାମର ବୁଢାରଜାଙ୍କ ମନ୍ଦିର ପରିସରରୁ ଗାଁ ମୁଖ୍ୟ ରାସ୍ତା, ପଞ୍ଚାୟତ ରାସ୍ତା ଓ ପୋଖରୀ ହୁଡାରେ ଜମା ହୋଇଥିବା ଅଳିଆ ଆବର୍ଜନା ସଫା କରିଛନ୍ତି। ଏଥିସହ ଘର ଘର ବୁଲି କୋଭିଡ୍ ନିୟମ ପାଳନ ପାଇଁ ଗ୍ରାମବସୀଙ୍କୁ ସଚେତନ କରିଥିଲେ। ଯୁବକ ସଂଘ ସଭାପତି ମଦନ ଛତ୍ରିଆଙ୍କ ନେତୃତ୍ୱରେ ବ୍ୟାନ ମାଝି, ବିପ୍ଳବ ଛତ୍ରିଆ, ରୋଶନ ମହାନନ୍ଦ, ତ୍ରିନାଥ ମେହେର, ସଚିନ ନାଏକ, ଗଗନ ମାଝି, ଗଜାନନ ମାଝି, ମୁକ୍ତ ପୂଝାରୀ, ତପନ ମାଝି ପ୍ରମୁଖ ଯୁବକ ସଫେଇ ଓ ସଚେତନ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## କରୋନାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ସହାୟତା

**ଖଡ଼ିଆଳ, ୧୫।୫ (ଡି.ଏନ.ଏ.)**

କରୋନାର ଦ୍ୱିତୀୟ ଲହରରେ ନିଜର ଆତ୍ମୀୟଜନଙ୍କୁ ହରାଇ ପରିବାରବର୍ଗ ଭାଙ୍ଗିପଡ଼ିଛନ୍ତି। କିଏ ପରିବାରର ରୋଜଗାର ମୁଖ୍ୟକୁ ତ କିଏ ନିଜ ବାପା, ମା', ଭାଇଭଉଣୀଙ୍କୁ ହରାଇଛନ୍ତି। ଏପରି ସ୍ଥଳେ ନିଜ ଦୁଃଖକୁ ଜଣାଇବା ପାଇଁ କେହି ନାହାନ୍ତି। ଏପରି ସ୍ଥଳେ ଭାଙ୍ଗି ପଡ଼ିଥିବା ପରିବାରକୁ ସମବେଦନା ଜଣାଇବା ଓ ତାଙ୍କର ଦୁଃଖରେ ସାମିଲ ହୋଇ ଖଡ଼ିଆଳ ଦଳିତ ଅଧିକାର ମଞ୍ଚ ସହାୟତାର ହାତ ବଢ଼ାଇଛି। ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି, ଖଡ଼ିଆଳ ବ୍ଲକର ଡୁକୁଲା, ଚନାବେଡା, ଝିଟ୍ରିଧଡ଼ା, ମହୁଲମୁଣ୍ଡା, ପଦ୍ମପୁର ଗ୍ରାମକୁ ଯାଇ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିବା ପରିବାରକୁ ରାଶନ ସାମଗ୍ରୀ ଚାଉଳ, ଡାଲି, ପିଆଜ, ଆଳୁ, ତେଲ, ଲୁଣ ଇତ୍ୟାଦି ସାମଗ୍ରୀ ବଣ୍ଟନ କରିଥିଲେ। ଗରିବ ପରିବାରକୁ ସାହାଯ୍ୟର ହାତ ବଢ଼ାଇବାକୁ ଆହ୍ୱାନ କରିଛନ୍ତି। ଏଥିରେ ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି ତାଣ୍ଡିଙ୍କ ସମେତ ମଞ୍ଚର ଅନ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

# କରୋନା ଦୂର ଲାଗି ହୋମଯଜ୍ଞ

**ବୌଦ୍ଧ,୧୫।୫(ସ୍ୱ.ପ୍ର.)**



ଜଗନ୍ନାଥ ମନ୍ଦିର ପରିସରରେ ହୋମଯଜ୍ଞ।

ରାଜ୍ୟରେ କରୋନା ମହାମାରୀ କାୟା ବିସ୍ତାର କରି ଚାଲିଛି । ବୌଦ୍ଧ ଜିଲାରେ ମଧ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢି ଚାଲିଛି । ଏଥିରୁ ରକ୍ଷା ପାଇବା ନିମନ୍ତେ ପବିତ୍ର ଅକ୍ଷୟ ତୃତୀୟା ଓ ପର୍ଶୁରାମ ଜୟନ୍ତୀ ଅବସରରେ କୋଭିଡ ନିୟମ ପାଳନ କରି ବୌଦ୍ଧ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶ୍ରୀଚନ୍ଦ୍ରଚୁଡ ମନ୍ଦିର ପରିସରରେ ପୁରୋହିତ ରଞ୍ଜିତ କୁମାର ହୋତା ଓ ପୂଜକ ଦେବାଶିଷ ବିଶିଙ୍କ ନେତୃତ୍ୱରେ ରୁଦ୍ରଙ୍କ ନାମରେ ୧୦୮ ଆହୁତି ଦିଆଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପୁରୋହିତ ବିଭୁ ପ୍ରସାଦ ପଣ୍ଡା ଓ କର୍ତ୍ତା ସୂର୍ଯ୍ୟେନ୍ଦ୍ର କୁମାର ଶତପଥୀଙ୍କ ନେତୃତ୍ୱରେ ବିଷ୍ଣୁଙ୍କ ୧୦୮ ନାମରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାମନାଥପଡା ଦୁର୍ଗାମଣ୍ଡପ ପରିସରରେ ପୁରୋହିତ ସିଦ୍ଧେଶ୍ୱର ଯୋଶୀ ଓ ପ୍ରଦୋଷ କୁମାର ମିଶ୍ରଙ୍କ ନେତୃତ୍ୱରେ ଚଣ୍ଡୀଙ୍କ ନାମରେ ଆହୁତି ପ୍ରଦାନ କରାଯାଇଥିଲା। ବ୍ରାହ୍ମଣ ସମାଜ ପକ୍ଷରୁ କରୋନା ବିପତ୍ତିରୁ ଉଦ୍ଧାର ଲାଗି ସମସ୍ତଙ୍କୁ ନିଜ ପରିବାରରେ ଜପ, ଯଜ୍ଞ, ପ୍ରାର୍ଥନା କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂପାଦକ ଦେବାଶିଷ ପୁରୋହିତ ଓ ବରିଷ୍ଠ ସଦସ୍ୟ ସୁଶାନ୍ତ କୁମାର ମହାପାତ୍ର ପରିଚାଳନା କରିଥିଲେ। ଏଥିରେ ଜିଲା ବ୍ରାହ୍ମଣ ସମାଜର ସଦସ୍ୟମାନେ ସହଯୋଗ କରିଥିଲେ।